Investors are advised to refer to the RHP and the section titled **"Risk Factors"** on page 30 of the RHP, before applying in the Issue. A copy of the RHP is made available on website of SEBI at **www.sebi.gov.in**, websites of the Stock Exchanges i.e. BSE Limited and National Stock Exchange of India Limited at **www.bseindia.com** and **www.nseindia.com**, respectively, and on the website of the Company at **https://www.jio.com**; and on the websites of the BRLMs, i.e. **Kotak Mahindra Capital Company Limited** – https://investmentbank.kotak.com; **Morgan Stanley India Company Private Limited** – https://www.morganstanley.com/india; **BofA Securities India Limited** – https://business.bofa.com/bofasindia; **Axis Capital Limited** – www.axiscapital.co.in; **BNP Paribas** – www.bnpparibas.co.in; **Citigroup Global Markets India Private Limited** – www.citigroup.com/global/about-us/global-presence/india/regulatory-disclosures-investment-banking; **CLSA India Private Limited** – www.india.clsa.com; **DAM Capital Advisors Limited** – www.damcapital.in; **Goldman Sachs (India) Securities Private Limited** – www.goldmansachs.com; **HDFC Bank Limited** – www.hdfc.bank.in; **HSBC Securities and Capital Markets (India) Private Limited** – www.business.hsbc.co.in; **ICICI Securities Limited** – www.icicisecurities.com; **IIFL Capital Services Limited** – www.iiflcapital.com; **Jefferies India Private Limited** – www.jefferies.com; **JM Financial Limited** – www.jmfl.com; **J.P. Morgan India Private Limited** – www.jpmipl.com; **SBI Capital Markets Limited** – www.sbicaps.com; **UBS Securities India Private Limited** – www.ubs.com/indiaoffers; **360 ONE WAM Limited** – www.360.one;.

AVAILABILITY OF THE ABRIDGED PROSPECTUS:

A copy of the abridged prospectus is made available on the website of the Company, the BRLMs and the Registrar to the Issue at **https://www.jio.com/platforms/** ; **Kotak Mahindra Capital Company Limited** – https://investmentbank.kotak.com; **Morgan Stanley India Company Private Limited** – https://www.morganstanley.com/india; **BofA Securities India Limited** – https://business.bofa.com/bofasindia; **Axis Capital Limited** – www.axiscapital.co.in; **BNP Paribas** – www.bnpparibas.co.in; **Citigroup Global Markets India Private Limited** – www.citigroup.com/global/about-us/global-presence/india/regulatory-disclosures-investment-banking; **CLSA India Private Limited** – www.india.clsa.com; **DAM Capital Advisors Limited** – www.damcapital.in; **Goldman Sachs (India) Securities Private Limited** – www.goldmansachs.com; **HDFC Bank Limited** – www.hdfc.bank.in; **HSBC Securities and Capital Markets (India) Private Limited** – www.business.hsbc.co.in; **ICICI Securities Limited** – www.icicisecurities.com; **IIFL Capital Services Limited** – www.iiflcapital.com; **Jefferies India Private Limited** – www.jefferies.com; **JM Financial Limited** – www.jmfl.com; **J.P. Morgan India Private Limited** – www.jpmipl.com; **SBI Capital Markets Limited** – www.sbicaps.com; **UBS Securities India Private Limited** – www.ubs.com/indiaoffers; **360 ONE WAM Limited** – www.360.one; Registrar to the Issue, **KFin Technologies Limited** – www.kfintech.com., respectively.

AVAILABILITY OF BID CUM APPLICATION FORMS:

Bid cum Application Forms can be obtained from the Registered and Corporate Office of **JIO PLATFORMS LIMITED, Tel**: +91 22 7967 0000; BRLMs: **Kotak Mahindra Capital Company Limited,** Telephone: +91 22 4336 0000; **Morgan Stanley India Company Private Limited,** Telephone: +91 22 6118 1000; **BofA Securities India Limited,** Telephone: +91 22 6632 8000; **Axis Capital Limited,** Telephone: +91 22 4325 2183; **BNP Paribas,** Telephone: +91 22 3370 4000; **Citigroup Global Markets India Private Limited,** Telephone: +91 22 6175 9999; **CLSA India Private Limited,** Telephone: +91 22 6650 5050; **DAM Capital Advisors Limited,** Telephone: +91 22 4202 2500; **Goldman Sachs (India) Securities Private Limited,** Telephone: +91 22 6616 9000; **HDFC Bank Limited,** Telephone: +91 22 3395 8233; **HSBC Securities and Capital Markets (India) Private Limited,** Telephone: +91 22 6864 1289; **ICICI Securities Limited,** Telephone: +91 22 6807 7100; **IIFL Capital Services Limited,** Telephone: +91 22 4646 4728; **Jefferies India Private Limited,** Telephone: +91 22 4356 6000; **JM Financial Limited,** Telephone: +91 22 6630 3030; **J.P. Morgan India Private Limited,** Telephone: +91 22 6157 3000; **SBI Capital Markets Limited,** Telephone: +91 22 4006 9807; **UBS Securities India Private Limited,** Telephone: +91 22 6155 6000; **and 360 ONE WAM Limited,** Telephone: +91 22 4031 7000; **Syndicate Members: HDFC Securities Limited** Tel: +91 2230753400, **Investec Capital Services (India) Private Limited** Tel: + 91 2268497400, **JM Financial Services Limited** Tel: +91 22 6136 3400, **Kotak Securities Limited** Tel: +91 2242858484, **SBICAP Securities Limited** Tel: +91 22 6943 2521, **Sharekhan Limited** Tel: +91 22 6750 2000, **360 ONE Capital Market Private Limited** ***(Formerly known as Batlivala & Karani Securities India Private Limited)*** Tel: + 91 022 40317000 / +91 022 40076000 **and 360 ONE Distribution Services Limited** Tel: 9321332882 and at the select locations of the Sub-syndicate Members (as given below), SCSBs, Registered Brokers, RTAs and CDPs participating in the Issue. Bid cum Application Forms will also be available on the websites of BSE and NSE and the Designated Branches of SCSBs, the list of which is available at websites of the Stock Exchanges and SEBI.

Sub-Syndicate Members:

Almondz Global Securities Ltd, Ambit Capital Limited, Ambit Private Limited, Amrapali Capital & Finance Services Limited, Anand Rathi Share & Stock Brokers Limited, Anand Share Consultancy, ANS Pvt Limited, Asit C Mehta Financial Services Limited, Asit C Mehta Investment Intermediates Limited, Axis Securities Limited, Bajaj Financial Securities Limited, Bob Capital Markets Limited, Centrum Broking Limited, Centrum Capital Advisors Limited, Centrum Finverse limited, Centrum Wealth Management Ltd, Choice Equity Broking Private Limited, Dalal & Broacha Stock Broking Pvt Limited, DB(International) Stock Brokers Ltd, Eureka Stock & Share Broking Services Ltd, G Raj & Co. (Consultants) Limited, Globe Capital Market Limited, IDBI Capital Market Services Limited, Inga Ventures Pvt Ltd, Innovate Securities Pvt Limited, Intensive Fiscal Services Private Limited, Jhaveri Securities, Jobanputra Fiscal Services Private Limited, Kalpataru Multiplier Limited, Kantilal Chhaganlal Securities Pvt.Ltd, Keynote Capitals Limited, KJMC Capital Market Services Limited, Lakshmishree Investment & Securities Pvt Limited, LKP Securities Limited, Marwadi Shares & Finance Ltd, Mehta Equities Limited, Monarch Networth Capital Limited, Motilal Oswal Financial Services Limited, Motilal Oswal Securities Limited, Nextbillion Technology Private Limited, Nirmal Bang Securities Pvt Limited, Nuvama Wealth and Investment Limited (Edelweiss Broking Limited), Nuvama Wealth Management Limited, Pantomath Financial Services Limited, Patel Wealth Advisors Pvt Limited, Paytm, Prabhudas Lilladher Pvt Limited, Pravin Ratilal Share & Stock Brokers Limited, Religare Broking Limited, Religare Securities Limited, Rikhav Securities Ltd, RR Equity Brokers Private Limited, SMC Global Securities Limited, Standard Chartered Securities, Sundae Capital, Sunidhi Securities & Finance Ltd, Sushil Financial Services Pvt. Ltd., Systematix Shares & Stocks (India) Limited, Tanna Financial Services, Tradebulls Securities Private Limited, Trust Securities Limited, Viren M Shah, YES Securities (India) Limited, Zerodha

Escrow Collection Banks: Axis Bank Limited and ICICI Bank Limited

Refund Banks: Axis Bank Limited and ICICI Bank Limited

Public Issue Account Banks: Kotak Mahindra Bank Limited and State Bank of India

Sponsor Banks: Axis Bank Limited, ICICI Bank Limited, Kotak Mahindra Bank Limited and State Bank of India

UPI: UPI Bidders can also bid through UPI mechanism

Jio Platforms Limited has provided a toll free number to address any queries related to the Issue.

Toll free number: 1800 309 4001

You may also address your queries related to the Issue by typing **'Hi'** or **'Hello'** on

WhatsApp to 7977222222

Place : Mumbai, Maharashtra
Date : October 22, 2026

For JIO PLATFORMS LIMITED
On behalf of the Board of Directors
Sd/-
Ms. Savithri Parekh
Company Secretary

All capitalised terms used herein and not specifically defined shall have the same meaning as ascribed to them in the RHP.

Jio Platforms Limited is proposing, subject to receipt of requisite approvals, market conditions and other considerations, to make an initial public offering of its Equity Shares and has filed the RHP with RoC on October 14, 2026. The RHP is made available on the website of SEBI at www.sebi.gov.in, on the websites of the Stock Exchanges, i.e. BSE at www.bseindia.com and NSE at www.nseindia.com, on the website of the Company at www.jio.com and on the respective websites of the BRLMs. Any potential investors should note that investment in equity shares involves a high degree of risk, and for details relating to such risk, please see the section titled **"Risk Factors"** on page 30 of the RHP. Potential investors should not rely on the DRHP filed with SEBI and the Stock Exchanges for making any investment decision and should instead rely on the RHP, as filed with the RoC, for making investment decisions.

This announcement is not an offer of securities for sale in the United States or elsewhere. This announcement has been prepared for publication in India only and is not for publication or distribution, directly or indirectly, in or into the United States. The Equity Shares offered in the Issue have not been and will not be registered under the U.S. Securities Act of 1933, as amended (**"U.S. Securities Act"**) or any state securities laws in the United States, and unless so registered, may not be offered or sold within the United States, except pursuant to an exemption from, or in a transaction not subject to, the registration requirements of the U.S. Securities Act and applicable state securities laws in the United States. Accordingly, the Equity Shares are being offered and sold (i) in the United States solely to "qualified institutional buyers" (as defined in Rule 144A under the U.S. Securities Act) in transactions exempt from, or not subject to, the registration requirements of the U.S. Securities Act, or (ii) outside the United States in "offshore transactions," as defined in, and in reliance on Regulation S under the U.S. Securities Act and the applicable laws of the jurisdictions where such offers and sales occur. There will be no public offering of Equity Shares in the United States.







ମୁମ୍ବାଇଠାରେ ଅନୁଷ୍ଠିତ ଇଣ୍ଡିଆ କେମ୍ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ନାବାଳକଙ୍କ ଗାଡ଼ି ଚାଳନାକୁ ନେଇ ବଢୁଛି ଚିନ୍ତା

କୋଚିଂ ସେଣ୍ଟରଠାରୁ ବିଶ୍ୱବିଦ୍ୟାଳୟ ଯାଏଁ ପହଞ୍ଚିଲା ଏସ୍‌ଟିଏର ତଦାରଖ

କଟକ,(ସବ୍ୟୁ): ନାବାଳକଙ୍କ ବେଆଇନ ଗାଡ଼ି ଚାଳନା ଓ ଯୁବପିଢ଼ିଙ୍କ ବେପରୁଆ ଯାତାୟାତକୁ ନେଇ ଚିନ୍ତା ବଢ଼ିଛି। ଅନେକ ଛାତ୍ରଛାତ୍ରୀଙ୍କ ବୟସ ଗାଡ଼ି ଚଳାଇବା ପାଇଁ ହୋଇ ନ ଥିବାବେଳେ ସେମାନେ ଗାଡ଼ି ଧରି ରାସ୍ତାକୁ ଓହ୍ଲାଉଛନ୍ତି। ଆଉ କେତେକ ସାବାଳକ ହେଲ୍‌ମେଟ୍ ନ ପିନ୍ଧି ଓ ଟ୍ରାଫିକ୍ ନିୟମକୁ ଅଣଦେଖା କରି ଗାଡ଼ି ଚଳାଉଛନ୍ତି। ଏଭଳି ମନୋଭାବ ନିଜ ସହ ଅନ୍ୟମାନଙ୍କ ଜୀବନକୁ ମଧ୍ୟ ବିପଦରେ ପକାଉଛି। ଏହାକୁ ରୋକିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ନିୟମ ପାଳନ ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ସମ୍ବଲପୁର ଓ ରାଉରକେଲାର ବିଭିନ୍ନ କୋଚିଂ ସେଣ୍ଟରକୁ ସ୍ଥାନୀୟ ଆର୍‌ଟିଓ ଜରିଆରେ ଚିଠି ଲେଖାଯାଇଛି। ଶିକ୍ଷାନୁଷ୍ଠାନକୁ ଆସୁଥିବା ପିଲାମାନେ ନିଜେ ଗାଡ଼ି ଚଳାଇ ଆସିବେ ନାହିଁ ବୋଲି ଅଣ୍ଡରଟେକିଂ ଦେବାକୁ କୁହାଯାଇଛି। କୋଚିଂ ସେଣ୍ଟରଗୁଡ଼ିକ ଅଭିଭାବକଙ୍କୁ ଡାକି ଏ ସମ୍ପର୍କରେ ସଚେତନ କରିବେ। ପିଲାଙ୍କୁ ଅଭିଭାବକ ନିଜେ ଆଣି ଛାଡ଼ିବା କିମ୍ବା ସାଧାରଣ ଯାନରେ ପଠାଇବାର ବ୍ୟବସ୍ଥା କରିବେ। ଏସ୍‌ଟିଏର ତଥ୍ୟ ଅନୁସାରେ, ରାଜ୍ୟରେ ସଡ଼କ ଦୁର୍ଘଟଣାରେ ମୃତକଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ୧୮ରୁ ୩୫ ବର୍ଷ ବୟସର ଯୁବକ। ଏହାସହ ନାବାଳକଙ୍କ ଗାଡ଼ି ଚାଳନା ମଧ୍ୟ ଏକ ଗୁରୁତର ସମସ୍ୟା ଭାବେ ଉଭା ହୋଇଛି। ଆଇନ ଅନୁସାରେ, ୧୮ ବର୍ଷ ପୂର୍ବରୁ ସାଧାରଣ ମୋଟର ଯାନ ଚଳାଇବା ପାଇଁ ଡ୍ରାଇଭିଂ ଲାଇସେନ୍ସ ମିଳେ ନାହିଁ। ତଥାପି ଅଭିଭାବକମାନେ ପିଲାଙ୍କୁ ଗାଡ଼ି ଦେବା ଫଳରେ ଅଘଟଣ ଘଟୁଛି। ଅନ୍ୟପକ୍ଷରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଖ୍ରୀଷ୍ଟ ମହାବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ସମ୍ମୁଖରେ କ୍ୟାମେରା ଲଗାଇ ଛାତ୍ରଛାତ୍ରୀଙ୍କ ଯାତାୟାତ ଉପରେ ନଜର ରଖାଯାଇଥିଲା। ଏଥିରୁ କେତେକ ଛାତ୍ରଛାତ୍ରୀ ହେଲ୍‌ମେଟ୍ ନ ପିନ୍ଧିବା ଓ ବେପରୁଆ ଭାବେ ଗାଡ଼ି ଚଳାଇବା ଘଟଣା ସାମ୍ନାକୁ ଆସିଥିଲା। ଏହାକୁ ନେଇ ଏସ୍‌ଟିଏ କମିସନର ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିବାକୁ କହିଛନ୍ତି। ଏସ୍‌ଟିଏର ଅତିରିକ୍ତ କମିସନର ଦୀପ୍ତି ରଞ୍ଜନ ପାତ୍ରଙ୍କ କହିବା ଅନୁଯାୟୀ, ନାବାଳକଙ୍କ ଦ୍ୱାରା ମୋଟର ଯାନ ଆଇନ ଉଲ୍ଲଂଘନକୁ ଗୁରୁତ୍ୱର ସହ ନିଆଯାଉଛି। ୧୮ ବର୍ଷରୁ କମ୍ ବୟସର ପିଲା ଗାଡ଼ି ଚଳାଉଥିବାବେଳେ ଧରାପଡ଼ିଲେ ଗାଡ଼ିର ପଞ୍ଜୀକରଣ ଏକ ବର୍ଷ ପାଇଁ ବାତିଲ୍ ହେବା ସହ ମାଲିକଙ୍କୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ସମ୍ପୃକ୍ତ ନାବାଳକଙ୍କୁ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ଲାଇସେନ୍ସ ନ ମିଳିବାର ବ୍ୟବସ୍ଥା ମଧ୍ୟ ରହିଛି। ଦୁର୍ଘଟଣା ଘଟିଲେ ଅଭିଭାବକଙ୍କ ବିରୋଧରେ ଜେଲ୍‌ଦଣ୍ଡ ସମେତ ଆଇନଗତ ପଦକ୍ଷେପ ନିଆଯାଇପାରେ। ତେଣୁ ପିଲାଙ୍କୁ ଗାଡ଼ି ଦେବା ପୂର୍ବରୁ ଅଭିଭାବକମାନେ ସଚେତନ ହେବା ଜରୁରୀ ବୋଲି ଶ୍ରୀ ପାତ୍ର କହିଛନ୍ତି।

ବାଲିଅନ୍ତାରେ ଟ୍ରାକ୍ଟର ମାଲିକଙ୍କୁ ହତ୍ୟା

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳ ପାଟଣା ଗ୍ରାମରେ ଟ୍ରାକ୍ଟର ମାଲିକ ସ୍ମୃତିରଞ୍ଜନ ମାର୍ଥା (୩୭)କୁ ଡ୍ରାଇଭର ଓ ତା'ର ସମର୍ଥକମାନେ ପିଟି ପିଟି ହତ୍ୟା କରିଛନ୍ତି । ହତ୍ୟାର କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଆପୋଲୋ ହସ୍ପିଟାଲରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି । ମୃତ ସ୍ମୃତିରଞ୍ଜନଙ୍କ ଟ୍ରାକ୍ଟରକୁ ସେହି ଅଞ୍ଚଳର ଜଣେ ଡ୍ରାଇଭର ଚଳାଉଥିବା ବେଳେ ୨୦ତାରିଖ ଦିନ ତାଙ୍କ ପରିବାର ସହ ଡ୍ରାଇଭର କଳିଝଗଡା କରିଥିଲା । ଏ ସମ୍ପର୍କରେ ଘରକୁ ଫେରି ସ୍ମୃତିରଞ୍ଜନ ଜାଣିବା ପରେ ଅପରାହ୍ନ ସାଢେ ୪ଟା ବେଳେ ଡ୍ରାଇଭର ଘର ପାଖକୁ ଘଟଣା ସମ୍ପର୍କରେ ପଚାରିବାକୁ ଯାଇଥିଲା । ସେଠାରେ ଉଭୟଙ୍କ ମଧ୍ୟରେ ପୁଣି କଳିଝଗଡା ହେବାରୁ ଡ୍ରାଇଭର ଓ ତା' ସମ୍ପର୍କୀୟମାନେ ସ୍ମୃତିରଞ୍ଜନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ସେ ଗୁରୁତର ଭାବେ ଆହତ ହେବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ହାଇଟେକ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବା ଦେଖି ହାଇଟେକ୍‌ରୁ ସ୍ମୃତିରଞ୍ଜନଙ୍କୁ ଆପୋଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଆପୋଲୋ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିବାବେଳେ ଗୁରୁବାର ଅପରାହ୍ନରେ ତାଙ୍କ ମୃତ୍ୟୁ ହୋଇଛି । ଖବର ପାଇ ବାଲିଅନ୍ତା ଥାନା ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି । ସ୍ମୃତିରଞ୍ଜନଙ୍କୁ ଆକ୍ରମଣ ହେବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିବା ଖବର ମିଳିଛି । ହେଲେ ସେହି ମାମଲା ପରିବର୍ତ୍ତନ କରାଯାଇ ହତ୍ୟା ମାମଲା ରୁଜୁ ହେବ ବୋଲି ପୋଲିସ କହିଛି । କେଉଁ କାରଣ ପାଇଁ ଏଭଳି ଘଟଣା ଘଟିଲା ତାହା ପୋଲିସ ସ୍ପଷ୍ଟ କରିନାହିଁ । ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ତାହା ବିରୋଧରେ ହତ୍ୟା ଦଫା ଲାଗୁ କରାଯିବ ଓ ସହଯୋଗୀମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି ।

ବଡିଜୋନର ୨୨ତମ ରାବଣପୋଡି ଉତ୍ସବ

ଖୋର୍ଦ୍ଧା, (ସବ୍ୟୁ) : ପବିତ୍ର ବିଜୟା ଦଶମୀ ଅବସରରେ ସ୍ଥାନୀୟ ହାବେଳୀ ପଡିଆଠାରେ ସେଚ୍ଛାସେବୀ ଅନୁଷ୍ଠାନ ବଡିଜୋନ ପକ୍ଷରୁ ୨୨ତମ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜୟା ଦଶମୀ ଉପଲକ୍ଷେ ପ୍ରଥମ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଦିତୀୟ ଦିନ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବଡ଼ିଜୋନର ପ୍ରତିଷ୍ଠାତା ଜିତେନ୍ଦ୍ର କୁମାର ପ୍ରଧାନ (ରାଜା)ଙ୍କ ପୌରହିତ୍ୟରେ ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ଏସଡିପିଓ ପଙ୍କଜ କୁମାର ମାଝୀ, ପୌରଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସ୍ଥାନୀୟ ପିତାପଲି ଛକଠାରୁ ବଡିଜୋନ୍ ସଦସ୍ୟ ଏବଂ ଯୁବକମାନେ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ହାବେଳୀ ପଡିଆକୁ ଆଣିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଏସପି ପରମାର ସ୍ମିଥ୍ ପର୍ଶୋତମ ଦାସ, ମୁଖ୍ୟବକ୍ତା ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ,



ସମ୍ମାନିତ ଅତିଥିଭାବେ ନିକୁଞ୍ଜ କିଶୋର ପଟ୍ଟନାୟକ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଦିଲିପ କୁମାର ହୋତା ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ୧୮ଜଣ କାଉନ୍ସିଲରଙ୍କ ସମେତ ଆଜୀବନ ସଦସ୍ୟ ଥିବା ପୂର୍ବତନ ବିଧାୟକଙ୍କ ପୁଅ ସିଦ୍ଧାର୍ଥ ମିତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏସ୍‌ପିଙ୍କ ପତ୍ନୀ ଗାରିମା ତିୱାରି ଏବଂ ଆଦର୍ଶ ଥାନା ଅଧିକାରୀ ରମେଶ ଦେବତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ହୋଇଥିବା ୭୦ଫୁଟ୍ ଉଚ୍ଚତା ବିଶିଷ୍ଟ ରାବଣ ଦେହରେ ଏସ୍.ପି. ଅଗ୍ନି ସଂଯୋଗ କରିଥିଲେ। ଚଳିତ ବର୍ଷ ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ସୌମେନ୍ଦ୍ର ପ୍ରଧାନ(ସିଦ୍ଧୁ) ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ କାର୍ଯ୍ୟକ୍ରମକୁ ବଡିଜୋନର ଆଜୀବନ ସଦସ୍ୟ ତଥା ସାମ୍ବାଦିକ ଲଳିତ ମୋହନ ମହାପାତ୍ର ପରିଚାଳନା କରିଥିଲେ।

ଉନବିଂଶତମ 'ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ ଆଜି

୨୪ ଓ ୨୫ରେ ଭୁବନେଶ୍ୱରରେ ଆୟୋଜନ ହେବ ଦ୍ୱିତୀୟ 'ଜାତୀୟ ସହରାଞ୍ଚଳ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ) : ଭାରତ ସରକାରଙ୍କ ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଓଡ଼ିଶା ସରକାରଙ୍କ ସହଯୋଗରେ ଚଳିତ ସପ୍ତାହରେ ଭୁବନେଶ୍ୱରରେ ଦୁଇଟି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି । ୨୩ ଏବଂ ୨୪ ତାରିଖରେ ଉନବିଂଶତମ 'ଅର୍ବାନ୍ ମୋବିଲିଟି ଇଣ୍ଡିଆ' (ୟୁଏମଆଇ) ସମ୍ମିଳନୀ ଓ ପ୍ରଦର୍ଶନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଏହା ପରେ ଆସନ୍ତା ୨୪ ଓ ୨୫ ତାରିଖରେ ଜାତୀୟ ସହରାଞ୍ଚଳ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ମଧ୍ୟ ଭୁବନେଶ୍ୱରରେ ଆୟୋଜିତ ହେବ। ଆଜି ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, କେନ୍ଦ୍ର ଆବାସ ଓ



ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସତୀନ୍ଦର ପାଲ ସିଂହ ଜାତୀୟ ସହରାଞ୍ଚଳ ସମ୍ମିଳନୀ ୨୦୨୬ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ସେହିପରି, ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରବୀର କୁମାର 'ଅର୍ବାନ୍ ମୋବିଲିଟି ଇଣ୍ଡିଆ' ସମ୍ମିଳନୀ ଓ ପ୍ରଦର୍ଶନୀ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟ ସରକାରଙ୍କ ସହଯୋଗ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହି ଅବସରରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଜାତୀୟ ସହରାଞ୍ଚଳ ସମ୍ମିଳନୀ ୨୦୨୬ ବିଷୟରେ ସୂଚନା ଦେଇ ସତୀନ୍ଦର ପାଲ ସିଂହ କହିଥିଲେ, ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ୨୪-୨୫ ଅକ୍ଟୋବରରେ ଅନୁଷ୍ଠିତ ହେବ। ସେ କହିଛନ୍ତି, ଚଳିତ ବର୍ଷର ସମ୍ମିଳନୀ 'ସହରାଞ୍ଚଳ ବିକାଶ - ସହରାଞ୍ଚଳ ବ୍ୟବସ୍ଥା, ସମାଧାନ ଏବଂ ସେବା ପ୍ରଦାନ ପ୍ରକ୍ରିୟାର ପୁନର୍ବିଚାରଦ ବିଷୟବସ୍ତୁ ଉପରେ ଧ୍ୟାନ ଦେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ, ଭାରତ ସରକାରଙ୍କ ଆବାସ ଓ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ ଏହି ସମ୍ମିଳନୀର ଉଦ୍‌ଘାଟନ କରିବେ। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁରାଗ ଜୈନ ଏବଂ ସଦସ୍ୟ ରାଜୀବ ଗୌବା ମଧ୍ୟ ଏଥିରେ ମୁଖ୍ୟ ଅତିଥି ଭାବେ ଅଂଶଗ୍ରହଣ କରିବେ। ଉନବିଂଶତମ 'ଅର୍ବାନ୍ ମୋବିଲିଟି ଇଣ୍ଡିଆ' ସମ୍ମିଳନୀ ଓ ପ୍ରଦର୍ଶନୀ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଆବାସ ଓ ସହର ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରବୀର କୁମାର କହିଛନ୍ତି। ଚଳିତ ବର୍ଷର ସମ୍ମିଳନୀର ବିଷୟବସ୍ତୁ ହେଉଛି 'ଡିଜିଟାଲ୍ ଯୁଗରେ ସହରୀ ସୁଗମତା ଓ ଜୀବନଧାରଣର ମାନ'। ସମ୍ମିଳନୀକୁ ଭାରତ ସରକାରଙ୍କ ଆବାସ ଓ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ ଉଦ୍‌ଘାଟନ କରିବେ। ଏହି ଅବସରରେ, ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ଦୀର୍ଘସ୍ଥାୟୀ ସହରାଞ୍ଚଳ ବିକାଶ, ଉନ୍ନତ ସହରାଞ୍ଚଳ ପରିବହନ ଏବଂ ସହରାଞ୍ଚଳ ସେବାର ଦକ୍ଷ ଯୋଗାଣ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ।

ହବିଷିଆଳୀ କେନ୍ଦ୍ର ପାଇଁ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ

ପୁରୀ, (ସବ୍ୟୁ) : ଚଳିତ ବର୍ଷର ହବିଷ୍ୟାଳୀ ବ୍ରତ ବା ରାଇଦାମୋଦର ବ୍ରତ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୨୪ ତାରିଖରେ ଶେଷ ହେବ।ରାଜ୍ୟର ବିଭିନ୍ନ ଜିଲ୍ଲା ର ବିଭିନ୍ନ ସ୍ଥାନରୁ ମାଆ ମାନେ ହବିଷ ପାଳନ ପାଇଁ ଆସିବେ।ତେଣୁ ସମସ୍ତଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆମ ସମସ୍ତଙ୍କ ସାମୁହିକ ଦାୟିତ୍ୱ ବୋଲି ପୁରୀ ମହାନଗର ନିଗମର କମିଶନର ପ୍ରହ୍ଲାଦ ନାରାୟଣ ଶର୍ମା ଆହ୍ୱାନ ଦେଇଛନ୍ତି । ଟାଉନ ହଲ ଠାରେ ହବିଷ୍ୟାଳୀ ବ୍ରତ ପାଇଁ ନିୟୋଜିତ ହେବାକୁ ଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା।ଏଥିରେ କମିଶନର ଶ୍ରୀ ଶର୍ମା ଯୋଗ ଦେଇ ପବିତ୍ର ମାସ କାର୍ତ୍ତିକ ରେ ମାଆ ମାନେ ଶ୍ରୀକ୍ଷେତ୍ର ଧାମରେ ରହି ଏକ ମାସ ବ୍ରତ ଓ ତପ କରିବାର ମାନସିକତା ନେଇ ଆସୁଛନ୍ତି।ସରକାରଙ୍କ ନିର୍ଦ୍ଦେଶ ଓ ପ୍ରଶାସନ ର ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କୁ ଶୃଙ୍ଖଳିତ ଭାବେ କରିବାର ବ୍ୟବସ୍ଥା କରାଯାଇଛି।ତେଣୁ ଦାୟିତ୍ୱ ରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଅତ୍ୟନ୍ତ ନିଷ୍ଠାପର ଭାବେ କାର୍ଯ୍ୟ କରିବା ଉଚିତ।କୌଣସି କେନ୍ଦ୍ର ରେ କୌଣସି ସମସ୍ୟା ଉପୁଜିଲେ ତତକ୍ଷଣାତ ତାହା ବରିଷ୍ଠ ଅଧିକାରୀ ମାନଙ୍କ ଦୃଷ୍ଟି କୁ ନେଇ ସମାଧାନ କରିବାକୁ ଶ୍ରୀ ଶର୍ମା ପରାମର୍ଶ ଦେଇଥିଲେ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ ହବିଷ୍ୟାଳୀ ମାଆ ମାନଙ୍କ ଆଗମନ ପରେ ହବିଷ୍ୟାଳୀ କେନ୍ଦ୍ର ଅନୁସାରେ ପଞ୍ଜିକରଣ, ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସ୍ୱେଚ୍ଛାସେବୀ ମାନଙ୍କ ସହ ସମନ୍ୱୟ ରକ୍ଷା ଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା,ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗ ଦେଇ ଅଧିକାରୀ ଓ କର୍ମଚାରୀ ମାନଙ୍କର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୨୦
ତିଥି: ଦ୍ୱାଦଶୀ
୨୩ ଅକ୍ଟୋବର ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
23 October 2026, Friday

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ଆଜି ଲଘୁଚାପ, ୨୫ରେ ଅବପାତ

୨୮ ସୁଦ୍ଧା ବାତ୍ୟା ରୂପ ନେବ



ଭୁବନେଶ୍ୱର, ୨୨ ।୧୦ (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ନିଶ୍ଚିତ ଭାବେ ବାତ୍ୟା ରୂପ ନେବ। ପୂର୍ବରୁ ବିଦେଶୀ ସଂସ୍ଥା ଆକଳନ କରିଥିବାବେଳେ ଆଜି ଆଇଏମ୍‌ଡି ଏହା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛି। ଆସନ୍ତା ୨୩ରେ ଲଘୁଚାପ, ୨୫ରେ ଡିପ୍ରେସନ ବା ଅବପାତ, ୨୬ରେ ଗଭୀର ଅବପାତ, ୨୭ ସନ୍ଧ୍ୟା କିମ୍ବା ୨୮ ସକାଳ ସୁଦ୍ଧା ବାତ୍ୟାରେ ପରିଣତ ହେବ ସୃଷ୍ଟ ଘୂର୍ଣ୍ଣିବଳୟ। ତେବେ ଏହା ଓଡ଼ିଶାରୁ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଏହାର ଗତିପଥ କେଉଁଆଡ଼କୁ ଏବଂ ତୀବ୍ରତା କେତେ ରହିବ ତାହା ଆସନ୍ତା ୨୪ ସୁଦ୍ଧା ସ୍ପଷ୍ଟ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ବିସ୍ତାରିତ ଆକଳନ ଅନୁସାରେ ଦକ୍ଷିଣ ପୂର୍ବ ଏବଂ ପାର୍ଶ୍ୱବର୍ତ୍ତୀ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ତତ୍‌ସଂଲଗ୍ନ ଆଣ୍ଡାମାନ ଦ୍ୱୀପ ଅଞ୍ଚଳ ଉପରେ ବାୟୁ ମଣ୍ଡଳର ୫.୮ କିମି ଉଚ୍ଚତା ପର୍ଯ୍ୟନ୍ତ ଘୂର୍ଣ୍ଣିବଳୟ ବ୍ୟାପିଛି। ଏହା ପରବର୍ତ୍ତୀ ସମୟରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହ ଆସନ୍ତାକାଲି (୨୩ ତାରିଖ) ବେଳକୁ ଦକ୍ଷିଣ-ପୂର୍ବ ଓ ଏହାକୁ ଲାଗି ରହିଥିବା ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ଗତିର ଦିଗ ପଶ୍ଚିମ ଓ ଉତ୍ତର - ପଶ୍ଚିମ ଆଡ଼କୁ ଜାରି ରଖିବା ସହ ସପ୍ତାହର ମଧ୍ୟଭାଗ ଅର୍ଥାତ ୨୫ ତାରିଖ ସକାଳ ସୁଦ୍ଧା ଅବପାତର ରୂପ ନେବ।

ଆସନ୍ତା ୨୪ ତାରିଖ ସନ୍ଧ୍ୟାରେ ପବନର ବେଗ ବୃଦ୍ଧି (୯ ପୃଷ୍ଠାରେ)

- ଏଲ୍‌ନିନୋ ସମୟରେ ଓଡ଼ିଶା ଆସେନି ବାତ୍ୟା
- ଆନ୍ଧ୍ରରୁ ତାମିଲନାଡୁ ଯିବାର ସମ୍ଭାବନା ଅଧିକ
- ୨୬ରୁ ଓଡ଼ିଶା ଉପକୂଳରେ ବର୍ଷା ଆରମ୍ଭ
- ୨୬-୨୯ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ପ୍ରବେଶ ମନା

'ଇଣ୍ଡିଆ କେମ୍ ୨୦୨୬' ଉଦ୍‌ଘାଟିତ

ଦ୍ରୁତ ଗତିରେ ଆଗଉଛି ଓଡ଼ିଶାର ଶିଳ୍ପାୟନ



ଭୁବନେଶ୍ୱର, ୨୨ ।୧୦ (ସବ୍ୟ) : ମୁମ୍ବାଇର ବମ୍ବେ ଏକ୍ସିବିସନ୍ ସେଣ୍ଟରଠାରେ 'ଇଣ୍ଡିଆ କେମ୍ ୨୦୨୬'ର ୧୪ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଫିକିର ମିଳିତ ଆନୁକୂଲ୍ୟରେ

ଖଣିରୁ କେମିକାଲ ଅର୍ଥନୀତି ଦିଗରେ ଓଡ଼ିଶାର ବଡ଼ ପଦକ୍ଷେପ

୩.୫୨ ଲକ୍ଷ କୋଟିରୁ ହେଲାଣି ଅଧିକ ନିବେଶ

ଆୟୋଜିତ ଏହି ତିନିଦିନିଆ ଶିଳ୍ପ ମହାକୁମ୍ଭରେ ଯୋଗଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟକୁ ଖଣିଭିତ୍ତିକ ଅର୍ଥନୀତିରୁ କେମିକାଲ୍ ଓ ପେଟ୍ରୋକେମିକାଲ୍-ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର କରାଇବାର ସଂକଳ୍ପ ପ୍ରକାଶ କରିଛନ୍ତି।

୨୦୪୦ ସୁଦ୍ଧା ଭାରତର ୧ ଟ୍ରିଲିୟନ୍ ଡଲାରର କେମିକାଲ୍ ଅର୍ଥନୀତି ଲକ୍ଷ୍ୟକୁ ସାକାର କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଏବଂ ସମୃଦ୍ଧ ଓଡ଼ିଶାର ଅଂଶୀଦାର ହେବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ଖଣିଭିତ୍ତିକ ଅର୍ଥନୀତିରୁ ଏକ କେମିକାଲ୍-ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାର ଆଭିମୁଖ୍ୟକୁ (୯ ପୃଷ୍ଠାରେ)

ଦୁର୍ଘଟଣାରେ ଦୁଇ ଯୁବ କ୍ରୀଡାବିତ୍ ମୃତ





ଫୁଲନଖରା, ୨୨ ।୧୦ (ସବ୍ୟୁ) : ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ପ୍ରତିଭାବାନ ଯୁବ କ୍ରୀଡ଼ାବିତଙ୍କ ଅକାଳମୃତ୍ୟୁ ଘଟିଛି ।ଦୁଇ ମୃତ କ୍ରୀଡାବିତ ହେଲେମଳୟ ବାରିକ ଓ ମୃତ୍ୟୁଞ୍ଜୟ ଜୟରାମ ଦୋଣ୍ଡପତି । ଭୁବନେଶ୍ୱରରୁ କଟକ ଅଭିମୁଖେ ଆସୁଥିବା ବେଳେ ନୂଆଗଡ଼ସ୍ଥିତ ଏକ ଘରୋଇ ଶୋ'ରୁମ ନିକଟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ଦୁଇ ଯୁବ କ୍ରୀଡ଼ାବିତଙ୍କ ଅକାଳ ମୃତ୍ୟୁ ଖବର ସମଗ୍ର କ୍ରୀଡ଼ା ଜଗତକୁ ସ୍ତବ୍ଧ କରିଦେଇଥିବା ବେଳେ ସେମାନଙ୍କ ପରିବାର ଓ ପରିଜନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଯୁବ କ୍ରୀଡାବିତ୍‌ଙ୍କ ଦୁଃଖଦ (୯ ପୃଷ୍ଠାରେ)

ଧରାପୃଷ୍ଠରୁ ମେଲାଣୀ ନେଲେ ମା'



ଭୁବନେଶ୍ୱର, ୨୨ ।୧୦ (ସବ୍ୟୁ): ରାଜ୍ୟରେ ଶାରଦୀୟ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମାପ୍ତ ହୋଇଛି । ଦଶହରା ଓ ଭସାଣି ଉତ୍ସବ ପରେ ଆଜି(ଗୁରୁବାର) ମାଙ୍କ ପ୍ରତିମା ବିସର୍ଜନ କରାଯାଇଛି । ଦୀର୍ଘ ଦିନର ପୂଜାର୍ଚ୍ଚନା ଏବଂ ଆନନ୍ଦ ଉଲ୍ଲାସ ପରେ ମାଙ୍କୁ ବିଦାୟ ଦେବା ସମୟରେ ଭକ୍ତମାନଙ୍କ ଆଖିରେ ଲୁହ ଏବଂ ହୃଦୟରେ ଏକ ଭାବବିହ୍ୱଳ ପରିବେଶ ଦେଖିବାକୁ ମିଳିଛି ।

ରାଜଧାନୀ ଭୁବନେଶ୍ୱର ସମେତ କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ଏବଂ ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ପ୍ରକମ୍ପିତ ହୋଇଥିଲା ବାଦ୍ୟର ତାଳ, ଘଣ୍ଟ ଘଣ୍ଟା ଏବଂ ଜୟ ମା ଦୁର୍ଗା ଧ୍ୱନି । ଚାରିଦିନର ଜାକଜମକ ଓ ପୂଜାର୍ଚ୍ଚନା ପରେ ଗୁରୁବାର ଅଶ୍ରୁଳ ନୟନରେ ଜଗଜ୍ଜନନୀ ମା' ଦୁର୍ଗାଙ୍କୁ ବିଦାୟ ଦେଇଛନ୍ତି ଧରାବାସୀ । ମା' ଆସନ୍ତା ବର୍ଷକୁ ଆଉଥରେ ଆସିବୁର ଜୟକାର ଓ ହରିବୋଲ, ହୁଳହୁଳି ଧ୍ୱନିରେ ଗଗନ ପବନ ମୁଖରିତ ହୋଇଉଠିଛି ।

ପ୍ରଥମେ ପୀଠଗୁଡ଼ିକରେ ସାଂସ୍କୃତିକ ଓ ବୈଦିକ ବିଧି ଅନୁସାରେ ମା'ଙ୍କର ଅପରାଜିତା ପୂଜା ଏବଂ ଦର୍ପଣ ବିସର୍ଜନ ନୀତି ସମ୍ପନ୍ନ କରାଯାଇଥିଲା । ଏହାପରେ ମା'ଙ୍କ ଚଳନ୍ତି ପ୍ରତିମାଙ୍କୁ ନେଇ ମଣ୍ଡପରୁ ବିସର୍ଜନ ପୋଖରୀ ଅଭିମୁଖେ ବାହାରିଥିଲା ମହାସମାରୋହରେ ଭାସାଣି ଶୋଭାଯାତ୍ରା । ଶୋଭାଯାତ୍ରାରେ ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ ପ୍ରଦର୍ଶନର ବ୍ୟାପକ (୯ ପୃଷ୍ଠାରେ)

ସୋନିଆଙ୍କ ଆତ୍ମଜୀବନୀର ପ୍ରଥମ କପି ଉନ୍ମୋଚିତ



ନୂଆଦିଲ୍ଲୀ, ୨୨ ।୧୦ : କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବହୁ ପ୍ରତୀକ୍ଷିତ ଆତ୍ମଜୀବନୀ 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'ର ପ୍ରଥମ କପି ସାମ୍ନାକୁ ଆସିଛି । ଏହି ପୁସ୍ତକର ପ୍ରଥମ କପି ନିଜେ ଗ୍ରହଣ କରିଛନ୍ତି ୭୯ ବର୍ଷୀୟା ସୋନିଆ ଗାନ୍ଧୀ । ଆସନ୍ତା ନଭେମ୍ବର ୧୦ ତାରିଖରେ ଏହା ବିଶ୍ୱବ୍ୟାପୀ ଭାବେ ପ୍ରକାଶ ପାଇବ ।

ପୁସ୍ତକର ହାର୍ଡକଭର୍ କପି ନେଇ ପ୍ରକାଶକମାନେ ପହଞ୍ଚିବା ପରେ ସୋନିଆ ଗାନ୍ଧୀ ହସି ହସି କହିଥିଲେ, "ଆପଣମାନେ ତ ବହୁତ (୯ ପୃଷ୍ଠାରେ)

ଅମିତ ଶାହଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨।୧୦ (ସବ୍ୟୁ): କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ଜନ୍ମଦିନର ଶୁଭେଚ୍ଛା ଜଣାଇଥିବା ଫଟୋ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଦୃଢ଼ ହେବା ସହ ନକ୍ସଲମୁକ୍ତ ଭାରତ (୯ ପୃଷ୍ଠାରେ)

ସାଉଦି ବିମାନବନ୍ଦରରେ ଆକ୍ରମଣ

ଜଣେ ଭାରତୀୟଙ୍କ ସମେତ ୨ ମୃତ, ୮ ଆହତ

ରିୟାଦ, ୨୨ ।୧୦ : ୟେମେନର ହୁତି ବିଦ୍ରୋହୀଙ୍କ ଆକ୍ରମଣ ତୀବ୍ର ହେଉଥିବାବେଳେ ସାଉଦି ଆରବର ଦାମ୍ମାମ ବିମାନବନ୍ଦରରେ ବୁଧବାର ବିଳମ୍ବିତ ରାତିରେ ହୋଇଥିବା ଆକ୍ରମଣରେ ଜଣେ ଭାରତୀୟଙ୍କ ସମେତ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ଅନ୍ୟ ୮ ଜଣ ଆହତ ହୋଇଥିବା ସାଉଦି ଆରବର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଗୁରୁବାର ସୂଚନା ଦେଇଛନ୍ତି।

ପ୍ରାରମ୍ଭରେ ମୃତକଙ୍କ ସଂଖ୍ୟା ସମ୍ପର୍କରେ ଭିନ୍ନ ସୂଚନା ମିଳିଥିବାବେଳେ ପରେ ଏହାକୁ ସଂଶୋଧନ କରାଯାଇଛି। ଆକ୍ରମଣ ଯୋଗୁଁ ବିମାନବନ୍ଦରରେ କେତେ ପରିମାଣର କ୍ଷୟକ୍ଷତି ହୋଇଛି, ତାହାର ଆକଳନ ଚାଲିଥିବା କର୍ତ୍ତୃପକ୍ଷ କହିଛନ୍ତି।

ଗତ କିଛି ସପ୍ତାହ ଧରି ସାଉଦି ଆରବର ତୈଳ ଭିତ୍ତିଭୂମି ଓ ସାଧାରଣ ନାଗରିକଙ୍କ ସମ୍ପତ୍ତିକୁ ଲକ୍ଷ୍ୟ କରି ହୁତି ବିଦ୍ରୋହୀମାନେ ଆକ୍ରମଣ ଜୋରଦାର କରିଛନ୍ତି। ଏହା ଫଳରେ ରିୟାଦକୁ ଏହାର ପ୍ରମୁଖ ବିମାନବନ୍ଦର ବନ୍ଦ କରିବାକୁ ପଡ଼ିଥିବାବେଳେ ଏକ ବଡ଼ ନିବେଶ ସମ୍ମିଳନୀକୁ ମଧ୍ୟ ସ୍ଥଗିତ ରଖିବାକୁ ପଡ଼ିଛି। ଚଳିତ ମାସରେ ସାଉଦି ବିମାନବନ୍ଦରଗୁଡ଼ିକ ଉପରେ ଆକ୍ରମଣରେ ମୋଟ ୨୨ ଜଣଙ୍କ ମୃତ୍ୟୁ ହୋଇଛି।

ଏହା ସହିତ ଲୋହିତ ସାଗରରେ ହୁତି ବିଦ୍ରୋହୀଙ୍କ ସାମୁଦ୍ରିକ ଅବରୋଧ ସାଉଦି ଆରବରୁ ତୈଳ ପରିବହନ ପାଇଁ ବିପଦ ସୃଷ୍ଟି କରିଛି। ସାଉଦି ଆରବ ବିଶ୍ୱର ସର୍ବବୃହତ୍ ଅଶୋଧିତ ତୈଳ ରପ୍ତାନିକାରୀ ଦେଶ।

ୟେମେନରେ ଦୀର୍ଘ ବର୍ଷ ଧରି ଚାଲିଥିବା ଗୃହଯୁଦ୍ଧରେ ଇରାନ ସମର୍ଥିତ ହୁତି ଗୋଷ୍ଠୀ ସରକାରୀ (୯ ପୃଷ୍ଠାରେ)

ରାଜଧାନୀରେ ବଞ୍ଜାରା ଗ୍ୟାଙ୍ଗର ଲୁଟ୍‌ପାଟ୍

ଭୁବନେଶ୍ୱର, ୨୨ ।୧୦ (ସବ୍ୟୁ) : ଦୁର୍ଗାପୂଜା ଗହଳିରେ ବଞ୍ଜାରା ଗ୍ୟାଙ୍ଗ୍ ଲୁଟ୍‌ପାଟରେ ମାତିଥିବା ବେଳେ ପୋଲିସ ସେମାନଙ୍କ ମଧ୍ୟରୁ ୧୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଉ ୧୭ଜଣ ଅଟକ ଥିବା ଡିସିପି ସର୍ବଣା ବିବେକ ଏମ୍ ଗଣମାଧ୍ୟମକୁ କହିଛନ୍ତି । ଯେଉଁମାନଙ୍କୁ କୋର୍ଟଚାଲାଣ କରାଯାଇଛି ସେମାନଙ୍କ ନିକଟରୁ ଗୋଟିଏ ସୁନାଚେନ, ୨୨ ମୋବାଇଲ ଓ ୫ ଭ୍ୟାନିଟ୍ ବ୍ୟାଗ୍ ଜବତ ହୋଇଥିବା ପୋଲିସ କହିଛି ।

ରାଜଧାନୀରେ ଦୁର୍ଗାପୂଜା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଥିଲେ ମଧ୍ୟ ବଞ୍ଜାରା ଗ୍ୟାଙ୍ଗ୍ ଲୁଟ୍‌ପାଟ କରିବାରେ କିଛି ପଛରେ ନଥିଲେ । ୨୦୦ରୁ ଊର୍ଦ୍ଧ୍ୱ ମୋବାଇଲ ଓ ୨୦ରୁ ଅଧିକ ସୁନାଚେନ ଲୁଟ୍‌ପାଟ କରିଥିବା ବେଳେ ସାଦା ପୋଷାକରେ ଥିବା ପୋଲିସ ସେମାନଙ୍କ ମଧ୍ୟରୁ ୪ଜଣ ପୁରୁଷ, ୫ଜଣ

- ଲୁଟିଛନ୍ତି ୨୦୦ ମୋବାଇଲ, ୨୦ ସୁନାଚେନ
- ୧୪ ଗିରଫ, ୧୭ ଅଟକ : ୨୨ ମୋବାଇଲ ଜବତ

ମହିଳା ଓ ୫ଜଣ ପିଲାଙ୍କୁ ଧରିବାରେ ସଫଳ ହୋଇଛି । ଗିରଫ ହୋଇଥିବା ଲୁଟେରାଙ୍କ ପାଖରୁ ଲୁଟ୍ ସାମଗ୍ରୀ ଜବତ କରାଯିବା ପରେ ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଆଉ ୧୭ଜଣଙ୍କୁ କମିଶନରେଟ୍ ପୋଲିସ ଅଟକ ରଖି ଲୁଟ୍‌ପାଟ ସମ୍ପର୍କରେ ଜେରା କରୁଛି । ବଞ୍ଜାରା ଗ୍ୟାଙ୍ଗ୍ ଯେଉଁ ଅନୁପାତରେ ଗିରଫ ହେଉଛନ୍ତି ସେମାନଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗହଳି ସ୍ଥାନମାନଙ୍କରେ ସେମାନେ ଅତ୍ୟଧିକ ଗହଳି ସୃଷ୍ଟି କରାଇ ଲୁଟ୍ କରିବାରେ ସଫଳ ହେଉଛନ୍ତି ।

ପଶ୍ଚିମବଙ୍ଗ ଓ ବାଂଲାଦେଶ ପ୍ରଭୃତି ଅଞ୍ଚଳରୁ ସେମାନେ ଓଡ଼ିଶା ଆସି ବିଭିନ୍ନ ସହରର ଗହଳି ସ୍ଥାନମାନଙ୍କରେ ଲୁଟ୍‌ପାଟ କରୁଛନ୍ତି । ମୁଖ୍ୟତଃ ଭୁବନେଶ୍ୱର ଓ କଟକ ସହରକୁ ଟାର୍ଗେଟ କରି ବଞ୍ଜାରା ଗ୍ୟାଙ୍ଗ୍ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି । ବଞ୍ଜାରା ଗ୍ୟାଙ୍ଗ୍‌ର ମୁଖ୍ୟ ଲୁଟ୍ ସାମଗ୍ରୀ ପାଇବା ପରେ ସେଗୁଡିକୁ ପଶ୍ଚିମବଙ୍ଗ ଓ ବାଂଲାଦେଶ ପଠାଇ ବିକ୍ରି କରାଉଛନ୍ତି । ଗ୍ୟାଙ୍ଗ୍ ସଦସ୍ୟ ଓ ପିଲାମାନଙ୍କୁ ସେମାନେ ମାସିକ ସ୍ତ୍ରରେ ଟଙ୍କା ଦେଉଛନ୍ତି । ଯେଉଁମାନେ ଗିରଫ ହୋଇ ଜେଲ୍ ଯାଉଛନ୍ତି, ସେମାନଙ୍କୁ ଗ୍ୟାଙ୍ଗ୍ ମୁଖିଆମାନେ (୯ ପୃଷ୍ଠାରେ)

ଆଜି କୋଟିଆ ଯିବ ବିଜେଡି ଟିମ୍

ଭୁବନେଶ୍ୱର, ୨୨ ।୧୦ (ସବ୍ୟୁ) : ଓଡିଶାର ଉପାନ୍ତ ଅଞ୍ଚଳ କୋଟିଆର ତିନୋଟି ପଂଚାୟତରେ ଆନ୍ଧ୍ର ସରକାରଙ୍କ ନିର୍ବାଚନ ଘୋଷଣା ପରିପ୍ରେକ୍ଷୀରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଜେଡିର ଏକ ଉଚ୍ଚ ସ୍ତରୀୟ ୧୫ ଜଣିଆ ପ୍ରତିନିଧିଦଳକୁ ଆସନ୍ତା କାଲି କୋଟିଆ ଗସ୍ତ କରି ତାଙ୍କୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପ୍ରତିନିଧି ଦଳର ସଦସ୍ୟମାନେ ହେଲେ ବିଧାୟକ ମନୋହର ରଣ୍ଡାରା ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ଜଗନ୍ନାଥ ସାରକା, ରବିନାରାୟଣ ନନ୍ଦ, ପୂର୍ବତନ ସାଂସଦ ଝିନ ହିକକା,ଓ ପ୍ରଦୀପ ମାଝୀ ପୂର୍ବତନ ବିଧାୟକ ପ୍ରଭୁ ଜାନି, ମାନସ ମାଡକାମୀ, ରଘୁରାମ ପଡାଲ, ପ୍ରଫୁଲ ପାଙ୍ଗି, ପ୍ରିତମ ପାଢ଼ୀ, ବିଜେଡି ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ବିଜେଡି ଆଦିବାସୀ ସେଲ ସାଧାରଣ ସମ୍ପାଦକ କୌଶଲ୍ୟା ହିକକା, କୋରାପୁଟ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା ଓ କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ ।

ଏହି ପ୍ରତିନିଧି ଦଳ କୋଟିଆ ଅଞ୍ଚଳର ଲୋକମାନଙ୍କ ସହ ଆଲୋଚନା କରିବା ସହିତ, ଉପାନ୍ତ ଅଞ୍ଚଳ ପରିଦର୍ଶନ କରିବ ଏବଂ ଜିଲ୍ଲା ପ୍ରଶାସନ ସହ ମଧ୍ୟ ଆଲୋଚନା କରିବ ।

ସୂଚନା ଯୋଗ୍ୟ ଯେ କୋଟିଆରେ ଆନ୍ଧ୍ର ସରକାର ପଂଚାୟତ (୯ ପୃଷ୍ଠାରେ)

ଗଡ଼ିଆରେ ବୁଡ଼ି ଜେଜେ ନାତି ମୃତ

ଭଦ୍ରକ, ୨୨ ।୧୦ (ସବ୍ୟୁ) : ଗଡ଼ିଆରେ ବୁଡି ଜେଜେ ଓ ନାତି ମୃତ୍ୟୁ ଘଟିଛି । ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅଧୀନ ମାଳିଅରୁଆ ଗାଁରେଏହି ଅଘଟଣ ଘଟିଛି । ସୂଚନା ଅନୁଯାୟୀ ନାତି ସାଇ ଶୁଭମ (୫) ଖେଳିବାବେଳେ ଭୁଲବଶତଃ ଗଡ଼ିଆକୁ ଚାଲି ଯାଇଥିଲେ। ଏହି ସମୟରେ ନାତିକୁ ବଂଚାଇବା ପାଇଁ ଯାଇ ଜେଜେ ମଧ୍ୟ ଗଡ଼ିଆରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକେ ଖୋଜା ଖୋଜି ପରେ ମଧ୍ୟ ଉଭୟଙ୍କୁ ଉଦ୍ଧାର କରି ନପାରି ଗାଁର ଧିବରଙ୍କୁ ଡକାଇ ଥିଲେ । ଧୀବରମାନେ ଜାଲ ପକାଇ ଉଭୟଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ।

ମୟୂରଭଞ୍ଜକୁ ରାଷ୍ଟ୍ରପତିଙ୍କ ରେଳ ଭେଟି

ପୁରୀ-ବାଦାମପାହାଡ଼ ଦୈନିକ ଟ୍ରେନ୍‌କୁ ମଞ୍ଜୁରୀ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜବାସୀଙ୍କ ପାଇଁ ଖୁସି ଖବର । ପୁରୀରୁ ବାଦାମପାହାଡ଼ ମଧ୍ୟରେ ଦୈନିକ ସିଧାସଳଖ ରେଳ ଚଳାଚଳ ପାଇଁ ରେଳବୋର୍ଡ ଅନୁମୋଦନ ପ୍ରଦାନ କରିଛି । ଏହାଦ୍ୱାରା ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହସ୍ତକ୍ଷେପ ଓ ଉଦ୍ୟମ ଏହି ରେଳ ସଂଯୋଗକୁ ବାସ୍ତବ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ହୋଇଥିବା କୁହାଯାଉଛି ।

ରେଳ ମନ୍ତ୍ରଣାଳୟ ପକ୍ଷରୁ ୧୮୪୧୧ /୧୮୪୧୨ ପୁରୀ-ବାଦାମପାହାଡ଼ ଏକ୍ସପ୍ରେସ୍‌କୁ ଅନୁମୋଦନ ମିଳିଛି । ରେଳବୋର୍ଡ ପକ୍ଷରୁ ୧୯ ଅକେଟାବର ୨୦୨୬ରେ ଜାରି ଚିଠି ନଂ ସିସି-୨୦୮/୨୦୨୬ ଏବଂ ୨୦୨୬/ସିଏଚ୍‌ଜି/୧୬/ଡବ୍ଲ୍ୟୁସିଆର/୪୧-ପିଟିରେ ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି । ପୂର୍ବରୁ ଏହି ଟ୍ରେନ୍ କେବଳ ରଥଯାତ୍ରା ସମୟରେ ଚଳାଚଳ କରୁଥିଲା । ଏବେ ଦୈନିକ ଟ୍ରେନ୍ ଚଳାଚଳକୁ ଅନୁମୋଦନ ମିଳିବା ଫଳରେ ଏହି ଅଞ୍ଚଳର ରେଳ ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ । ନିଜ ଜନ୍ମମାଟି ମୟୂରଭଞ୍ଜର ରେଳ ସଂଯୋଗ ଓ ଯାତାୟାତ ସୁବିଧାକୁ ଗୁରୁତ୍ୱ ଦେଇ ଆସୁଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଟ୍ରେନ୍ ଚଳାଚଳ ପ୍ରସ୍ତାବକୁ ତ୍ୱରାନ୍ୱିତ କରିବା ଲାଗି ଉଦ୍ୟମ କରିଥିବା ଜଣାପଡ଼ିଛି । ପୂର୍ବତଟ ରେଳପଥ ପକ୍ଷରୁ ୧୦ଜୁଲାଇ ୨୦୨୬ରେ ଦିଆଯାଇଥିବା ପ୍ରସ୍ତାବ ପରେ ଏହାର ଅନୁମୋଦନ ପଥ ପରିଷ୍କାର ହୋଇଥିବା କୁହାଯାଉଛି ।

ପ୍ରସ୍ତାବିତ ସମୟସୂଚୀ ଅନୁଯାୟୀ, ପୁରୀରୁ ଟ୍ରେନ୍‌ଟି ରାତି ୧୧ଟା ୪୫ ମିନିଟ୍‌ରେ ଛାଡ଼ି ପରଦିନ ଅପରାହ୍ନ ୧୨ଟା ୫୩ ମିନିଟ୍‌ରେ ରାଇରଙ୍ଗପୁର ଏବଂ ୧ଟା ୪୫ ମିନିଟ୍‌ରେ ବାଦାମପାହାଡ଼ରେ ପହଞ୍ଚିବ । ସେହିପରି ବାଦାମପାହାଡ଼ରୁ ଅପରାହ୍ନ ୪ଟାରେ ଛାଡ଼ି ରାଇରଙ୍ଗପୁର, ଟାଟାନଗର ଓ କେନ୍ଦୁଝର ସମେତ ବିଭିନ୍ନ ଷ୍ଟେସନ ଦେଇ ପରଦିନ ସକାଳ ୬ଟାରେ ପୁରୀରେ ପହଞ୍ଚିବାର ବ୍ୟବସ୍ଥା ରହିଛି । ଏହି ଟ୍ରେନ୍‌ରେ ରାଇରଙ୍ଗପୁର, ବାଦାମପାହାଡ଼, ଅଁଳାପୋଡ଼ି, ଟାଟାନଗର, ଭୁବନେଶ୍ୱର ଓ କଟକ ସମେତ ମୋଟ ୧୯ଟି ଷ୍ଟେସନରେ ରହଣି ବ୍ୟବସ୍ଥା ରହିଛି । ନଅଟି କୋଚ୍ ବିଶିଷ୍ଟ ଏଲ୍‌ଏଚ୍‌ବି ରେକ୍ ଏହି ଟ୍ରେନ୍‌ରେ ରହିବ । ରେଳବୋର୍ଡର ସୂଚନା ଅନୁଯାୟୀ, ଖୁବ୍‌ଶୀଘ୍ର ଏକ ସୁବିଧାଜନକ ତାରିଖରେ ଟ୍ରେନ୍ ଚଳାଚଳ ଆରମ୍ଭ ହେବ । ଆସନ୍ତା ୨୮ ଓ ୨୯ ତାରିଖରେ ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ ସମୟରେ ଏହି ଟ୍ରେନ୍‌ର ଶୁଭାରମ୍ଭ ହେବାର ସମ୍ଭାବନା ରହିଛି । ରାଷ୍ଟ୍ରପତି ସବୁଜ ପତାକା ଦେଖାଇ ଟ୍ରେନ୍‌ର ଶୁଭାରମ୍ଭ କରିପାରନ୍ତି ବୋଲି ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ସୂଚନା ଦେଇଛନ୍ତି । ଏହାଦ୍ୱାରା ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସହ ପଡ଼ୋଶୀ ଝାଡ଼ଖଣ୍ଡର ଯାତ୍ରୀମାନେ ଶ୍ରୀକ୍ଷେତ୍ର ପୁରୀକୁ ସିଧାସଳଖ ଯାତ୍ରା କରିବାର ସୁଯୋଗ ପାଇବେ । ଏଥିସହ ଧାର୍ମିକ ପର୍ଯ୍ୟଟନ, ବ୍ୟବସାୟ ଓ ଆର୍ଥିକ କାର୍ଯ୍ୟକଳାପକୁ ମଧ୍ୟ ଏହି ରେଳ ସେବା ନୂଆ ଗତି ଦେବ ବୋଲି ଆଶା ପ୍ରକାଶ ପାଇଛି ।

ସନ୍ତୋଷ ହତ୍ୟାକାଣ୍ଡର ଅଭିଯୁକ୍ତ ବସନ୍ତ ଗିରଫ

ବୁଗୁଡା, (ସବ୍ୟୁ): ଗତ ୨୦ ତାରିଖ ବିଜୟାଦଶମୀ ଦିନ ପୂର୍ବାହ୍ନରେ ବୁଗୁଡା ଥାନା ଅନ୍ତର୍ଗତ ମୋଟାବାଡି ରାସ୍ତାରେ ସ୍ଥାନୀୟ ଓଡ଼ିଆସାହିର ଯୁବକ ସନ୍ତୋଷ ରାଉତ(୩୦)କୁ ହତ୍ୟାକରି ଫେରାର ଥିବା ସେହି ଓଡ଼ିଆ ସାହିର ଯୁବକ ବସନ୍ତ ନାୟକ(୩୬)କୁ ପୋଲିସ ବାଲୁଗାଁରୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ବାଇକ୍ ଓ ଛୁରିକୁ ଜବତ କରିଛି । ଗୁରୁବାର ଅପରାହ୍ନରେ ପୋଲିସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଏଏସପି ରଞ୍ଜନ କୁମାର ଦେ, ଏସଡିପିଓ ଦୀପକ କୁମାର ମିଶ୍ର, ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ଓ ଏଏସଆଇ ସୁମନ୍ତ କୁମାର ବେହେରା ଉପସ୍ଥିତ ରହି ହତ୍ୟାକାଣ୍ଡର ଖୁଲାସା କରିଥିଲେ ।



ପୋଲିସର କହିବା ପ୍ରକାରେ ସନ୍ତୋଷ ଓ ବସନ୍ତ ଦୁଇ ବନ୍ଧୁ ଥିଲେ । ଉଭୟଙ୍କ ମଧ୍ୟରେ ଅର୍ଥ ଦେଣନେଣ ସହ ଖରାପ ସମ୍ପର୍କକୁ ନେଇ ତିକ୍ତତା ରହିଥିଲା । ସନ୍ତୋଷର ଜୀବନ ନେବାକୁ ବସନ୍ତ ଯୋଜନା କରିଥିଲା । ଏଣୁ ଯୋଜନା ମୁତାବକ ବସନ୍ତ ଗତ ଦଶହରା ଦିନ ସନ୍ତୋଷକୁ ଫୁସୁଲାଇ ବୁଲାବୁଲି କରିଯିବାକୁ ଡ଼ାକିଥିଲା । ଉଭୟେ ସନ୍ତୋଷର ବାଇକ(ନଂ-ଓଡି ୩୨ଏ - ୬୬୭୫)ରେ ବସି ମୋଟାବାଡି ରାସ୍ତାରେ ଯାଉଥିବା ସମୟରେ ବାଟରେ ଏକ ନିଛାଟିଆ ସ୍ଥାନରେ ବାଇକ୍ ଅଟକାଇବାକୁ ବସନ୍ତ କହିଥିଲା । ସନ୍ତୋଷ ବାଇକଟିକୁ ଅଟକାଇବା କ୍ଷଣି ବସନ୍ତ ଓହ୍ଲାଇପଡି ସାଥିରେ ନେଇଥିବା ଏକ ତୀକ୍ଷଣ ଛୁରିରେ ସନ୍ତୋଷକୁ ଆକ୍ରମଣ କରିଥିଲା । ସେ ତଳେ ପଡିଯିବା ପରେ ତା'ର ତଣ୍ଟିକୁ କାଟି ଦେଇଥିଲା । ପ୍ରଚୁର ରକ୍ତସ୍ରାବ ସହ ସନ୍ତୋଷ ଛଟପଟ ହୋଇ ମୃତ୍ୟୁବରଣ କରିଥିଲା । ସନ୍ତୋଷର ମୃତ ଶରୀରକୁ ଘୋଷାରି ନେଇ ରାସ୍ତାକଡ ଜଙ୍ଗଲରେ ପକାଇ ଦେଇ ତା'ର ମୋବାଇଲ ଓ ବାଇକ୍ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ଏହି ସମୟରେ ହତ୍ୟାକାରୀ ବସନ୍ତର ମୋବାଇଲଟି ଘଟଣା ସ୍ଥଳରେ ଖସିପଡିଥିଲା । କୋଣସି ସୂତ୍ରରୁ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସେଠାରେ ପଡ଼ିଥିବା ମୋବାଇଲଟିକୁ ହାତେଇବା ସହ ମୃତ ସନ୍ତୋଷର ଶବକୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା । ପୋଲିସ ଘଟଣା ସ୍ଥଳରୁ ପାଇଥିବା ମୋବାଇଲଟିକୁ ଆଧାର କରି ହତ୍ୟାକାରୀ ସମ୍ପର୍କେ ସୁରାକ ପାଇଥିଲା । ଏନେଇ ସନ୍ତୋଷଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୫୨୨/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ।

ତେବେ ଘଟଣାର ପରଦିନ ଅପରାହ୍ନରେ ଶତାଧିକ ସାହିବାସିନ୍ଦା ଫେରାର ହତ୍ୟାକାରୀକୁ ତୁରନ୍ତ ଗିରଫ କରିବା ଦାବି ନେଇ ଥାନା ସମ୍ମୁଖରେ ପ୍ରତିବାଦ କରିବା ସହ ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରି ପୋଲିସ ଉପରେ ଚାପ ପକାଇଥିଲେ । ତେବେ ଚାପଗ୍ରସ୍ତ ପୋଲିସ ହତ୍ୟାକାରୀ ବସନ୍ତକୁ ଗିରଫ କରିବାରେ ସଫଳ ହୋଇ ସାମ୍ବାଦିକ ସମ୍ମିଳନୀର ଆହ୍ୱାନ କରିଥିଲେ ହେଁ କେଉଁଥି ପାଇଁ ବନ୍ଧୁ ବସନ୍ତ ବଇରୀ ସାଜି ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଭିଆଇଲା ସେନେଇ ଯୁକ୍ତିସଙ୍ଗତ ତଥ୍ୟ ଉପସ୍ଥାପନ କରିପାରିନଥିଲା ।

ସରକାରୀ ମହିଳା ମହାବିଦ୍ୟାଳୟରେ ସାନ୍ତାଳୀ ଅନର୍ସ ଖୋଲିବାକୁ ଦାବି



ବାରିପଦା, (ସବ୍ୟୁ) : ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ସାନ୍ତାଳୀ ଭାଷାରେ ଅନର୍ସ (ମେଜର) ଓ ଇଲେକ୍‌ଟିଭ୍ (ମାଇନର) ପାଠ୍ୟକ୍ରମ ଖୋଲିବା ଦାବିରେ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦୀର୍ଘଦିନ ଧରି ଏହି ଦାବି ହୋଇଆସୁଥିଲେ ମଧ୍ୟ ଏଯାଏଁ ମହାବିଦ୍ୟାଳୟରେ ସାନ୍ତାଳୀ ଅନର୍ସ ପାଠ୍ୟକ୍ରମ ଆରମ୍ଭ ହୋଇପାରିନାହିଁ । କଲେଜ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଏ ସମ୍ପର୍କିତ ଫାଇଲ ଉଚ୍ଚଶିକ୍ଷା ବିଭାଗରେ ଅଟକି ରହିଛି । ଫଳରେ ସାନ୍ତାଳୀ ଭାଷାରେ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ଆଗ୍ରହୀ ଅନେକ ଛାତ୍ରୀ ଏହି ସୁଯୋଗରୁ ବଞ୍ଚିତ ହେଉଛନ୍ତି । ତେଣୁ ଆସନ୍ତା ଶିକ୍ଷାବର୍ଷରୁ ଏହି ପାଠ୍ୟକ୍ରମ ଆରମ୍ଭ କରିବାକୁ ସଂଗଠନଗୁଡ଼ିକ ପକ୍ଷରୁ ଦୃଢ଼ ଦାବି କରାଯାଇଛି । ଏଥିସହ ଓଡ଼ିଶାରେ ଉର୍ଦ୍ଦୁ, ତେଲୁଗୁ ଓ ବଙ୍ଗଳା ଭାଷା ଭଳି ସାନ୍ତାଳୀ ଭାଷାକୁ ମଧ୍ୟ ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ କରିବା ନେଇ ବିଧାୟକଙ୍କ ସହ ଆଲୋଚନା କରାଯାଇଥିଲା ।

ବିଧାୟକ ଶ୍ରୀ ସୋରେନ ଏହି ଦାବିଗୁଡ଼ିକୁ ଉଚ୍ଚଶିକ୍ଷା ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିବା ସହ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ସଂଗଠନ ପକ୍ଷରୁ କୁହାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ନିଖିଳ ଓଡ଼ିଶା ସାନ୍ତାଳୀ ସ୍ନାତକୋତ୍ତର ଛାତ୍ର ସଂଘର ସଭାପତି ବିକ୍ରମ ବେଶ୍ରା, ଅଖିଳ ଭାରତ ସାନ୍ତାଳୀ ଲେଖକ ସଂଘର ଓଡ଼ିଶା ଶାଖା ସମ୍ପାଦକ ଅର୍ଜୁନ ମାର୍ଣ୍ଡି, ହିତାଲ୍ ଆଖଡାର ଚେୟାରମ୍ୟାନ ପରାନ୍ ହେମ୍ବ୍ରମ, ସମାଜସେବୀ ଇଂ. ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ସୁନାରାମ ସୋରେନ ଟ୍ରଷ୍ଟର ସଦସ୍ୟ ଚନ୍ଦ୍ରମୋହନ ମାଝୀ, ଅଖିଳ ଭାରତ ଅଲଚିକି ଛାତ୍ର ସଂଘର ସଦସ୍ୟ ଶ୍ରୀରାମ ଟୁଡୁ ଓ କାର୍ମି ମୁର୍ମୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

ବିଭିନ୍ନ ଜୁଆ ଆଡ୍ଡାରେ ଚଢାଉ, ବହୁ ଜୁଆଡ଼ି ଗିରଫ

ବ୍ରହ୍ମପୁର/ଚିକିଟି/ଭଞ୍ଜନଗର, (ସବ୍ୟୁ) : ପାର୍ବଣ ଆସିଲେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜମେ ଜୁଆ ଆଡ୍ଡା । ପରମ୍ପରା ନାମରେ ଜୁଆ ଖେଳ ଏକ ପ୍ରଥା ରହିଛି । ହେଲେ ଜୁଆ ଖେଳକୁ କେନ୍ଦ୍ର କରି ଗତ କିଛିବର୍ଷ ମଧ୍ୟରେ ଅନେକ କାଣ୍ଡ ଘଟିଛି । ଏଣୁ ପୋଲିସ ଜୁଆ ଖେଳ ଏକ ଅପରାଧ ହୋଇଥିବା ବେଳେ ଜୁଆ ଆଡ୍ଡାରେ ଚଢ଼ାଉ କରୁଛି । ଏହି ଧାରାରେ ବ୍ରହ୍ମପୁର ପୋଲିସ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇ ୫୨ ଜଣଙ୍କୁ ଜୁଆଡିଙ୍କୁ ଧରିଛ ।

ବିଶ୍ୱସ୍ତ ସୂଚନା ଆଧାରରେ ବୈଦ୍ୟନାଥପୁର, ବ୍ରହ୍ମପୁର ଟାଉନ୍, ବ୍ରହ୍ମପୁର ସଦର, ଗୋପାଳପୁର, ଗୋସାଣିନୂଆଗାଁ ଓ ଦିଗପହଣ୍ଡି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରିଥିଲା । ଏହି ଘଟଣାରେ ମୋଟ ୧୦ଟି ମାମଲା ରୁଜୁ ହୋଇଛି । ଚଢ଼ାଉ ସମୟରେ ପୋଲିସ ଜୁଆ ଖେଳରେ ବ୍ୟବହୃତ ନଗଦ ୩ ଲକ୍ଷ ୪୮ ହଜାର ୫୧୦ ଟଙ୍କା, ଖେଳ ପ୍ରସ୍ତୁତି ସରଞ୍ଜାମ, ୩୬ଟି ମୋବାଇଲ ଫୋନ୍ ଓ ଗୋଟିଏ ମୋଟର ସାଇକେଲ ଜବତ କରିଛି ।

ସେହିପରି ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ଥାନା ଅନ୍ତର୍ଗତ ଚ. ଟିକରପଡ଼ା ଗ୍ରାମରେ ବେଆଇନ ଜୁଆ ଖେଳ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଛି । ଏହି ଚଢ଼ାଉରେ ଜୁଆ ଖେଳୁଥିବା ୯ ଜଣଙ୍କୁ ପୋଲିସ ଧରିବା ସହ ନଗଦ ୧ ଲକ୍ଷ ୫୫ ହଜାର ୬୦ ଟଙ୍କା ଜବତ କରିଛି । ପୋଲିସ ସୂଚନା ଅନୁଯାୟୀ, ଗତ ୨୧ ତାରିଖ ରାତି ପ୍ରାୟ ୧୧ଟା ୩୦ ମିନିଟରେ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ସିଏଚ. ଟିକରପଡ଼ା ଗ୍ରାମରେ ଜୁଆ ଖେଳ ଚାଲିଥିବା ନେଇ ପୋଲିସକୁ ବିଶ୍ୱସ୍ତ ସୂଚନା ମିଳିଥିଲା । ଏହାପରେ କେ. ନୂଆଗାଁ ଥାନା ପୋଲିସ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା । ପୋଲିସକୁ ଦେଖି ଜୁଆ ଖେଳରେ ସମ୍ପୃକ୍ତ ବ୍ୟକ୍ତିମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ୯ ଜଣଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା । ଘଟଣା ସ୍ଥଳରୁ ନଗଦ ୧,୫୫,୦୬୦ ଟଙ୍କା, ୬ ପ୍ୟାକେଟ୍ ତାସ୍, ୬ଟି ମୋବାଇଲ୍ ଫୋନ୍, ଗୋଟିଏ ନାଲି ରଙ୍ଗର ଟର୍ଚ୍ଚ ଓ ଗୋଟିଏ ନାଲି ତାରପୋଲିନ୍ ଜବତ କରାଯାଇଛି । ଏହି ଘଟଣାରେ କେ. ନୂଆଗାଁ ଥାନାରେ କେସ୍ ନଂ ୨୪୦/ ୨୧.୧୦.୨୦୨୬ ରୁଜୁ ହୋଇଛି ।

ସେହିପରି ଗଂଜାମ ଜିଲ୍ଲା ଭଂଜନଗର ଥାନା ପୋଲିସ ପକ୍ଷରୁ ଜୁଆ ଆଡ୍ଡାରୁ ୧ଲକ୍ଷ ୪୪ ହଜାର ଟଙ୍କା ଜବତ ହୋଇଛି । ଏହି ଥାନା ଅନ୍ତର୍ଗତ କୁଲାଡ, ହାତୀଗୁଡା, ଖମାରେଡି ଗାଁ ନିକଟରେ ୬ ଟି ସ୍ଥାନରେ ଚାଲିଥିଲା ଜୁଆଖେଳ । ସୂଚନା ପାଇ, ପୋଲିସ ଟିମ୍ ଚଢ଼ାଉ କରିଥିଲା । ଏବେ କୁମାର ପୂର୍ଣ୍ଣିମା ଆସୁଥିବାରୁ, ଗଂଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜୁଆଖେଳ ଚାଲିଥିବା ନଜରକୁ ଆସୁଛି । ଏଥିରେ ଲକ୍ଷଲକ୍ଷ ଟଙ୍କାର ଖେଳ ହେଉଥିବା କାରଣରୁ, ଜିଲ୍ଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି ।

ନାଲକୋ ଅଞ୍ଚଳରେ ବାରମ୍ବାର ଚୋରି


ବଆଁରପାଳ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ନାଲକୋ ନଗର ଥାନା ଅଞ୍ଚଳରେ ବାରମ୍ବାର ଚୋରି ଘଟଣା ଘଟୁଥିବାରୁ ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ଅସନ୍ତୋଷ ଦେଖାଦେଇଛି । ସୂଚନା ଅନୁଯାୟୀ, ଜଗତସିଂହପୁର ଜିଲାର ସଂଜୀବ କୁମାର ସିଂହ (୪୦) ଦୀର୍ଘ ୨୦ ବର୍ଷ ଧରି କୁଲାଡ଼ ରାସ୍ତା ସାହିରେ ଭଡ଼ାରେ ରହୁଛନ୍ତି । ଗତ ୧୯ ତାରିଖ ଅପରାହ୍ନ ୩ଟାରେ ସେ ନିଜ ଗାଁକୁ ଯାଇଥିବାବେଳେ ତାଙ୍କ ଘରେ ଚୋରି ହୋଇଥିଲା । ଚୋର ଆଲମିରା ଭାଙ୍ଗି ୪ ହଳ ସୁନା କାନଫୁଲ, ହାତମୁଦି, ରାଣୀହାର, ମଙ୍ଗଳସୂତ୍ର, ସୁନା ଚେନ, ୨ ହଳ ରୁପା ପାଉଁଜି, ରୁପା ଲକେଟ ଓ ନଗଦ ୩୫ ହଜାର ଟଙ୍କା ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି ।ଘଟଣା ସମ୍ପର୍କରେ ସଂଜୀବ ନାଲକୋନଗର ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ଚୋରର ଫଟୋ ସିସିଟିଭିରେ କଏଦ ହୋଇଥିବା କହିଛନ୍ତି । ତେବେ ଏପର୍ଯ୍ୟନ୍ତ ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ତାଙ୍କର ଅଭିଯୋଗ । ସେ ନାଲକୋ ସ୍ମେଲଟର ପ୍ଲାଣ୍ଟରେ ଠିକା ଶ୍ରମିକ ଭାବେ କାମ କରନ୍ତି ।

ମିନି ଷ୍ଟାଡିୟମରେ ରାବଣ ପୋଡି ମହୋତ୍ସବ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହରସ୍ଥିତ ମିନି ଷ୍ଟାଡିୟମ୍ ପଡିଆରେ ରାବଣପୋଡ଼ି ମହୋତ୍ସବ ପାଳିତ ହୋଇଛି । ପ୍ରୟାସ ଅନୁଷ୍ଠାନ ପକ୍ଷରୁ ଏହି ୨୫ତମ ରାବଣପୋଡ଼ି ମହୋତ୍ସବରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଅଧର୍ମ ଉପରେ ଧର୍ମର ବିଜୟ ଅସତ୍ୟ ଉପରେ ସତ୍ୟର ବିଜୟ ପ୍ରତୀକ ସ୍ୱରୁପ ରାବଣ ପୋଡି କାର୍ଯ୍ୟକ୍ରମରେ ଅଗ୍ନି ସଂଯୋଗ କରିଥିଲେ ପିଲାମାନଙ୍କୁ ରାବଣ ପରି ନୁହଁ ବରଂ ରାମ ଲକ୍ଷ୍ମଣ ଅର୍ଜୁନଙ୍କ ପରି ଗଢି ତୋଳିବା , ଏପରି ହେବା ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି । ରାବଣପୋଡ଼ି ଦେଖିବାକୁ ସହର ତଥା ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଲୋକଙ୍କଭିଡ଼ ପରିଲକ୍ଷିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ ପୌରାଧକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଧନଞ୍ଜୟପୁର ଶାସନରେ ଶାରଦୀୟ ମହାନବମୀ ପର୍ବ ପାଳିତ



କୁଲାଡ଼, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ ଧନଞ୍ଜୟପୁର ଶାସନ ଗ୍ରାମରେ ଭକ୍ତିମୟ ପରିବେଶରେ ପବିତ୍ର ଶାରଦୀୟ ନବରାତ୍ରୀ ପୂଜାର ମହାନବମୀ ପର୍ବ ଆୟୋଜିତ ହୋଇ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମା' ଦୁର୍ଗାଙ୍କ ଆଶୀର୍ବାଦ କାମନା କରି ବୈଦିକ ରୀତିନୀତି ଅନୁଯାୟୀ ଧାର୍ମିକ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ମିଶ୍ର ମୁଖ୍ୟକର୍ତ୍ତା ଯୋଗଦେଇ ଦାୟିତ୍ୱ ତୁଲାଇଥିବା ବେଳେ ପୁରୋହିତ ଦେବୀପ୍ରସାଦ ତ୍ରିପାଠୀ, ସତ୍ୟନାରାୟଣ ତ୍ରିପାଠୀ ଓ କାହ୍ନୁଚରଣ ତ୍ରିପାଠୀ ପୂଜାବିଧି ଓ ହୋମଯଜ୍ଞ ସମ୍ପନ୍ନ କରିଥିଲେ । ମହାନବମୀର ଏହି ପବିତ୍ର ଅବସରରେ ଗ୍ରାମର ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରାଯାଇଥିଲା । ଏହି ଆୟୋଜନ ଗ୍ରାମବାସୀଙ୍କ ମଧ୍ୟରେ ଧାର୍ମିକ ଭାବନା, ସାମୂହିକ ଏକତାକୁ ସୁଦୃଢ଼ କରିଥିଲା । ଏହି ମାଙ୍ଗଳିକ କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ସମୂହ, ଶ୍ରଦ୍ଧାଳୁ, ଗ୍ରାମବାସୀ ଓ ସେବାୟତଗଣ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରି ପ୍ରସାଦ ସେବନ କରିଥିଲେ ।

ସ୍କ୍ରବ ଟାଇଫସ ନେଲା ଜୀବନ

ରେଙ୍ଗାଳି, (ସବ୍ୟୁ): ରେଙ୍ଗାଳିରେ ସ୍କ୍ରବ ଟାଇଫସ ନେଲା ଜୀବନ । କଟକ ଶିଶୁଭବନରେ ଚିକିତ୍ସାଧୀନ ଅବସ୍ଥାରେ ୧୧ ବର୍ଷୀୟ ନାବାଳକର ମୃତ୍ୟୁ । ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଳି ଗାଁରେ ଶୋକର ଛାୟା । ସ୍କ୍ରବ ଟାଇଫସ୍ ଆକ୍ରାନ୍ତ ହୋଇ ୧୧ ବର୍ଷୀୟ ନାବାଳକ ଅଶ୍ୱିନ ସାମଲଙ୍କ ମୃତ୍ୟୁ ହୋଇଛି । ଗତକାଲି କଟକ ଶିଶୁଭବନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

ସାଉଥବଲଣ୍ଡାରେ ରାବଣ ପୋଡ଼ି



ସାଉଥବଲଣ୍ଡା, (ସବ୍ୟୁ) : ପବିତ୍ର ବିଜୟା ଦଶମୀ ପାଳନ ଅବସରରେ ତାଳଚେର ବ୍ଲକ ସାଉଥବଲଣ୍ଡା ଶିବ ମନ୍ଦିର ପଡିଆ ପରିସରରେ ୧୫ତମ ରାବଣ ପୋଡ଼ି ମହୋସିବ ପାଳିତ ହୋଇଯାଇଛି। ରାବଣ ପୋଡ଼ି ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ବିଜେପି ଉପସଭାପତି ସମାଜସେବୀ ରାଜେନ୍ଦ୍ର କୁମାର ସିଂହ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପନିୀ ତଥା ବିକାଶ ଫାଉଣ୍ଡେସନର ଅଧକ୍ଷ ଡ. ମୃଦୁଳା ଠାକୁର ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ନିଜ ଅଭିଭାଷଣରେ ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଓ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ହେଉଛି ରାବଣ ପୋଡ଼ି ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବରେ ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ତାଳଚେର ନଗରପାଳ ପବିତ୍ର ଭୂତିଆ, ଏମ୍‌ସିଏଲ୍ ଜହନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଅଜୟ ସିଂହ, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏସ.ଭି.ଜୋଷୀ, ଭୁବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଏ.କେ. ଦାସ ଙ୍କ ସମେତ ତାଳଚେରରେ ଥିବା ସମସ୍ତ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଓ ପ୍ରକଳ୍ପ ଅଧିକାରୀ ମଞ୍ଚାସୀନ ହୋଇଥିଲେ।

ଅନ୍ୟତମ ଅତିଥି ଭାବରେ ତାଳଚେର କୋଇଲା ଖଣି ମଜଦୁର୍ ସଂଘର ସଭାପତି କିଶୋର ଚନ୍ଦ୍ର ପ୍ରଧାନ, ସାଧାରଣ ସଂପାଦକ ବୀରେନ୍ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସିବ ଦେଖିବା ପାଇଁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀମତୀ ଠାକୁର ଏକ ୩୫ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳକାୟ ରାବଣର ପ୍ରତିର୍ମୂରେ ଅଗ୍ନି ସଂଯୋଗ କରି ରାବଣଦହନ କରିଥିଲେ। ନାନା ରକମର ବାଣ ଓ ରଙ୍ଗୀନ ଆତସବାଜି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲା। ତାଳଚେର କୋଇଲା ଖଣି ମଜଦୁର୍ ସଂଘର କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ରାବଣପୋଡ଼ି ଅନୁଷ୍ଠାନର ସଂଯୋଜକ ସଞ୍ଜୀବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବେଆଇନ ବାଣ ଜବତ

ତାଳଚେର,(ସବ୍ୟୁ) : ତାଳଚେର ଟାଉନ ପୋଲିସ କୌଣସି ସୂତ୍ରରୁ ଖବରପାଇ ତାଳଚେର ବ୍ଲକ ଅନ୍ତର୍ଗତ ସନ୍ଥପ ଗ୍ରାମ ନିକଟରୁ ପୃଥକ ପୃଥକ ଭାବେ ଗୋଟିଏ ସ୍ଥାନରୁ ୨୬ଟି ଚୋରାବାଣ ପ୍ୟାକେଟ ଓ ସେହି ନିକଟରୁ୨୯ ପ୍ୟାକେଟ ବାଣ ଜବତ କରିଥିବା ଘଟଣା ଚୋରା ବାଣ ବ୍ୟବସାୟୀଙ୍କ ମନରେ ଛନକା ପଶିଛି । ସୂଚନା ମୁତାବକ ପୋଲିସ ସନ୍ଥପ ନିକଟରୁ ୨ଟି ଜାଗାରେ ଆତର୍କିତ ଚାଉ କରି ବେଆଇନ ବାଣ ଜବତ କରିଥିବା ବେଳେ ଏଥିରେ ସମ୍ପୃକ୍ତ ସନ୍ଥପ ଗ୍ରାମର କାଳିଆ ଓରଫ ଅନିଲ ସାହୁକୁ ପୋଲିସ ଗିରଫ କରିଥିବା ବେଳେ ସେହି ଗ୍ରାମର ନୟନ ସାହୁ ଫେରାର୍ ଅଛନ୍ତି । ଏସମ୍ପର୍କରେ ପୋଲିସ ଅଧିକ ଛାଡିନ କରୁଥିବା ବେଳେ କେସ ନଂ-୧୧୫୫କ୍ୟୁ/ଏସ (ବି) (୧)(ବି) ଭାରତୀୟ ଏକ୍ସକ୍ଲୁସିଭ ଧାରା ସେକସନ-୫ ଫାୟାର ୱାର୍କସ ଏବଂ ଲାଉ ସ୍ପିକର ଧାରା ଲଗାଇଥିବା ବେଳେ ସେହିଭଳି ୨ୟ ବାଣ ବ୍ୟବସାୟୀକୁ କେସ ନଂ-୧୧୫୬କ୍ୟୁ/ଏସ (ବି) (୧)(ବି) କେସ ଦାୟର କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି ।

ଧର୍ମପରାୟଣ ମହିଳାଙ୍କ ପରଲୋକ

ଧରାକୋଟ, (ସବ୍ୟୁ) : ଧରାକୋଟ ଗଡର କୋଠାରି ସାହି ବାସିନ୍ଦା ସ୍ୱର୍ଗତ ତ୍ରିନାଥ ନାୟକଙ୍କ ପନିୀ ବାସନ୍ତୀ ନାୟକଙ୍କ ୬୬ ବର୍ଷ ବୟସରେ ହୃଦଘାତରେ ପରଲୋକ ଘଟିଛି । ଗୁରୁବାର ତାଙ୍କ ବାସଭବନରେ ତିନି ନମ୍ବର ୱାର୍ଡର ୱାର୍ଡ ସଭ୍ୟା ଡଲି ନାୟକଙ୍କ ସଂଯୋଜନାରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା । ଏଥିରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁଅ ବଳରାମ, ଦିଲିପ, କୃଷ୍ଣ ଓ ଝିଅ ଝୁନୁ ସହ ନାତି କାଳିଆ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ ।

ମା' ଦୁର୍ଗା ପୂଜା ଆଜ୍ଞା ଲଡୁ ଲଟେରୀ ଉଠାଣ

ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଷ୍ଟେସନ ଛକସ୍ଥିତ ମା 'ଦୁର୍ଗା ପୂଜା ଟ୍ରଷ୍ଟ ପକ୍ଷରୁ ମା 'ଦୁର୍ଗା ପୂଜା ମହାସମାରୋହ ସହକାରେ ପାଳିତ ହୋଇଯାଇଛି। ପୂଜାର ଶେଷ ଦିନ ତଥା ଦଶହରାରେ ପୂଜା ଟ୍ରଷ୍ଟ ପକ୍ଷରୁ ମା 'ଦୁର୍ଗାଙ୍କ ଆଜ୍ଞା ଲଡୁ ନିମନ୍ତେ ଲଟେରୀ ଉଠାଣ ବ୍ୟବସ୍ଥା ହୋଇଥିଲା । ଏହି ଲଟେରୀ ଉଠାଣରେ ଅନୁଗୋଳର ଯୁବ ଆଇନଜୀବୀ ଶ୍ରିୟଙ୍କା ପ୍ରିୟଦର୍ଶିନୀ ନନ୍ଦ ଅଂଶଗ୍ରହଣ କରି ବିଜୟୀ ହୋଇଥିଲେ । ଶ୍ରୀମତୀ ଶ୍ରିୟଙ୍କା ଓ ତାଙ୍କ ସ୍ୱାମୀ ଆଇନଜୀବୀ ରାଜେଶ କୁମାର ମିଶ୍ର ପୂଜା ମଣ୍ଡପରେ ଦୁର୍ଗାପୂଜା ଟ୍ରଷ୍ଟର ସଭାପତି ନିଲୁ ସାହୁ, ଉପସଭାପତି ବିରେନ ଦାସ, ସମ୍ପାଦକ ତ୍ରିପୁର ବିଶ୍ୱାଳ, କୋଷାଧକ୍ଷ ଦାମୋଦର ବେହେରା, ସହ ସମ୍ପାଦକ ସମ୍ବିତ ସାମଲ, କାର୍ଯ୍ୟକାରୀ ସଭାପତି ତାପସ ବିଶ୍ୱାଳ, କାର୍ଯ୍ୟକାରୀ ସମ୍ପାଦକ ମଣ୍ଟି ମହାପାତ୍ର, କାର୍ଯ୍ୟକାରୀ କୋଷାଧକ୍ଷ ମାନସ ସାହୁ, ପୂର୍ବତନ ନଗରପାଳ ଶକ୍ତି ପଟ୍ଟନାୟକ, ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ସାହୁ, ତେତ୍ରାନନ୍ଦ ସାମନ୍ତ, ଉପଦେଷ୍ଟା ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖଙ୍କ ଠାରୁ ଆଜ୍ଞା ଲଡୁ ଗ୍ରହଣ କରିଥିଲେ ।



ଶ୍ରୀମତୀ ଶ୍ରିୟଙ୍କା ଅନୁଗୋଳର ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦଙ୍କ ଝିଅ ଅଟନ୍ତି । ଆଜ୍ଞା ଲଡୁ ଉଠାଣରେ ବିଜୟୀ ହୋଇଥିବାରୁ ରାଣୀଗୁଡା ଗ୍ରାମ ଓ ଅନୁଗୋଳ ସହରରେ ଆନନ୍ଦ ପ୍ରକାଶ ପାଇଛି ।

୫ ବ୍ରାଉନସୁଗର ମାଫିଆ ଗିରଫ : ୨୦.୨୧ ଗ୍ରାମ ଜବତ

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଟାଉନ ଥାନା ପକ୍ଷରୁ ଚଢାଉ କରାଯାଇ ବ୍ରାଉନସୁଗର ସହିତ ୫ ଜଣଙ୍କୁ ଗିରଫ କରାଯାଇଥିବାର ଜଣାପଡିଛି । ଏହି ଚଢାଉ ସମୟରେ ପୋଲିସ ୨୦.୨୧ ଗ୍ରାମ ବ୍ରାଉନସୁଗର ସହିତ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ଠାରୁ ଗୋଟିଏ ବଜାଜ ପଲସର ମୋଟରସାଇକେଲ ସହିତ ୩ ହୋଣ୍ଡା ଆକଟିଭା ଜବତ କରାଯାଇଛି ।

ଚଢାଉ ସମୟରେ ବ୍ରାଉନସୁଗର ଯୋଗାଉଥିବା ୨ବ୍ୟବସାୟୀଙ୍କୁ ମଧ୍ୟ ଗିରଫ କରାଯାଇଛି । ସୂଚନା ଅନୁସାରେ ଗତକାଲି ୨୧ ତାରିଖ ସନ୍ଧ୍ୟାରେ ଟାଉନ ଥାନା ଅଧିକାରୀଦିପକ ରଞ୍ଜନ ବେହେରା ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ସୂଚନା ପାଇଥିଲେ ,ବାଜିଚୌକ ନିକଟସ୍ଥ ରାମେଶ୍ୱରପୁର ଓଭରବ୍ରିଜ ନିକଟରେ ବ୍ରାଉନସୁଗର ମାଫିଆ ରାମେଶ୍ୱରପୁରର ଦିପକ କୁମାର ସିଂହ ଓରଫ କାଲୁ(୩୭) ଏବଂ ସଦରଥାନା ଅନ୍ତର୍ଗତ ବେଗୁନିଆପାଳ ଗ୍ରାମର ରାମେଶ୍ୱରପୁରରେ ସୁବ୍ରତ ପାତ୍ର ଓରଫ ବିରାଟ(୩୧),ଶାସନଛକ କାରିଗର ସାହିର ମହମ୍ମଦ ରିହାନ ଓରଫ ଲିଟୁ (୨୨) ଏବଂ ଅନ୍ୟ ଜଣେ ବ୍ରାଇନସୁଗାର ବିକ୍ରୀ କରିବାରୁ ଯୋଜନା ଚଳାଇଥିଲେ । ସେମାନେ ଗୋଟିଏ ବଜାଜ ପଲସର୨୨୦ ମୋଟରସାଇକେଲ ନମ୍ବର ଓଡି୦୨ଜି୫୨୯୦,ଏକ ହୋଣ୍ଡା ଆକଟିଭା ନମ୍ବର ଓଡି୦୬ଆର୫୨୭୩,ଅନ୍ୟ ଏକ ହୋଣ୍ଡା ଆକଟିଭା ନମ୍ବର ଓଡି୦୬ଏନ୧୪୭୦, ହୋଣ୍ଡା ଆକଟିଭା ନମ୍ବର ଓଡି୦୬ଏଲ୫୩୯୫ରେ ବିପୁଳ ପରିମାଣର ଧଳାଜହର ରଖି ସାଧାରଣ ଲୋକଙ୍କୁ ବିକ୍ରୀ କରିବା ପାଇଁ ଯୋଜନା ଚଳାଇଥିଲେ । ଏହି ସମୟରେ ପୋଲିସ ତରଫରୁ ମିଳିତ ଚଢାଉ କରାଯାଇ ସେଠାରେ ସମସ୍ତଙ୍କୁ କାବୁ କରାଯାଇଥିବାବେଳେ ଜଣେ ସେଠାରୁ ଚତୁରତାର ସହିତ ଫେରାର ହୋଇଯାଇଥିଲା । ସେମାନଙ୍କ ନିକଟରୁ ୨୦ଗ୍ରାମ୨୧ମିଲିଗ୍ରାମ ବାଉନସୁଗର ଜବତ କରାଯାଇଛି । ଅଭିଯୁକ୍ତଙ୍କ ଠାରୁ ସୂଚନା ପାଇ ବ୍ରାଉନସୁଗର ଯୋଗାଉଥିବା ଗଁଦିଆ ଥାନା ଦେଓଗାଁ କପିଳାସ ଟାଙ୍ଗି ରାସ୍ତାର ମହ୍ଲାର କଲୋନୀ ଚଢାଉ କରି ପୋଲିସ ସୁଶାନ୍ତ ପତି ଓରଫ ଆକୁଳ(୩୪), ସନ୍ତୋଷ ମହାପାତ୍ରଙ୍କୁ ଗିରଫ କରିବାରେ ସଫଳ ହୋଇଛି ।ଅଭିଯୁକ୍ତ ମାନଙ୍କ ନାମରେ ୭୫୪/୨୬ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ସେମାନଙ୍କ ଠାରୁ ବ୍ରାଉନସୁଗର ସହିତ ପଲସରବାଇକ,ତିନୋଟି ହୋଣ୍ଡା ଆକଟିଭା ଜବତ କରାଯାଇଛି । ସମସ୍ତ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପୋଲିସ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସମସ୍ତ ତଥ୍ୟ ପ୍ରଦାନ କରିଛି ।

ପୋଲିସ ତଥ୍ୟ ଅନୁସାରେ ସଦରଥାନା ବେଗୁନିଆ ପାଳ ଏବଂ ବର୍ତ୍ତମାନ ରାମେଶ୍ୱରପୁର ଠାରେ ରହୁଥିବା ସୁବ୍ରତ ପାତ୍ର ଓରଫ ବିରାଟ ନାମରେ ସଦରଥାନାରେ ୬ ଟି ଓ ଟାଉନ ଥାନାରେ ୧୫ଟି ମାମଲା ରହିଛି । ସେହିପରି ଦିପକ କୁମାର ସିଂହ ଓରଫ କାଲୁ ନାମରେ ଟାଉନ ଥାନାରେ ୭ଟି ମାମଲା ରହିଛି । ଏହି ଚଢାଉରେ ଏସଆଇ ସୌଭାଗ୍ୟ ପାଣି,ଶକ୍ତି ପ୍ରସାଦ ସାହୁ,ପରମେଶ୍ୱର ଶବର,ଟାଉନ ଥାନାର ଏଏସଆଇ ସଞ୍ଜୟ କୁମାରଦେହୁରୀ, ହାବିଲଦାର ସୁଧାଂଶୁ ଭୁଷଣ ପ୍ରଧାନ, ଜିତୁପରିଡା, ଅଜୟ କୁମାର ସିଠ, ବିପିନ ବିହାରୀ ସ୍ୱାଇଁ,ଲକ୍ଷ୍ମଣ ମଲ୍ଲିକ ପ୍ରମୁଖ ସାମିଲ ରହିଥିଲେ । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ହାତୀ ପଲଙ୍କ ରେଳ ଧାରଣା ଅତିକ୍ରମ : ଜଗିଛି ବନବିଭାଗ

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଢେଙ୍କାନାଳ ବନଖଣ୍ଡ ମେରାମଣ୍ଡଳୀ ନିକଟରେ ବିପଦ ସଙ୍କୁଳ ଭାବରେ ଏକ ହାତୀପଲ ୫୫ ନମ୍ବର ଜାତୀୟ ରାଜପଥ ପାରହେବା ସହିତ ରେଳଧାରଣା ପାର ହୋଇଥିବାର ଜଣାପଡିଛି। ମେରାମଣ୍ଡଳୀ ଷ୍ଟେସନ ଠାରୁ କିଛି ଦୁରରେ ୪୦ଟିକିଆ ହାତୀ ପଲ ୪ଟି ରେଲୱେ ଲାଇନ୍ ପାର୍ ହୋଇ ଯାଉଥିବାର ଦେଖିବାକୁ ମିଳିଛି । ହାତୀପଲ ରେଳଧାରଣା ପାର୍ ହୋଇ ଯିବା ପରେ ଜାତୀୟ ରାଜପଥ ୫୫ ପାର୍ ହୋଇ ଥିଲେ। ବଡ଼କଥା ହେଉଛି ଯେ ହାତୀ ରେଳ ଧାରଣା ନିକଟରେ ଥିବା ସୁଚନା ପାଇ



ହାତୀପଲ କିଭଳି ସୁରକ୍ଷିତ ଭାବେ ପାର୍ ହୋଇ ଯାଇ ପାରିବେ ସେ ନେଇ ବନ କର୍ମଚାରୀମାନେ ଉଚିତ୍ ପଦକ୍ଷେପ ନେଇଥିଲେ । ଏପରିକି ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବ୍ୟାରିକେଟ୍ ଗୁଡ଼ିକୁ ମଧ୍ୟ ହଟାଇଥିଲେ । ଏହାକୁ ନେଇ ବନ ବିଭାଗର ତତ୍ପରତାକୁ ପ୍ରଶଂସା କରାଯାଇଛି।

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ଶ୍ରମିକ ମୃତ

ଓଡ଼ାପଡ଼ା,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ୫୫ ନମ୍ବର ଜାତୀୟ ରାଜପଥର ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପ୍ଲାଣ୍ଟ ଗେଟ୍ ପାଖରେ ଏକ ଟ୍ରକ ଜଣେ ଶ୍ରମିକଙ୍କ ବାଇକ୍ କୁ ଧକ୍କା ଦେବା ସହ ବାଇକ ସହିତ ଶ୍ରମିକଙ୍କୁ ଘୋଷାଡି ନେବାରୁ ଶ୍ରମିକ ଗୁରୁତର ହୋଇ ଯାଇଥିଲେ । ଚିକିତ୍ସା ପାଇଁ ଅନୁଗୁଳ ମୁଖ୍ୟ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ନେଇ ଯାଇଥିଲେ । ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଡିହକାଟେଣୀ ଗ୍ରାମର ସୁଧାକର ଭୂତିଆ (୩୦) ଟାଟା ଷ୍ଟିଲ ୟୁଆଇଏଲ୍ ନାମକ ଏକ ଠିକା ସଂସ୍ଥାରେ ହେଲପର ଭାବେ କାମ କରୁଥିଲେ । ଆଜି ସକାଳ ପ୍ରାୟ ୬.୩୦ମି. ସମୟରେ କମ୍ପାନୀରେ ସି ସିଫ୍ ସାରି ନିଜ ବାଇକ ନଂ ଓ.ଡି୩୫ଏ-୬୧୨୩ ଯୋଗେ କାରଖାନା ମୁଖ୍ୟ ଫାଟକ ଠାରେ ୫୫ ନମ୍ବର ଜାତୀୟ ରାଜପଥ ପାରି ହେଉଥିଲେ । ମେରାମୁଣ୍ଡଣୀ ଆଡୁ ବଅଁରପାଳ ଅଭିମୁଖେ ଯାଉଥିବା ଏକ ଟ୍ରକ୍ ନମ୍ବର ଓ.ଡି ୧୯କ୍ୟୁ-୫୯୧୭ ବାଇକ୍ କୁ ଦ୍ରୁତ ଗତିରେ ଧକ୍କା ଦେବାସହ ଉଭୟଙ୍କୁ କିଛି ବାଟ ଘୋଷଡି ନେଇଥିଲା । ବାଇକ୍ ଟି ଶେଷ ପର୍ଯ୍ୟନ୍ତ ଟ୍ରକ୍ ଆଗରେ ଲାଗି ରହିଥିଲା । ସୁଧାକରକୁ ଆମ୍ବୁଲାନ୍ସ ଯୋଗେ ସଙ୍ଗେ ସଙ୍ଗେ ଅନୁଗୁଳ ଜିଲ୍ଲା ମୁଖଯ ଚିକିତ୍ସାଳୟକୁ ନିଆଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୁଧାକରର ପରିବାର ଓ ଗାଁ ଲୋକମାନେ କ୍ଷତିପୂରଣ ଦାବୀରେ କମ୍ପାନୀ ମୁଖ୍ୟ ଫାଟକ ଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ । କଣ୍ଟାବଣିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୧୦.୩୦ ସୁଦ୍ଧା ରାସ୍ତା ଅବରୋଧ ହଟାଇଥିଲେ। । ବାରମ୍ବାର ଏହି ଠାରେ ଦୁର୍ଘଟଣା ଯୋଗୁଁ ଜୀବନହାନି ହେଉଥିବାରୁ ଏଥିରେ ଅଞ୍ଚଳବାସୀ ମଧ୍ୟ ଉତ୍ତେଜିତ ହୋଇ ରାସ୍ତା ଅବରୋଧକୁ ସମର୍ଥନ କରିଥିଲେ । ଘଟଣା ସ୍ଥଳରେ ଢେଙ୍କାନାଳ ଅତିରିକ୍ତ ଏସ୍. ପି ଙ୍କ ସମେତ ଅନ୍ୟ ଥାନା ଅଧିକାରୀଙ୍କ ସହିତ ପହଞ୍ଚି ପ୍ରଥମେ ଜାତୀୟ ରାଜପଥ ଅବରୋଧ ହଟାଇଥିଲେ । କ୍ଷତିପୂରଣ ପାଇଁ ଅନୁଗୋଳ ମୁଖ୍ୟ ଡାକ୍ତରଖାନା ଠାରେ ଅନୁଗୋଳ ବିଧାୟକ ପ୍ରତାପ କୁମାର ପ୍ରଧାନଙ୍କ ଉପସ୍ଥିତିରେ ୟୁଆଇଏଲ୍ ଠିକା ସଂସ୍ଥା ଅଧିକାରୀମାନଙ୍କ ସହିତ ପରିବର ଓ ଗ୍ରାମବାସୀଙ୍କର ଆଲୋଚନା ହୋଇଥିଲା । ଠିକା ସଂସ୍ଥା ତରଫରୁ ଅନ୍ତେଷ୍ଟିକ୍ରିୟା ପାଇଁ ୫ ଲକ୍ଷ ଓ ପରିବାର ସହାୟତା ପାଇଁ ୭ଲକ୍ଷ ୫୦ହଜାର ଦେବାକୁ ସହମତି ହୋଇଥିଲେ । ଆଲୋଚନା ସ୍ଥଳରେ ଅଢେଇ ଲକ୍ଷ ନଗଦ ଅର୍ଥରାଶି ଦେବା ସହିତ ଅବଶିଷ୍ଟ ଆଜି ସଂଧ୍ୟା ସୁଦ୍ଧା ସୁଧାକରଙ୍କ ସ୍ତ୍ରୀଙ୍କ ଆକାଉଣ୍ଟକୁ ଦେବାପାଇଁ ନିଷ୍ପତ୍ତି ହେବା ପରେ ପୋଷ୍ଟମର୍ଟମ ପାଇଁ ନିଆଯାଇଥିଲା । ଏଥିସହିତ ଟାଟା ଷ୍ଟିଲ ତରଫରୁ ଉଦ୍ଦିଷ୍ଟ ସମସ୍ତ ସହାୟତା ରାଶି ଓ ଦୁର୍ଘଟଣା ଜନିତ କ୍ଷୟକ୍ଷତି ତାଙ୍କ ପରିବାରକୁ ମିଳିବ । କମ୍ପାନୀ ଫାଟକ ଦିନ ୧ଟା ପରେ ସ୍ୱାଭାବିକ ହୋଇଥିଲ । ଜାତୀୟ ରାଜପଥକୁ ତୁରନ୍ତ ଫ୍ଲାଏ ଓଭରବ୍ରିଜ୍ କରିବା ସହିତ ଟ୍ରାଫିକ ସମସ୍ୟା ସମାଧାନ କରିବାକୁ ଅଂଚଳବାସୀଙ୍କ ତରଫରୁ ପ୍ରଶାସନ ଠାରେ ଦାବୀ ରଖିଛନ୍ତି ।

ମହିଳାଙ୍କୁ ଦୁଷ୍କର୍ମ : ସମ୍ପର୍କୀୟ ଦିଅର ଗିରଫ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଇଲାକାର ଜନୈକା ମହିଳା ଘରେ ରୋଷେଇ କରୁଥିବା ସମୟରେ ଏକୁଟିଆ ଥିବାର ସୁଯୋଗ ନେଇ ସମ୍ପର୍କୀୟ ଦିଅର ଜଣକ ବେକରେ ଛୁରୀ ଲଗାଇ ବଳପୂର୍ବକ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତ ସମ୍ପର୍କୀୟ ଦିଅରକୁ ଗୁରୁବାର ଗିରଫକରି ତଦନ୍ତ ଆରମ୍ଭକଲା ପୁଲିସ। ଗିରଫ ଅଭିଯୁକ୍ତ ସମ୍ପର୍କୀୟ ଦିଅର ଜଣକ ହେଉଛି ପଣ୍ଡୁଗଡ଼ିଆ ଗ୍ରାମର ଦୟାନିଧି ମହାନ୍ତଙ୍କ ପୁଅ ଟୁନୁ ଓରଫ ହରେକୃଷ୍ଣ ମହାନ୍ତ। ଏତଲାକାରୀ ୩୫ବର୍ଷୀୟା ବିବାହିତା ମହିଳାଙ୍କ ଅଭିଯୋଗ ମୁତାବକ ସେ ଗତ ୧୯ତାରିଖ ସୋମବାର ସକାଳ ସାଢେ ୮ଟାରେ ଘରେ ତରକାରୀ କରୁଥିବା ସମୟରେ ଅଭିଯୁକ୍ତ ସମ୍ପର୍କୀୟ ଦିଅର ଟୁନୁ ଓରଫ ହରେକୃଷ୍ଣ ନିଜର ବାଇକ ନେଇ ପୀଡିତାଙ୍କ ଘର ପାଖରେ ପହଞ୍ଚି ସ୍ୱାମୀ କୁଆଡେ ଯାଇଛନ୍ତି ବୋଲି ପଚାରିଥିଲା। ସ୍ୱାମୀ କାମକୁ ଯାଇଛନ୍ତି ବୋଲି ପୀଡିତା କହିବା ପରେ ଅଭିଯୁକ୍ତ ସଙ୍ଗେ ସଙ୍ଗେ ମହିଳାଙ୍କୁ ଟେକିନେଇ ଘର ଭିତରକୁ ନେଇଯାଇଥିଲା। ମହିଳା ଜଣକ ଏହାର ବିରୋଧ କରିବା ସତ୍ତ୍ୱେ ଅଭିଯୁକ୍ତ ସମ୍ପର୍କୀୟ ଦିଅର ବଳପୂର୍ବକ ଦୁଷ୍କର୍ମ କରଥିଲା। ପୀଡିତା ଚିତ୍କାର କରିବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତ ବେକରେ ଛୁରୀ ଲଗାଇ ଜୀବନରୁ ମାରିବାର ଧମକ ଦେଇଥିବା ନେଇ ଏତଲାରେ ଦର୍ଶାଇଛନ୍ତି। ଅଭିଯୁକ୍ତ ଦୁଷ୍କର୍ମ କରୁଥିବା ସମୟରେ ସ୍ୱାମୀ ଘରେ ପହଞ୍ଚି ଯିବାରୁ ଅଭିଯୁକ୍ତ ଜଣକ ଘରୁ ଦୌଡ଼ି ବାହାରି ଆସିବା ପରେ ବାଇକଯୋଗେ ଚମ୍ପଟ ମାରିଥିଲା। ଏନେଇ ପୀଡିତା ଅଭିଯୁକ୍ତ ଘରେ ପହଞ୍ଚି ଅଭିଯୁକ୍ତର ବାପା, ମା'ଙ୍କୁ ଜଣାଇଥିଲେ। ଏହାପରେ ଗୁରୁବାର ଏନେଇ ପଣ୍ଡୁଗଡିଆ ଗାଁରେ ଏକ ବୈଠକ ବସିଥିବା ବେଳେ କୌଣସି ସମାଧାନ ହୋଇପାରିନଥିବା ବେଳେ ଓଲଟା ପୀଡିତା ଏବଂ ତାଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରିଥିଲେ। ପୁନଶ୍ଚ ଏହି ଘଟଣା ବାବଦରେ ଥାନାରେ ଜଣାଇଲେ ପୀଡ଼ିତାଙ୍କ ସ୍ୱାମୀଙ୍କୁ ରାସ୍ତାରେ ଗାଡି ଚଢାଇ ମାରିଦେବା ସହିତ ତାଙ୍କର ଝିଅକୁ ମଧ୍ୟ ଅପହରଣ କରିନେବାର ଅଭିଯୁକ୍ତ ଟୁନୁ ଓରଫ ହରେକୃଷ୍ଣ ଧମକ ଦେଇଥିବା ନେଇ ପୀଡିତା ଏତଲାରେ ଦର୍ଶାଇଛନ୍ତି। ଏନେଇ ବେତନଟୀ ପୁଲିସ ୪୧୨/୨୬ ନମ୍ବରରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୁଷ୍କର୍ମକାରୀ ସମ୍ପର୍କୀୟ ଦିଅରକୁ ଗିରଫ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛନ୍ତି।

ଗୁରୁତର ବୃଦ୍ଧାଙ୍କୁ ମେଡ଼ିକାଲ ପଠାଇଲେ ମନ୍ତ୍ରୀ ସୁରଜ

ଅସୁରାଳି,(ସବ୍ୟୁ): ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମାନବିକତା ଦେଖାଇଛନ୍ତି । ଦୁର୍ଘଟଣାର ଶିକାର ହୋଇ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡିଥିବା ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଛନ୍ତି । ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ। ଗୁରୁବାରଅପରାହ୍ଣରେ ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର କୋଠାର କଲେଜ ନିକଟରେ ଏକ ଦ୍ରୁତଗାମୀ କାର ଧକ୍କା ଦେବା ଯୋଗୁଁ ଧାମନଗର ବ୍ଲକ ଡ଼ିଲୋ ଅର୍ଣ୍ଣପୂର୍ଣ୍ଣା ନଗରର ଭାସ୍କର ବାରିକଙ୍କ ପତ୍ନୀ ସତ୍ୟଭାମା(୭୩) ରକ୍ତାକ୍ତ ହୋଇ ରାସ୍ତା ଉପରେ ପଡି ରହିଥିଲେ। ଏହି ସମୟରେ ଅସୁରାଳିକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସୁଥିବା ଉଚ୍ଚ ମନ୍ତ୍ରୀ ସୂରଜ ଦୁର୍ଘଟଣା ଘଟିଥିବା ଜାଣି ସେଠାରେ ଅଟକି ଯାଇଥିଲେ ଏବଂ ବୃଦ୍ଧାଙ୍କ ସଙ୍କଟାପନ୍ନ ଅବସ୍ଥା ଦେଖି ତୁରନ୍ତ ତାଙ୍କ ପାଇଲଟ ଗାଡ଼ିରେ ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସହକର୍ମୀଙ୍କ ସହିତ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା କାର ଫେରାର ହୋଇ ଯାଇଥିଲାବେଳେ ସତ୍ୟଭାମାଙ୍କ ସ୍ଥିତି ଗମ୍ଭୀର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମନ୍ତ୍ରୀ ଶ୍ରୀସୂରଜଙ୍କର ସେବା ଓ ମାନବୀୟ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛ

ଜିଲ୍ଲାସ୍ତରୀୟ 'ପୋଷଣ ମାସ' ପାଳିତ

କେନ୍ଦୁଝର ,(ଜିପ୍ର):କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍ଲାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ ସଫଳତାର ସହ ପାଳିତ ହୋଇଯାଇଛି। ଗତ ୯ ସେପ୍ଟେମ୍ବର ରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଚାଲିଥିବା ଏହି ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ ବାର୍ତ୍ତା ଭିତ୍ତିକ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ପୌଷ୍ଟିକ ଓ ସ୍ୱାସ୍ଥ୍ୟକର ବ୍ୟଞ୍ଜନର ଏକ ସୁନ୍ଦର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା।ଏହି ପ୍ରଦର୍ଶନୀରେ ମାଣ୍ଡିଆ, ସୁଜୀ, ଦେଶୀ ଚାଉଳ ଓ ବିରିରୁ ପ୍ରସ୍ତୁତ ବିଭିନ୍ନ ସ୍ୱାଦିଷ୍ଟ ପାରମ୍ପରିକ ଖାଦ୍ୟ ସାମଗ୍ରୀ ପରିବେଷଣ କରାଯାଇଥିଲା। ଏହା ସହିତ ଦେଶୀ ପନିପରିବା, ଶାଗ, ଅଣ୍ଡାରେ ଥିବା ଗୁଣକାରୀ ପୋଷକତତ୍ତ୍ୱ ଏବଂ ମା' ଓ ଶିଶୁଙ୍କ ପାଇଁ ପୋଷଣ ଖାଦ୍ୟର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ



ଏବଂ କେନ୍ଦୁଝର ଉପ-ଜିଲ୍ଲାପାଳ ଉମାଶଙ୍କର ଦଳାଇ ଯୋଗଦେଇ ମା' ଓ ଶିଶୁଙ୍କ ମଧରେ ସୁଷମ ଖାଦ୍ୟର ଆବଶ୍ୟକତା ଏବଂ କୁପୋଷଣ ଦୂରୀକରଣରେ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଭାନୁମତୀ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, କେନ୍ଦୁଝର ସଦର ପିଓ ଶ୍ରୀମତୀ ଚୂଳେଶ୍ୱରୀ ପଟେଲ, ଅତିରିକ୍ତ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଧା ଗୋସୱାମୀ, ଜିଲ୍ଲା ସଂଯୋଜକ (ପୋଷଣ) ଶ୍ରୀ ଅଜିତ କୁମାର ମହାନ୍ତି, ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

କୋଟିଲା ନଦୀବନ୍ଧରେ ଭୂସ୍ଖଳନ ଦବି ଧସିଗଲା ୭୦ଫୁଟ

ଅସୁରାଳି,(ସବ୍ୟୁ): ବୈତରଣୀର ଶାଖା କୋଟିଲା ନଦୀ ବନ୍ଧରେ ଭୂସ୍ଖଳନ ଘଟିଛି। ଏହାଦ୍ୱାରା ଡାହାଣ ପାର୍ଶ୍ୱ ନଦୀ ବନ୍ଧ ପ୍ରାୟ ୭୦ଲମ୍ବରେ ଦବିବା ସାଙ୍ଗକୁ ଧସି ଯାଇଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତି ଉପୁଜିଛି ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତ ବାଲିପାଟଣା ତରାଇ ସାହି ନିକଟରେ। ଧାମନଗର ବ୍ଲକର ବାଲିପାଟଣା ତରେଇ ସାହି ନିକଟରେ ପାଟୁଳିରୁ ବାଲିପାଟଣାକୁ ସଂଯୋଗ କରୁଥିବା କୋଟିଲା ପୋଲ ମୁଣ୍ଡରେ ବୁଧବାର ବିଳମ୍ବିତ ରାତିରେ ନଦୀବନ୍ଧ ଧସିଯାଇଛି। ଏହି ଘଟଣା ବୁଧବାର ସକାଳେ ସ୍ଥାନୀୟ ଲୋକମାନେ ଦେଖିଥିଲେ। ନଦୀବନ୍ଧ ଧସିବା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ତୁରନ୍ତ ମରାମତି ପାଇଁ ଦାବି କରାଯାଇଛି। ଆଗକୁ ସମ୍ଭାବ୍ୟ ଲଘୁଚାପଜନିତ ବର୍ଷାକୁ ଦୃଷ୍ଟିରେ ରଖି ଗାନ୍ଧିଘାଟ ଜଳସେଚନ ସେକ୍ସନର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

ଗୋଷ୍ଠୀ ସଂଘର୍ଷରେ ଜଣେ ଗୁରୁତର,୧୭ ଗିରଫ

ଧାମନଗର,(ସବ୍ୟୁ): ଧାମନଗର ସ୍ଥିତ ପ୍ରସିଦ୍ଧ ଧର୍ମପୀଠ ଖାନକା ସରିଫର ମତଓ୍ୱଲି ଏବଂ ତାଙ୍କ ଦାଦାଙ୍କ ବିବାଦ ଏବେ ଉଗ୍ରରୂପ ନେଇଛି। ଗତ ୧୭ ଓ ୧୮ତାରିଖ ଦୁଇଦିନ ଉର୍ସ ଉତ୍ସବ ପାଳନ ହେଉଥିବା ସମୟରେ ଉକ୍ତ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେତେବେଳେ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। ମାତ୍ର ୧୯ ତାରିଖ ରାତି ପ୍ରାୟ ୮ଟା ସମୟରେ ପୁନର୍ବାର ଖାନକା ସରିଫ୍ ପରିସରରେ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ହୋଇଥିଲା। ଅଫିସ ଭଙ୍ଗାରୁଜା କରିବା ସହ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ସଂଘର୍ଷରେ କଲିମ ନାମକ ଯୁବକ ଆହତ ହୋଇଥିବାବେଳେ ସେକ କସର ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ପ୍ରଥମେ ଧାମନଗର ଡାକ୍ତରଖାନାରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଜଣଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୟଦ ହସ୍ନେନ୍ ରଜା ହବିବିଙ୍କ ଅଭିଯୋଗରେ ଧାମନଗର ପୋଲିସ ଥାନା କେସ ନଂ ୪୫୫/୨୬ରେ ଏକ ମାମଲା ରୁଜୁ କରି ୧୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଆଇଆଇସି ଶୁଭ୍ରଜିତ ଦାଶ ଉକ୍ତ ଘଟଣାର ତଦନ୍ତ ଅଧିକାରୀ ଭାବେ ନିଜେ ଦାୟିତ୍ୱ ନେଇ ଅଧିକ ତଦନ୍ତ ଜାରି ରଖିବା ସହ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ପୋଲିସର ଗିରଫ ଭୟରେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ସୂଚନା ମିଳିଛି। ତେବେ ଏକ ଧାର୍ମିକ ପୀଠରେ ଏପରି ଉଶୃଙ୍ଖଳକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

ଗାଡ଼ିଆରେ ବୁଡି ଶିଶୁପୁତ୍ରର ମୃତ୍ୟୁ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ମେର୍ଦା ପଞ୍ଚାୟତର କୁସୁମପୁର। ଗାଁ ରେ ଘଟିଯାଇଛି ହୃଦୟ ବିଦାରକ ଘଟଣା । ଗାଁର ରଘୁ ମୁର୍ମୁଙ୍କରବର୍ଷକରୁ ଶିଶୁ ପୁତ୍ର ମୋହିତ ଘର ନିକଟ ଗାଡିଆରେ ବୁଡ଼ି ମୃତ୍ୟୁ ବରଣ କରିଛନ୍ତି । ସେ ଘର ବାହାରେ ଖେଳୁଥିବା ସମୟରେ ରଘୁ ଟିକେ ଗାଁ ଭିତରକୁ ଚାଲି ଯାଇଥିଲେ ଓ ମାଆ ଫୁଲ ମୁର୍ମୁ ଘର କାମରେ ବ୍ୟସ୍ତ ଥିଲେ । ତେବେ ରଘୁ ସଙ୍ଗେ ସଙ୍ଗେ ଫେରି ଆସି ମୋହିତ କୁ ଖେଳୁଥିବା ସ୍ଥାନରେ ଦେଖିବାକୁ ପାଇନଥିଲେ ଏବଂ ତାଙ୍କ ସ୍ତ୍ରୀ ଫୁଲକୁ ଡାକି ଏଣେତେଣେ ଖୋଜିଥିଲେ ଓ କିଛି ସମୟ ପରେ ମୋହିତ ପାଖ ଗାଡିଆ ପାଣିରେ ଭାସୁଥିବାର ଦେଖିଥିଲେ ଓ ସଙ୍ଗେ ସଙ୍ଗେ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନା ନେଇ ଯାଇଥିଲେ। ମାତ୍ର କାର୍ଯ୍ୟରତ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।

୨୯ରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ଆୟୋଜନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୯ ଓ ୩୦ ଅକ୍ଟୋବର ୨୦୨୬ ରେ ବାଲେଶ୍ୱରର ଫକୀର ମୋହନ (ଏଫ୍.ଏମ୍.) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବର ସଫଳ ଆୟୋଜନ ପାଇଁ ଏହି ପ୍ରସ୍ତୁତି ବୈଠକ ଡକାଯାଇଥିଲା। ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ୨୦୨୭ ଅନ୍ତର୍ଗତ ଏହି ମହୋତ୍ସବର ମୁଖ୍ୟ ବିଷୟବସ୍ତୁ ବିକଶିତ ଭାରତ ପାଇଁ ନିଶା ମୁକ୍ତ ଯୁବ ସମାଜ ରଖାଯାଇଛି। ଏହି ବିଶାଳ କାର୍ଯ୍ୟକ୍ରମଟି ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହିତ ମାଇଁ ଭାରତର ମିଳିତ ସହଯୋଗରେ ଆୟୋଜିତ ହେଉଛି। ବୈଠକରେ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଯୁବପିଢ଼ିଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଏଥିରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଇଦିନିଆ ଯୁବ ମହୋତ୍ସବରେ ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ, ଯେଉଁଥିରେ ଲୋକନୃତ୍ୟ (ଦଳଗତ), ଲୋକଗୀତ (ଦଳଗତ) ଏବଂ ସାମାଜିକ ସଚେତନତାମୂଳକ ନୁକଡ଼ ନାଟକ ବା ପଥପ୍ରାନ୍ତ ନାଟକ (ଦଳଗତ) ସାମିଲ ରହିଛି। ଏହା ସହିତ ବ୍ୟକ୍ତିଗତ ବର୍ଗରେ ଚିତ୍ରାଙ୍କନ ଏବଂ କବିତା ଲିଖନ ପ୍ରତିଯୋଗିତା ଆୟୋଜନ କରାଯିବ। କବିତା ଲିଖନ ପ୍ରତିଯୋଗିତା ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବୟସ ସୀମା ୧୫ ରୁ ୨୯ ବର୍ଷ (୧୭/୦୮/୨୦୨୬ ସୁଦ୍ଧା) ନିର୍ଦ୍ଧାରଣ କରାଯାଇଛି। ଚଳିତ ବର୍ଷ ଜଣେ ପ୍ରତିଯୋଗୀ କେବଳ ଗୋଟିଏ କାର୍ଯ୍ୟକ୍ରମରେ ହିଁ ଭାଗ ନେଇପାରିବେ ଏବଂ ଗତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରତିଯୋଗୀମାନେ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ଅଧିକ ସୂଚନା ଏବଂ ପଞ୍ଜୀକରଣ ସହାୟତା ପାଇଁ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ,(୯୩୩୮୩୧୨୪୭୮,୯୩୩୭୫୪୮୪୬୩) ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ,(୯୪୩୭୮୭୭୫୫୯) ବାଲେଶ୍ୱର ଏବଂ ମାଇଁ ଭାରତ, କାର୍ଯ୍ୟାଳୟ, (୯୭୩୩୯୯୮୫୮୬) ବାଲେଶ୍ୱର ସହ ଯୋଗାଯୋଗ କରିପାରିବେ।

ପତଞ୍ଜଳି ଯୋଗ କେନ୍ଦ୍ରରେ ନବରାତ୍ରି ଉତ୍ସବ

ଭଦ୍ରକ,(ସବ୍ୟୁ):ଭଦ୍ରକ ପତଞ୍ଜଳି ଯୋଗ କେନ୍ଦ୍ର ପରିବାର ପକ୍ଷରୁ ମହାସମାରୋହରେ ଦୁର୍ଗା ପୂଜନ ସହିତ ନବରାତ୍ରି ପାଳନ ହୋଇଯାଇଛି। ଭଦ୍ରକ ଟାଉନ ଚାରିଘରିଆ ରାମକୃଷ୍ଣ ଆଶ୍ରମ ପରିସରରେ ଅତ୍ୟନ୍ତ ଆଧ୍ୟାତ୍ମିକ ଓ ଉତ୍ସାହଭରା ପରିବେଶରେ ସମସ୍ତ କାର୍ଯ୍ୟକ୍ରମ ସନ୍ଧ୍ୟାରୁ ରାତି ୧୦ଟା ପର୍ଯ୍ୟନ୍ତ ସମ୍ପନ୍ନ ହୋଇଥିଲା। ପତଞ୍ଜଳି ପରିବାରର ସମସ୍ତ ଶତାଧିକ ସଦସ୍ୟ ସଦସ୍ୟାଭାଗ ନେଇଥିଲେ। ପ୍ରଥମେ ମା ଦୁର୍ଗାଙ୍କ ପୂଜନ ଆରତୀ ଆରମ୍ଭ ହୋଇଥିଲା। ତାପରେ ଛୋଟ ପିଲାଙ୍କ ନୃତ୍ୟ ପରିବେଷଣ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବର ଶେଷରେ ଗର୍ବା ନୃତ୍ୟ ପ୍ରଦର୍ଶନ ହେବାରୁ ଏହା ଭକ୍ତି ଓ ଆନନ୍ଦର ସୁନ୍ଦର ସମନ୍ୱୟ ଦେଖାଯାଇଥିଲା।

ଡିଭାଇଡରରେ ପିଟି ହେଲା ଆମ୍ବୁଲାନ୍ସ, ଆଈ-ନାତୁଣୀଙ୍କ ମୃତ୍ୟୁ

ଭଦ୍ରକ,(ସବ୍ୟୁ):୧୬ ନ.ଂ ଜାତୀୟ ରାଜପଥର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ତ୍ରିଶଳପୁର ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଅସୁସ୍ଥ ନାତୁଣୀର ଚିକିତ୍ସା ପାଇଁ ସୁଦୂର ଖଡ଼ଗପୁରରୁ କଟକକୁ ଚିକିତ୍ସା ପାଇଁ ଏକ ଘରୋଇ ଆମ୍ବୁଲାନ୍ସରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି ।ପଶ୍ଚିମବଙ୍ଗ ଖଡ଼ଗପୁର ଅଞ୍ଚଳର ଶିବନାଥ ଗୁରୁ ଓ ବରୁଣା ଗୁରୁ ନିଜ ଅସୁସ୍ଥ ଝିଅର ଚିକିତ୍ସା ପାଇଁ ଏକ ଘରୋଇ ଆମ୍ବୁଲାନ୍ସରେ କଟକ ମେଡିକାଲ ଆସୁଥିଲେ। ଭଦ୍ରକ ତ୍ରିସଳପୁର ଛକ ନିକଟରେ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ଏକ ବୋଲେରୋକୁ ଧକ୍କା ଦେବା ପରେ ଡିଭାଇଡରରେ ପିଟି ହୋଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ୪ ଜଣ ଗୁରୁତର ହୋଇଥିଲେ। ପରେ ଅଗ୍ନିଶମ ବିଭାଗ ପହଞ୍ଚି ଦୀର୍ଘ ସମୟ କସରତ କରି ଗାଡ଼ିରେ ଫସି ରହିଥିବା ଗୁରୁତରଙ୍କୁ ଉଦ୍ଧାର କରିଥିଲା। ପରେ ବାପା ମାଆ ଝିଅ ସହ ଆଈଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ମେ ଆଈ ଓ ନାତୁଣୀ ଆଖି ବୁଜି ଥିବା ବେଳେ ବାପା ମାଆ ଗୁରୁତର ଅଛନ୍ତି।ମୃତକ ଆଈ ହେଲେ ମାଳତୀ ଦଣ୍ଡପାଟ ଓ ନାତୁଣୀ ଖୁସୀ ବୋଲି ଜଣାପଡିଛି ।

ଟ୍ରକ ଧକ୍କାରେ ବୃଦ୍ଧା ମୃତ, ରାସ୍ତା ଅବରୋଧ

ଯୋଡ଼ା,(ସବ୍ୟୁ): ଝୁମ୍ପୁରା ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର କଟଲପଶି ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ଟ୍ରକ ଧକ୍କାରେ ଜଣେ ବୃଦ୍ଧା ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ରିମୁଳି ଫାଣ୍ଡି ଅଧିନ ପ୍ରତାପପଶି ଗ୍ରାମର ନିରାଶ ମହାନ୍ତ (୬୦ ବର୍ଷ) ଅଟନ୍ତି। ନିରାଶ ମହାନ୍ତଙ୍କ ଜଣେ ସମ୍ପର୍କୀୟଙ୍କ ବାଇକ ପଛରେ ବସି ନିଜ ସମ୍ପର୍କୀୟଙ୍କ ଘର ଘୁଣ୍ଟିପଶି ଯାଉଥିଲେ। ଏହି ସମୟରେ କଟଲପଶି ଛକ ନିକଟରେ ବାଇକକୁ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ବୃଦ୍ଧା ନିରାଶ ବାଇକରୁ ଛିଟିକି ପଡି ତଳେ ପଡିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗି ଘଟଣା ସ୍ଥଳରେ ହିଁ ତାଙ୍କର ମତ୍ୟୁ ଘଟିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ କିଛି ସମୟ ପାଇଁ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରଶାସନ ପହଞ୍ଚି ବୁଝସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଝୁମ୍ପୁରା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା ।

ଯୁବତୀଙ୍କ ଆତ୍ମହତ୍ୟା

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ମୋହନପୁର ଗ୍ରାମର କାହ୍ନୁ ଚରଣ ସିଂଙ୍କ ଝିଅ ସୁଷମା ସିଂ(୨୦) ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି ।। ପ୍ରାପ୍ତ ସୂଚନା ଅନୁଯାୟୀ, ସକାଳୁ ପରିବାର ଲୋକେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ସୁଷମା ନିଜ ଶୋଇବା ଘରେ ଫ୍ୟାନରେ ଓଢ଼ଣୀ ଲଗାଇ ଝୁଲି ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବୈଶିଙ୍ଗା ଥାନାର ଏଏସଆଇ ଗୋବିନ୍ଦ ଟୁଡୁ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଥାନାରେ ୫୨ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣାପଡ଼ିବ ବୋଲି ଆଶା କରାଯାଉଛି।

ବୈତରଣୀ ନଦୀରୁ ବିରଳ ପ୍ରାଚୀନ ମୂର୍ତ୍ତି ଉଦ୍ଧାର

ଭଣ୍ଡାରିପୋଖରୀ,(ସବ୍ୟୁ) :ଭଣ୍ଡାରିପୋଖରୀର ବ୍ଲକ ଅନ୍ତର୍ଗତ ମଣିନାଥପୁର ବୈତରଣୀ ନଦୀରୁ ବିରଳତମ ପ୍ରାଚୀନ ମୂର୍ତ୍ତି ଉଦ୍ଧାର ହୋଇଛି। ଗ୍ରାମର ମତାବାଜଶାସନର ଦିଲ୍ଲିପ ଦାଶ ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ମୂର୍ତ୍ତିକୁ ଉଦ୍ଧାର କରିଥିଲେ। ପ୍ରଶାନ୍ତ କୁମାର ଜେନାଙ୍କ ପରାମର୍ଶ କ୍ରମେ ଦିଲ୍ଲିପ ମୂର୍ତ୍ତିକୁ ଇନଟାକ ସଦସ୍ୟ ବିଶ୍ୱମ୍ଭର ରାଉତଙ୍କୁ ହସ୍ତାନ୍ତର କରିଥିଲେ। ଏହି ମୂର୍ତ୍ତି ସମ୍ପର୍କରେ ପ୍ରତ୍ନତାତ୍ତ୍ୱିକ ବିଶେଷଜ୍ଞ ସୁନିଲ ପଟ୍ଟନାୟକଙ୍କ ସହ ଯୋଗଯୋଗ କରାଯାଇଥିଲା। ଦଶମ କିମ୍ବା ଏକାଦଶ ଶତାବ୍ଦୀରେ ନିର୍ମିତ ଏହି ୧୦ କିଲୋ ଓଜନ ବିଶିଷ୍ଟ ଖାଣ୍ଡେଲାଇଟ ପ୍ରସ୍ତର ମୂର୍ତ୍ତି ମନ୍ଦିରରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ସୋମବଂଶୀ ରାଜାଙ୍କ ଦ୍ୱାରା ନିର୍ମିତ କୌଣସି ମନ୍ଦିର ଦ୍ୱାର ବନ୍ଧର ନିମ୍ନ ଅଂଶରେ ବ୍ୟବହାର ହୋଇଥିଲା। ଏହା ଏକ ଭଗ୍ନାବଶେଷ ବୋଲି ପ୍ରତ୍ନତାତ୍ତ୍ୱିକ ବିଶେଷଜ୍ଞ ସୁନିଲ ପଟ୍ଟନାୟକ ମତ ରଖିଥିଲେ। ମୂର୍ତ୍ତିର ପ୍ରଥମ ପାର୍ଶ୍ୱରେ ୨ ଜଣ ନୃତ୍ୟାଙ୍ଗନା(ଅଳସ ଓ କନ୍ୟା) ଭକ୍ତମଣ୍ଡଳୀ ଓ ଗନ୍ଧର୍ବ ନୃତ୍ୟରତ ଥିବା ଦୃଶ୍ୟମାନ ହେଉଛି। ଅନ୍ୟ ପାର୍ଶ୍ୱରେ ଏକ ଯକ୍ଷ ମୂର୍ତ୍ତି ରହିଛି। ପ୍ରସ୍ତର ଖଣ୍ଡର ଅପର ପାର୍ଶ୍ୱରେ ଜଣେ ଭକ୍ତି ନୈବେଦ୍ୟ ଅର୍ପଣ ପାଇଁ କଦଳୀ ଧରି ଦଣ୍ଡାୟମାନ ହୋଇଛି। ଖୋଦିତ ପ୍ରସ୍ତର ଅତ୍ୟନ୍ତ ମୂଲ୍ୟବାନ ଓ ବିରଳତମ ବୋଲି ଶ୍ରୀ ପଟ୍ଟନାୟକ ମତପୋଷଣ କରିଛନ୍ତି। ଏହି ମୂର୍ତ୍ତିକୁ ଖୋଳମପୁର ବୌଦ୍ଧବିହାର ସଂଗ୍ରହାଳୟରେ ସ୍ଥାନୀତ କରାଯାଇଛି।

ବିଜେପିର ଗୋଷ୍ଠୀ କନ୍ଦଳ ଥାନାରେ ଦୁଇ ମାମଲା ରୁଜୁ

ବାସୁଦେବପୁର,(ସବ୍ୟୁ): ବିଜେପିର କାମ ବଣ୍ଟନକୁ ନେଇ ଅଧିକାଂଶ ପଞ୍ଚାୟତର ଗୋଷ୍ଠୀ କନ୍ଦଳ ପଦାରେ ପଡୁଛି । ଏପରିକି ଥାନାର ମାମଲା ପହଞ୍ଚିଛି ।ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଞ୍ଚାୟତର ବିକଶିତ ଗାଁ ବିକଶିତ ଓଡ଼ିଶା ରାସ୍ତା କାମ ନୂଆ ପୋଖରୀରୁ ବନମାଳୀ ଦାସ ହାଇସ୍କୁଲ ପର୍ଯ୍ୟନ୍ତ ନିର୍ମାଣ କରିବା ପାଇଁ ଅର୍ଥ ବରାଦ ହୋଇଅଛି । ଏହି ରାସ୍ତା ଗ୍ରାମବାସୀଙ୍କ ପାଇଁ ମରଣଯନ୍ତ୍ରା ପାଲଟିଛି । ରାସ୍ତାର ନିର୍ମାଣ କାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ନାମରେ ରହିଛି । ହେଲେ ଅମୀତ କୁମାର ନାୟକଙ୍କୁ ବାସୁଦେବପୁର ବିଡିଓ ରାସ୍ତାର ନିର୍ମାଣ କାର୍ଯ୍ୟ କରିବାକୁ ଦେଇଥିବାର ଦାବୀ କରି ମାଲ ମେଣ୍ଟାଲ ପକାଇ ଥିଲେ । ଫଳରେ ଅମିତି ଓ ସରପଞ୍ଚଙ୍କ ସ୍ୱାମୀ ମୁକ୍ତିକାନ୍ତ ନାୟକ ମଧ୍ୟରେ ବିବାଦ ଦେଖାଦେଇଥିଲା । ସୂଚନା ଫଳକ ତିଆରି ନକରି ସେହି ରାସ୍ତାର ପୁରୁଣା ଫଳକରେ ରଙ୍ଗ ଦେଇ ଲେଖିଥିଲେ । ଉଭୟ କାମ କରିବାକୁ ମାଲ ମେଟ୍ରିଆଲ ପକାଇ ଥିଲେ । ସକାଳେ କାମ ଆରମ୍ଭ ହେବାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇ ଦୁହିଁଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା । ସରପଞ୍ଚ, ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କର ପୁତ୍ରଙ୍କ ଆକ୍ରମଣରେ ଅମିତ କୁମାର ନାୟକ ଗୁରୁତର ଆହତ ହୋଇଥିଲେ । ରକ୍ତାକ୍ତ ଅବସ୍ଥାରେ ଅମିତିକୁ ବାସୁଦେବପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ରେଫର କରାଯାଇ ଥିଲା । ପରେ ତାଙ୍କୁ କଟକ ବଡ ମେଡିକାଲକୁ ରେଫର କରାଯାଇଛି । କଟକ ବଡ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି । ଅମିତି କୁମାର ନାୟକ ଓ ସରପଞ୍ଚ ଉଭୟ ବିଜେପିର ସମର୍ଥିତ ଲୋକ ଅଟନ୍ତି ।

ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ,(ସବ୍ୟୁ):ସାମରାଇପୁର କଲ୍ୟାଣୀ ନଗର ସ୍ଥିତ ଗୁରୁକୃପା ଭବନରେ ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ଅନୁଷ୍ଠିତ ହୋଇଛି। ଇଂ ଅଭୟ ସୁତାରଙ୍କ ପୌରାହିତ୍ୟରେ ପ୍ର. ଅଟଳ ବିହାରୀ ନାୟକ ଉଦ୍ଘାଟନ କରିଥିଲେ। ଶାରଦୀୟ ଉତ୍ସବ ପରମ୍ପରାରେ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ପୂର୍ବତନ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ା ସୁଧୀର ରଞ୍ଜନ ମହାନ୍ତ, ମୁଖ୍ୟବକ୍ତା ପ୍ର. ଗୋଲକ ବିହାରୀ ସାହୁ, ବିଶିଷ୍ଟ ଅତିଥି ବୟଙ୍ଗକବି ହେମନ୍ତ କୁମାର ନାୟକ, ପ୍ରାକ୍ତନ ଅଧକ୍ଷ ଶିବ ଚରଣ ଖାମୁରାଇ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ନାଟ୍ୟଶ୍ରୀ ଡ଼ ନିର୍ମଳ ରାଉତ, ଶିକ୍ଷାବିତ୍ ଗୟାଧର ପଣ୍ଡା, ପ୍ରବାଚକ ନରହରୀ ଦାଶ, ବିଜୟ କୁମାର ବହଳୀ, ପ୍ରମୁଖ ଯୋଗଦେଇଥିଲେ। ଅଧାପିକା ଉଷାରାଣୀ ଜେନା ଓ ଡ଼ ପୁଜାରାଣୀ ଘୋଷଙ୍କ ସଂଯୋଜନାରେ ଆୟୋଜିତ କବିତା ଅବସରରେ ବୈକୁଣ୍ଠ ନାଥ ଓଝା, ଉମେଶ ଚନ୍ଦ୍ର ମହାପାତ୍ର, ଅଧିବକ୍ତା ମନରଂଜନ ଦାସ, ବିପ୍ଳବ କୁମାର ହୋତା, ଶିକ୍ଷାବିତ୍ ଅଜୟ କୁମାର କର, ବର୍ଷିଆନ୍ କବି ମୁକୁନ୍ଦଦେବ ନାୟକ, ଶଶିକାନ୍ତ ବେହେରା, ନାଟ୍ୟକାର କାଳନ୍ଦୀ ମଲ୍ଲିକ, କୈଳାଶ ଦାସ, ସାବିତ୍ରୀ ବାନାର୍ଜୀ, ରମେଶ ଚନ୍ଦ୍ର ଦାସ, ଅଂଶୁମାନ ସ୍ୱାଇଁ, ସୁରେଶ କୁମାର ସାହୁ ପ୍ରମୁଖ ସୁରଚିତ କବିତା ପାଠ କରିଥିଲେ। ସହ ସମ୍ପାଦିକା ମମତାରାଣୀ ଦାଶ ମିଶ୍ର ବେଦ ପାଠ ଓ ମଞ୍ଚ ପରିଚାଳନା ଏବଂ ଶେଷରେ ନାରାୟଣ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ'ଉଦ୍‌ଯାପିତ

କେନ୍ଦୁଝର ,(ଜିପ୍ର):କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, କେନ୍ଦୁଝର ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ ଓ ଉତ୍ସାହ-୨୦୨୬' ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, ଶଙ୍କରପୁର ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଶିଶୁମାନଙ୍କ ମଧରେ ଲୁକ୍କାୟିତ ପ୍ରତିଭାର ବିକାଶ, କ୍ରୀଡ଼ା ମନୋଭାବ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ମହୋତ୍ସବର ପ୍ରଥମ ପର୍ଯ୍ୟାୟ 'ଉତ୍ସାହ'ରେ ଶିଶୁମାନଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବାଳକ ଓ ବାଳିକା ବର୍ଗରେ ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ଲମ୍ଫଡିଆଁ ଓ ଉଚ୍ଚଡିଆଁ ସହିତ କ୍ୟାରମ ଓ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ସହିତ ଉଭୟ ବାଳକ ଓ ବାଳିକା ବର୍ଗରେ ଫୁଟବଲ ମ୍ୟାଚ ଆୟୋଜନ କରାଯାଇଥିଲା।ଦ୍ୱିତୀୟ ପର୍ଯ୍ୟାୟ 'ମହକ'ରେ ଶିଶୁମାନଙ୍କ କଳା, ସାହିତ୍ୟ ଓ ସୃଜନଶୀଳ ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ଏକକ ସଙ୍ଗୀତ ଗାନ, ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଜୁନିୟର ଓ ସିନିୟର ବର୍ଗରେ ଆୟୋଜନ କରାଯାଇଥିଲା।



ଏହା ସହିତ ଗ୍ରୁପ ଡ୍ୟାନ୍ସ ଓ ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତା ମହୋତ୍ସବର ପ୍ରମୁଖ ଆକର୍ଷଣ ପାଲଟିଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାରିଣୀ ଶ୍ରୀମତୀ ସସ୍ମିତା ନନ୍ଦିନୀ ତ୍ରିପାଠୀ ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ବିଭୂତି ଭୂଷଣ ଦାଶ ଯୋଗଦେଇଥିଲେ। ଶ୍ରୀମତୀ ତ୍ରିପାଠୀ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁମାନଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କୁ ଆଗାମୀ ଦିନରେ ଅଧିକ ସଫଳତା ହାସଲ କରିବା ପାଇଁ ଉତ୍ସାହିତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରିୟଙ୍କା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବର ସମସ୍ତ ଆୟୋଜନ ଓ ପରିଚାଳନା ଦାୟିତ୍ୱ ଶ୍ରୀମତୀ ରଶ୍ମିରେଖା ସେନାପତି ତୁଲାଇଥିଲେ। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଚାଇଲ୍ଡ ହେଲ୍ପଲାଇନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଶେଷରେ ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ ସେବା ଓ ସଦର ପୋଲିସର କର୍ମଚାରୀଙ୍କ ସମେତ ସମସ୍ତ ସ୍ୱେଚ୍ଛାସେବୀ ଓ ସହଯୋଗୀଙ୍କୁ ଶ୍ରୀମତୀ ରଶ୍ମିରେଖା ସେନାପତି ଧନ୍ୟବାଦ ଜଣାଇବା ସହ ମହୋତ୍ସବର ସଫଳ ସମାପନ ଘୋଷଣା କରିଥିଲେ।

ଯୋଡ଼ା ଟ୍ରକ୍ ମାଲିକ ସଂଘ ନବନିର୍ବାଚିତ ପଦାଧିକାରୀଙ୍କ ଶପଥ ଗ୍ରହଣ ଉତ୍ସବ

ଯୋଡ଼ା, (ସବ୍ୟୁ): ପବିତ୍ର ବିଜୟା ଦଶମୀ ଅବସରରେ କେନ୍ଦୁଝର ଜିଲ୍ଲାର ଖଣି ଓ ପରିବହନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସର୍ବ ପୁରାତନ ଟ୍ରକ ମାଲିକ ସଂଗଠନ ଭାବେ ପରିଚିତ ଯୋଡ଼ା ଟ୍ରକ ମାଲିକ ସଂଘର ନବନିର୍ବାଚିତ ପଦାଧିକାରୀମାନଙ୍କ ଶପଥ ଗ୍ରହଣ ଓ ଗୋପନୀୟତାର ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ନେଇ ସଂଘର ସଦସ୍ୟ ଓ ଟ୍ରକ ମାଲିକମାନଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ ଦେଖିବାକୁ ମିଳିଥିଲା । ଏହି ଅବସରରେ ସଂଘ କାର୍ଯ୍ୟାଳୟ ପରିସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ନବନିର୍ବାଚିତ ପଦାଧିକାରୀମାନେ ଶପଥ ଗ୍ରହଣ କରିବା ସହ ସଂଘର ଦାୟିତ୍ୱକୁ ନିଷ୍ଠାର ସହ ନିର୍ବାହ କରିବା ଏବଂ ସଦସ୍ୟମାନଙ୍କ ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଟ୍ରକ ମାଲିକ ଉପସ୍ଥିତ ରହି ନବନିର୍ବାଚିତ ପଦାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସୂଚନାଯୋଗ୍ୟ ଯେ, ଗତ୧୨ ତାରିଖରେ ଅନୁଷ୍ଠିତ ହୋଇଥିବା ଟ୍ରକ ମାଲିକ ସଂଘ ନିର୍ବାଚନରେ ସଭାପତି ଭାବେ ରାଜେଶ ରୋଶନ, ଉପସଭାପତି ଭାବେ ଦୀପକ ମହାନ୍ତ, ସମ୍ପାଦକ ଭାବେ ରବି ନାରାୟଣ ଦାସ, ଯୁଗ୍ମ ସମ୍ପାଦକ ଭାବେ ମହେଶ କୁମାର ସିଂ ଓ କୋଷାଧକ୍ଷ ଭାବେ ଗୌତମ ବେହେରା ବିଜୟୀ ହୋଇଥିଲେ । ନବନିର୍ବାଚିତ ନେତୃତ୍ୱ ଏହି ଦିଗଗୁଡ଼ିକୁ କେତେ ଗୁରୁତ୍ୱ ଦେଉଛି ଏବଂ ସଦସ୍ୟମାନଙ୍କ ଆଶା ଓ ଆକାଂକ୍ଷାକୁ କିପରି ପୂରଣ କରୁଛି, ତାହା ଆଗାମୀ ଦିନରେ ଗୁରୁତ୍ୱ ବହନ କରିବ । ସଂଘର ପରିଚାଳନା ଓ ଆର୍ଥିକ



କାରବାରରେ ସ୍ୱଚ୍ଛତା ବଜାୟ ରଖିବା ମଧ ଏହି ଅବସରରେ ଆଲୋଚନାର ଏକ ପ୍ରମୁଖ ବିଷୟ ରହିଥିଲା । ନବନିର୍ବାଚିତ ପଦାଧିକାରୀମାନଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକଳାପ ଅଧିକ ସୁସଂଗଠିତ ହେବା ସହ ସଦସ୍ୟମାନଙ୍କ ସମସ୍ୟାର ସମାଧାନ ଦିଗରେ ଠୋସ ପଦକ୍ଷେପ ନିଆଯିବ ବୋଲି ଆଶା ପ୍ରକାଶ ପାଇଛି । ବିଜୟା ଦଶମୀ ଭଳି ଏକ ପବିତ୍ର ଦିନରେ ନୂତନ ଦାୟିତ୍ୱ ଗ୍ରହଣ କରିଥିବା ପଦାଧିକାରୀମାନଙ୍କ ପାଇଁ ଏହା ଏକ ନୂତନ ଅଧ୍ୟାୟର ଆରମ୍ଭ । ସଂଘର ଏକତା ବଜାୟ ରଖିବା, ସମସ୍ତ ସଦସ୍ୟ ଗାଡିମାଲିକ ମାନଙ୍କ ସ୍ୱାର୍ଥକୁ ସମାନ ଭାବେ ଗୁରୁତ୍ୱ ଦେବା ଏବଂ ପରିବହନ କ୍ଷେତ୍ରରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ସାମୂହିକ ଉଦ୍ୟମ କରିବା ନୂତନ କମିଟି ପାଇଁ ଆଗାମୀ ଦିନର ପ୍ରମୁଖ ଆହ୍ୱାନ ଏବଂ ତା ସହ ସମସ୍ତଙ୍କ ସହଯୋଗ, ସ୍ୱଚ୍ଛ ପରିଚାଳନା ଓ ସମାନ ଅଧିକାରକୁ ଆଧାର କରି ଯୋଡ଼ା ଟ୍ରକ ମାଲିକ ସଂଘ ଆଗାମୀ ଦିନରେ ନିଜର କାର୍ଯ୍ୟଧାରାକୁ ଆଗକୁ ବଢାଇବ ବୋଲି ସଂଘର ନବ ନିର୍ବାଚିତ ସମ୍ପାଦକ ରବି ନାରାୟଣ ଦାସ ପ୍ରକାଶ କରିଥିଲେ।

ସମ୍ପାଦକୀୟ

ସମ୍ବାଦପତ୍ରର ଗୁରୁତ୍ୱ ବୃଦ୍ଧି

ଏବେ ଭାରତରେ କେବଳ ନୁହେଁ, ଆମ ରାଜ୍ୟ ଓଡ଼ିଶାରେ ପ୍ରାୟ ଶହେ ପାଖାପାଖି ବା ତଦୁର୍ଦ୍ଧ୍ୱ ସମ୍ବାଦପତ୍ର ପ୍ରକାଶ ପାଉଛି । ସାଧାରଣତଃ ପଠନସ୍ପୃହା ଏବେ ହ୍ରାସ ପାଉଥିଲେ ମଧ୍ୟ ସମ୍ବାଦପତ୍ର ପଠନର ଅଭ୍ୟାସ ପ୍ରାୟ ହ୍ରାସ ପାଇନାହିଁ ବୋଲି କହିଲେ ଚଳେ । ଏବେ ସମ୍ବାଦପତ୍ରର ପ୍ରତିଦ୍ୱନ୍ଦ୍ୱୀ ତଡ଼ିତ ବା ବୈଦ୍ୟୁତିକ ଗଣମାଧମ କିମ୍ବା ସାମାଜିକ ଗଣମାଧମ ବୋଲି କୁହାଯାଇ ପାରେ । ମାତ୍ର ମୁଦ୍ରଣ ଗଣମାଧମ ଉପରେ ସାଧାରଣ ଶିକ୍ଷିତ ଓ ସଚେତନ ଲୋକେ ଯେଉପରି ଭରସା କରିଥା'ନ୍ତି, ଅନ୍ୟ ଗଣମାଧମ ଉପରେ ସେପରି ଭରସା କରି ପାରନ୍ତି ନାହିଁ । ଅବଶ୍ୟ ବ୍ରଡ଼କାଷ୍ଟିଂ ଏବେ ପଡକାଷ୍ଟିଂରେ ରୂପାନ୍ତରିତ ହୋଇଛି । ସାମାଜିକ ବା ତଡ଼ିତ ଗଣମାଧମର ଗୁରୁତ୍ୱକୁ ମଧ୍ୟ ଏଡ଼ାଯାଇ ନ ପାରେ । ମାତ୍ର ମୁଦ୍ରଣ ଗଣ ମାଧମକୁ ପ୍ରତିଯୋଗିତାର ସମ୍ମୁଖୀନ ହୋଇ ଅଗ୍ରଗମନ କରିବାକୁ ହେବ । ମୁଦ୍ରଣ ଗଣମାଧମକୁ ଏ କ୍ଷେତ୍ରରେ ମଧ୍ୟ ସତର୍କତା ଆଧାରରେ ଆଗକୁ ବଢ଼ିବାକୁ ହେବ ।

୧୮୬୬ରେ ଓଡ଼ିଶାରେ ପ୍ରବଳ ଦୁର୍ଭିକ୍ଷ ପଡ଼ିଥିଲା । ପୁରୀ ରାଜାଙ୍କ ନ' ଅଙ୍କରେ ଏହି ଦୁର୍ଭିକ୍ଷ ପଡ଼ିଥିବାରୁ ଏହାକୁ ନଅଙ୍କ ଦୁର୍ଭିକ୍ଷ ବୋଲି ମଧ୍ୟ କୁହାଯାଇ ଥାଏ । ସେହି ସମୟରେ ୧୮୬୬ ଅଗଷ୍ଟ ୨୫ ତାରିଖରେ କର୍ମବୀର ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା' ପ୍ରକାଶ ପାଇଥିଲା ସାପ୍ତାହିକ ପତ୍ରିକା ଭାବରେ । ପରେ ଅବଶ୍ୟ ଏହାକୁ ଦୈନିକରେ ରୂପାନ୍ତରିତ କରାଯାଇଥିଲା । ଏହା ହିଁ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ବୋଲି କୁହାଯାଇଥାଏ । ସେବେଠାରୁ ଏ ପର୍ଯ୍ୟନ୍ତ ଓଡ଼ିଆ ସମ୍ବାଦପତ୍ରର ଗୁରୁତ୍ୱ ବିଷୟରେ ଚର୍ଚ୍ଚା ହେବା ଉଚିତ ।

ଓଡ଼ିଶାର ଅନ୍ୟତମ ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର 'ସମ୍ବାଦପତ୍ର' ଉପରେ ଲେଖିଥିବା ମନ୍ତବ୍ୟଟି ଏଠାରେ ବେଶ ଗୁରୁତ୍ୱପୂର୍ଣ୍ଣ । ସେତେବେଳେ ତ ଅନ୍ୟାନ୍ୟ ଗଣମାଧମର ଗୁରୁତ୍ୱ ପ୍ରାୟ ନଥିଲା । ସେ ଲେଖିଥିଲେ, 'ନିଜର ମତ ଓ ନୀତି ଅକ୍ଷୁଣ୍ଣ ରଖି ମଧ୍ୟ ନୈତିକତା, ସାଧୁତା ଓ ନିରପେକ୍ଷତା ରକ୍ଷା କରିବା ସଂପାଦକମାନଙ୍କର ସର୍ବାଦୌ କର୍ତ୍ତବ୍ୟ । ଏହାର ଅପଳାପ କଲେ ସମ୍ବାଦପତ୍ରର ମର୍ଯ୍ୟାଦା ବି ନଷ୍ଟ ହୋଇଥାଏ ଓ ଲୋକଚକ୍ଷୁରେ ହେୟ ହୋଇ ସେ ସମ୍ବାଦପତ୍ରର ଅକାଳ ମୃତ୍ୟୁ ଘଟିଥାଏ । ସଂପାଦକଙ୍କର କର୍ତ୍ତବ୍ୟ ସେ ସମାଜର ଭ୍ରମ, ତ୍ରୁଟି ଦର୍ଶାଇ ଦେବେ ଓ ହିତକର ନେତୃତ୍ୱ ଦେଇ ଜନମତ ତଥା ଶାସନ ନୀତିକୁ ସନ୍ମାର୍ଗରେ ବାହିତ କରିବେ । ଯେଉଁ ସମ୍ବାଦପତ୍ର ସାଧୁ ଓ ସୁଦକ୍ଷ ଭାବରେ ଏହା କରିପାରେ, ସମାଜରେ ସେ ଆଦୃତ ହୁଏ ଓ ତା'ର ମର୍ଯ୍ୟାଦା ବୃଦ୍ଧି ପାଏ । ଏହି ମର୍ଯ୍ୟାଦାର ପରିଣାମ-ଗ୍ରାହକ ଓ ପାଠକଙ୍କ ସଂଖ୍ୟା ବୃଦ୍ଧି ।' 'ସମ୍ବାଦପତ୍ର', ସାହିତ୍ୟ ସୁଧାକର)

୧୮୦୦ ଶତାବ୍ଦୀରେ ଭାରତରେ ପ୍ରଥମ ସମ୍ବାଦପତ୍ର 'ବେଙ୍ଗଲ ଗେଜେଟ' ସେତେବେଳେ କଲିକତା (ଏବର କଲକାତା)ରୁ ପ୍ରକାଶ ପାଇଥିଲା- ଜେମସ ଅଗଷ୍ଟ ହିକି ସାହେବଙ୍କ ଦ୍ୱାରା- ଇଂରାଜୀ ଭାଷାରେ । ସେଦିନଠାରୁ ଆଜି ପର୍ଯ୍ୟନ୍ତ ଭାରତରେ ସମ୍ବାଦପତ୍ରର ଭୂମିକା ବିଷୟରେ ତୁଳନା କରି ଆଲୋଚନା କରାଯିବା ଆବଶ୍ୟକ । ଏହାକୁ କେହି କେହି 'ବେଙ୍ଗଲ ଗ୍ୟାଜେଟ' ବୋଲି ମଧ୍ୟ କହି ଆସୁଥିଲେ । ଇଂରାଜୀ ଭାଷାରେ ପ୍ରକାଶିତ ସମ୍ବାଦପତ୍ରଗୁଡ଼ିକ ସ୍ୱାଧୀନତାର ପ୍ରାକ୍ କାଳରେ ଶିକ୍ଷିତ ଓ ସଚେତନ ଗୋଷ୍ଠୀଙ୍କ ନିକଟରେ ପ୍ରାଧାନ୍ୟ ବିସ୍ତାର କରିଥିଲା । ପରେ ଅବଶ୍ୟ ଆଞ୍ଚଳିକ ଭାଷାର ସମ୍ବାଦପତ୍ର ପାଠକମାନଙ୍କୁ ବେଶ ପ୍ରଭାବିତ କରିଥିଲା ଓ ଏବେ କରୁଛି ମଧ୍ୟ । ସମ୍ବାଦପତ୍ର ମଧ୍ୟରେ ଦୈନିକ ସମ୍ବାଦପତ୍ରର ଗୁରୁତ୍ୱ ଅଧିକ, କେବଳ ଭାରତରେ ନୁହେଁ, ଓଡ଼ିଶାରେ ମଧ୍ୟ । ପ୍ରକୃତରେ ଭାତରୀୟ ଆଞ୍ଚଳିକ ଭାଷା ବଙ୍ଗଳାରେ ଭାରତର ପ୍ରଥମ ସମ୍ବାଦପତ୍ର 'ସମାଚାର ଦର୍ପଣ' କଲକାତା ମହାନଗରରୁ ୧୮୧୮ ମେ' ମାସ ୨୩ ତାରିଖରୁ ପ୍ରକାଶ ପାଇଥିଲା । ଓଡ଼ିଆ ଭାଷାରେ ମଧ୍ୟ ତତ୍‌କାଳୀନ ଇଂରେଜ ସାହେବ ରେଭରାଣ୍ଡ ସି ଲେସିଙ୍କ ଦ୍ୱାରା ୧୮୪୯ ମସିହାରେ 'ଜ୍ଞାନାରୁଣ' ସମ୍ବାଦପତ୍ରର ମୁଦ୍ରଣ ହୋିଥଲା- ପତ୍ରିକା ଭାବରେ । ଖ୍ରୀଷ୍ଟ ଧର୍ମର ପ୍ରଚାର ଉଦ୍ଦେଶ୍ୟରେ ଏହା ସମ୍ଭବତଃ ପ୍ରକାଶ ପାଇଥିଲା। ମାତ୍ର କେତୋଟି ସଂଖ୍ୟା ପ୍ରକାଶ ପାଇ ଏହା ବନ୍ଦ ହୋଇଯାଇଥିଲା।

୧୮୬୬ରେ ଓଡ଼ିଶାରେ ପ୍ରବଳ ଦୁର୍ଭିକ୍ଷ ପଡ଼ିଥିଲା । ପୁରୀ ରାଜାଙ୍କ ନ' ଅଙ୍କରେ ଏହି ଦୁର୍ଭିକ୍ଷ ପଡ଼ିଥିବାରୁ ଏହାକୁ ନଅଙ୍କ ଦୁର୍ଭିକ୍ଷ ବୋଲି ମଧ୍ୟ କୁହାଯାଇ ଥାଏ । ସେହି ସମୟରେ ୧୮୬୬ ଅଗଷ୍ଟ ୨୫ ତାରିଖରେ କର୍ମବୀର ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା' ପ୍ରକାଶ ପାଇଥିଲା ସାପ୍ତାହିକ ପତ୍ରିକା ଭାବରେ । ପରେ ଅବଶ୍ୟ ଏହାକୁ ଦୈନିକରେ ରୂପାନ୍ତରିତ କରାଯାଇଥିଲା । ଏହା ହିଁ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ବୋଲି କୁହାଯାଇଥାଏ । ସେବେଠାରୁ ଏ ପର୍ଯ୍ୟନ୍ତ ଓଡ଼ିଆ ସମ୍ବାଦପତ୍ରର ଗୁରୁତ୍ୱ ବିଷୟରେ ଚର୍ଚ୍ଚା ହେବା ଉଚିତ ।

ଓଡ଼ିଆ ସମ୍ବାଦପତ୍ରମାନଙ୍କରେ ଖବର ସହିତ, ବିଭିନ୍ନ ଲେଖାର ଗୁରୁତ୍ୱ ମଧ୍ୟ ରହିଛି । ଖବରକାଗଜର ଅନ୍ୟାନ୍ୟ ବିଭାଗ ପରି ବିଜ୍ଞାପନ ମଧ୍ୟ ଗୁରୁତ୍ୱ ବହନ କରିଥାଏ । ତେଣୁ ସମ୍ବାଦପତ୍ରର ଗୁରୁତ୍ୱ ଓ ମର୍ଯ୍ୟାଦାକୁ ଚାହିଁ ସରକାର ବା ବେସରକାରୀ ସଂସ୍ଥାମାନେ ବିଜ୍ଞାପନ ଦେବା ଉଚିତ । ଏ ବିଷୟରେ ସରକାର ଓ ସମ୍ବାଦପତ୍ରର ସଂସ୍ଥାମାନେ ପରସ୍ପରଙ୍କ ମଧ୍ୟରେ ଆଲୋଚନା ଜାରି ରଖିବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ବିସ୍ଥାପନ ସମସ୍ୟା ଓ ନିରାକରଣ



ବିଦ୍ୟାଧର ମହାରଣା

ଆଧୁନିକ ବିଶ୍ୱାୟନ ଓ ଶିଳ୍ପାୟନର ପ୍ରଗତି ସହିତ ବିକାଶର ମାନବୀୟ ଦିଗଟି ପ୍ରାୟତଃ ଗୌଣ ହୋଇପଡୁଛି । ଏହାର ପରିଣାମ ସ୍ୱରୂପ 'ବିସ୍ଥାପନ' ଭଳି ଏକ ସାଙ୍ଘାତିକ ସମସ୍ୟା ମୁଣ୍ଡଟେକିଛି । ଆଜିର ସମୟରେ ପ୍ରାକୃତିକ ସମ୍ପଦର ଅବିରତ ଶୋଷଣ ଏବଂ ଶିଳ୍ପ ବିକାଶର ଦୌଡ଼ରେ ବହୁରାଷ୍ଟ୍ରୀୟ ଓ ଘରୋଇ କମ୍ପାନୀଗୁଡ଼ିକ ବିକାଶର ପ୍ରକ୍ରିୟାରେ ଦାବିଦାର ହେଉଛନ୍ତି । ମାତ୍ର ଅତୀତରୁ ଦେଖିବାକୁ ମିଳିଛି ଯେ ଏହି କଥିତ ବିକାଶ ଯୋଗୁ କୋଟି କୋଟି ଲୋକ ନିଜର ଘରଦ୍ୱାର ଓ ଜୀବିକା ହରାଇ ବିସ୍ଥାପିତ ହୋଇଛନ୍ତି, କିନ୍ତୁ ସେମାନଙ୍କୁ ଆବଶ୍ୟକୀୟ ଓ ଠିକ୍ ଭାବରେ ପୁନର୍ବାସ ଯୋଗାଇ ଦିଆଯାଇ ନାହିଁ । ଉଦାହରଣ ସ୍ୱରୂପ ହୀରାକୁଦ ବନ୍ଧ ୧୯୫୭ ମସିହାରୁ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଏଯାଏଁ ବିସ୍ଥାପିତ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇନାହିଁ । ଶିଳ୍ପ ପ୍ରତିଷ୍ଠାନ, ବୃହତ୍ ଜଳସେଚନ ପ୍ରକଳ୍ପ, ଖଣି ଖନନ, ରାଜପଥ ନିର୍ମାଣ, ସହରୀକରଣ ଓ ପ୍ରାକୃତିକ ବିପର୍ଯ୍ୟୟ ଆଦି କାରଣରୁ ଅନେକ ଲୋକ ନିଜର ଭିଟାମାଟି, ଜୀବିକା ଓ ପାରମ୍ପରିକ ଜୀବନଶୈଳୀ ହରାଇଥାନ୍ତି । ବିଶେଷକରି ଆଦିବାସୀ, କୃଷକ, ଭୂମିହୀନ ଶ୍ରମିକ ଓ ଦୁର୍ବଳ ବର୍ଗର ଲୋକମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି । ସ୍ୱାଧୀନତା ପରଠାରୁ ଭାରତରେ ଶିଳ୍ପ ପ୍ରତିଷ୍ଠା ଏବଂ ପ୍ରକଳ୍ପ ନିର୍ମାଣ ନାମରେ ବଡ଼ଧରଣର ବିସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବିଶେଷକରି ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଛତିଶଗଡ଼ ଭଳି ଆଦିବାସୀ ଅଞ୍ଚଳଗୁଡ଼ିକ ଏହାର ମୁଖ୍ୟ ଶିକାର ହୋଇଛନ୍ତି । ପ୍ରକଳ୍ପ ନାମରେ ଆଦିମ ଆଦିବାସୀଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା ପରିବର୍ତ୍ତେ ବିସ୍ଥାପନକୁ ଲଦି ଦିଆଯାଉଛି । ବିକାଶକୁ ମନା ନାହିଁ, ହେଲେ ପରିବେଶ ସୁରକ୍ଷା ସହିତ ବିସ୍ଥାପିତ ଲୋକଙ୍କ ପ୍ରତି ନ୍ୟାୟ ହେବା ଆବଶ୍ୟକ ।

କୋଇଲକାରୋ ଗୁଲିକାଣ୍ଡ, ଦୁମକା କାଥିକଣ୍ଡ, କଳିଙ୍ଗନଗର, ଗୋଲା ଏବଂ ବାରକାଗାଁ ଭଳି ଅନେକ ଦୁଃଖଦ ଘଟଣା ଏହି ଅନ୍ୟାୟ ବିରୋଧରେ ଜନ ସାଧାରଣଙ୍କର ପ୍ରତିବାଦ ସ୍ୱରକୁ ଦେଶବ୍ୟାପୀ ପରିଚିତ କରାଇଥିଲା । ଭାରତର ଆଦିବାସୀ ଓ ପଛୁଆ ଅଞ୍ଚଳଗୁଡ଼ିକରେ ଏହି ସମସ୍ୟା ସବୁଠାରୁ ଅଧିକ ଗମ୍ଭୀର । ଏହା କେବଳ ବିସ୍ଥାପିତଙ୍କୁ ଭୂମିହରା କରି ନାହିଁ, ବରଂ ସେମାନଙ୍କ ସାମାଜିକ, ସାଂସ୍କୃତିକ ଏବଂ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ବିସ୍ଥାପନ ଦ୍ୱାରା ସମ୍ପ୍ରଦାୟଗୁଡ଼ିକର ପାରମ୍ପରିକ ଜୀବନଶୈଳୀ, ସାମାଜିକ ଏକତା ଏବଂ ସାଂସ୍କୃତିକ ପରମ୍ପରା ସଂପୂର୍ଣ୍ଣ ରୂପେ ପ୍ରଭାବିତ ହୋଇଥାଏ । ଆଦିବାସୀମାନଙ୍କ ପାଇଁ ଜଙ୍ଗଲ, ପାହାଡ଼ ଓ ପ୍ରକୃତି କେବଳ ଜୀବିକାର ସାଧନ ନୁହେଁ, ବରଂ ସେମାନଙ୍କର ଆଧ୍ୟାତ୍ମିକ ବିଶ୍ୱାସର ପ୍ରତୀକ ଅଟେ । ଜମି ଓ ଜଙ୍ଗଲ ହରାଇବା ଦ୍ୱାରା ସେମାନେ ଦାରିଦ୍ର୍ୟ, ବେକାରୀ ଏବଂ ଆର୍ଥିକ ଅସୁରକ୍ଷାର କବଳରେ ପଡ଼ିଯାଆନ୍ତି । ଏପରି ପରିସ୍ଥିତିରେ ସବୁଠାରୁ ବେଶି ପ୍ରଭାବିତ ହୁଅନ୍ତି ପିଲାମାନେ । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ସେମାନଙ୍କର ଶୈଶବ ଓ ଭବିଷ୍ୟତ ଅନ୍ଧକାର ହୋଇଯାଏ ।

ଶିଳ୍ପାୟନ ଓ ଖଣି ଉତ୍ତୋଳନ ନାମରେ ଦେଶର ବିଶାଳ ଜଙ୍ଗଲ ଏବଂ ସବୁଜାଚ୍ଛାଦିତ ଅଞ୍ଚଳଗୁଡ଼ିକୁ ନଷ୍ଟ କରାଯାଉଛି । ଏହାଦ୍ୱାରା କେବଳ ସ୍ଥାନୀୟ ଜୀବନଜୀବିକା ପ୍ରଭାବିତ ହେଉନାହିଁ, ବରଂ ସମଗ୍ର ମାନବ ଜାତିର ପରିବେଶଗତ ସନ୍ତୁଳନ ବ୍ୟାହତ ହେଉଛି । ଆଜିର ଉଦାରୀକରଣ ଓ ବଜାର ଅର୍ଥନୀତିରେ ଧନୀମାନେ ଅଧିକ ଧନୀ ହେଉଥିବାବେଳେ ଗରିବମାନେ ଅଧିକ ଗରିବ ହେଉଛନ୍ତି । ବହୁରାଷ୍ଟ୍ରୀୟ ଓ ଘରୋଇ କମ୍ପାନୀଗୁଡ଼ିକ (ଯଥା- ବେଦାନ୍ତ, ଟାଟା ଇତ୍ୟାଦି) କେବଳ ନିଜର ଆର୍ଥିକ ଲାଭ ପାଇଁ ପ୍ରାକୃତିକ ସମ୍ପଦର ଅପବ୍ୟବହାର କରୁଛନ୍ତି । ସେମାନେ ସମ୍ବିଧାନ ଦ୍ୱାରା ସୁନିଶ୍ଚିତ ଆଦିବାସୀମାନଙ୍କ ଅଧିକାର, ଜନକଲ୍ୟାଣ ଏବଂ ମାନବାଧିକାରକୁ ସମ୍ମାନ ଦେବାକୁ କୁଣ୍ଠାବୋଧ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ବିକାଶର ଏଭଳି ଏକ ସମାଧାନ ସୂତ୍ର ବାହାର କରାଯିବା ଆବଶ୍ୟକ ଯେଉଁଠାରେ ଶିଳ୍ପ ଓ ପ୍ରଗତି ମଧ୍ୟ ରହିବ ଏବଂ ସାଧାରଣ ନାଗରିକଙ୍କ ମୌଳିକ ଅଧିକାର ଓ ମାନବାଧିକାର ମଧ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ ।

ଆସନ୍ତୁ ବିସ୍ଥାପନ ସମସ୍ୟାର ସମାଧାନ ପାଇଁ ପ୍ରମୁଖ ପନ୍ଥା ବିଷୟରେ ଆଲୋଚନା କରିବା । କୌଣସି ବିକାଶମୂଳକ ପ୍ରକଳ୍ପ ଆରମ୍ଭ ପୂର୍ବରୁ ଏହାର ସାମାଜିକ ପ୍ରଭାବ ଆକଳନ କରିବା ଆବଶ୍ୟକ । ବିକଳ୍ପ ସ୍ଥାନ ଓ ଡିଜାଇନ୍‌ର ବିଚାର କରି ଯଥାସମ୍ଭବ କମ୍ ଲୋକଙ୍କୁ ବିସ୍ଥାପିତ କରାଯିବା ଉଚିତ । ଜମି, ଘର, ଫସଲ ଓ ଅନ୍ୟାନ୍ୟ ସମ୍ପତ୍ତି ହରାଉଥିବା ଲୋକମାନଙ୍କୁ ଉପଯୁକ୍ତ ଓ ସମୟୋଚିତ କ୍ଷତିପୂରଣ ଦେବା ଆବଶ୍ୟକ । କେବଳ ଜମିର ମୂଲ୍ୟ ନୁହେଁ, ଜୀବିକା ଓ ଅନ୍ୟାନ୍ୟ କ୍ଷତିକୁ ମଧ୍ୟ ବିଚାର କରାଯିବା ଉଚିତ । ବିସ୍ଥାପିତ ପରିବାରଙ୍କୁ ଘର, ପାନୀୟ ଜଳ, ବିଦ୍ୟୁତ୍, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପରିମଳ ସୁବିଧା ଥିବା ସ୍ଥାନରେ ଥଇଥାନ କରିବା ଆବଶ୍ୟକ । ଭାରତ ସରକାର ୨୦୧୩ ମସିହାରେ ଉପଯୁକ୍ତ କ୍ଷତିପୂରଣ ଓ ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃସ୍ଥାପନରେ ସ୍ୱଚ୍ଛତା ଆଇନ ପ୍ରଣୟନ କରିଛନ୍ତି ଯାହାକୁ କଡାକଡି ଭାବରେ ପାଳନ କରାଯିବା ଆବଶ୍ୟକ । କେବଳ ଘର ଯୋଗାଇଦେବା ପରିବର୍ତ୍ତେ ଏକ ସମ୍ମାନଜନକ ଜୀବନଯାପନର ବ୍ୟବସ୍ଥା କରିବା ଉଚିତ । ଜମି ହରାଇଥିବା କୃଷକ, ଶ୍ରମିକ ଓ ପାରମ୍ପରିକ ଜୀବିକା ଉପରେ ନିର୍ଭରଶୀଳ ପରିବାରଙ୍କୁ ବିକଳ୍ପ ରୋଜଗାର, ଦକ୍ଷତା ବିକାଶ ପ୍ରଶିକ୍ଷଣ, ସ୍ୱରୋଜଗାର ଓ ଉପଯୁକ୍ତ ଆର୍ଥିକ ସହାୟତା ଦେବା ଆବଶ୍ୟକ ।

ଭାରତ ସରକାର ୨୦୧୩ ମସିହାରେ ଉପଯୁକ୍ତ କ୍ଷତିପୂରଣ ଓ ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃସ୍ଥାପନରେ ସ୍ୱଚ୍ଛତା ଆଇନ ପ୍ରଣୟନ କରିଛନ୍ତି ଯାହାକୁ କଡାକଡି ଭାବରେ ପାଳନ କରାଯିବା ଆବଶ୍ୟକ । କେବଳ ଘର ଯୋଗାଇଦେବା ପରିବର୍ତ୍ତେ ଏକ ସମ୍ମାନଜନକ ଜୀବନଯାପନର ବ୍ୟବସ୍ଥା କରିବା ଉଚିତ ।

ପ୍ରକଳ୍ପ ସମ୍ପର୍କିତ ନିଷ୍ପତ୍ତି ନେବା ପୂର୍ବରୁ ପ୍ରଭାବିତ ଲୋକଙ୍କ ସହ ଆଲୋଚନା, ଜନଶୁଣାଣି ଓ ଗ୍ରାମସଭାର ମତାମତକୁ ଗୁରୁତ୍ୱ ଦେବା ଉଚିତ । ସେମାନଙ୍କର ଅଧିକାର ଓ ସମ୍ପତ୍ତି ସମ୍ପର୍କିତ ଆଇନଗତ ବ୍ୟବସ୍ଥାକୁ ମଧ୍ୟ ସମ୍ମାନ ଦେବା ଆବଶ୍ୟକ । ଆଦିବାସୀଙ୍କ ପାଇଁ ଜମି କେବଳ ଜୀବିକାର ମାଧ୍ୟମ ନୁହେଁ ଏହା ସେମାନଙ୍କର ସଂସ୍କୃତି, ପରମ୍ପରା ଓ ପରିଚୟ ସହ ଜଡ଼ିତ । ତେଣୁ ସେମାନଙ୍କର ଜଙ୍ଗଲ ଅଧିକାର, ପାରମ୍ପରିକ ଜୀବନଶୈଳୀ ଓ ସାଂସ୍କୃତିକ ପରିଚୟର ସୁରକ୍ଷା କରାଯିବା ଦରକାର । ଜମି ଅଧିଗ୍ରହଣ, କ୍ଷତିପୂରଣ, ପୁନର୍ବାସ ଓ ପୁନଃସ୍ଥାପନ ସମ୍ପର୍କିତ ଆଇନଗୁଡ଼ିକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବା ଆବଶ୍ୟକ । କ୍ଷତିପୂରଣ ଓ ପୁନର୍ବାସ ସୁବିଧା ପ୍ରଦାନରେ ବିଳମ୍ବ ହେଲେ ଦାୟୀ ଅଧିକାରୀ ଓ ସଂସ୍ଥାଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବା ଉଚିତ । ବିସ୍ଥାପିତ ପରିବାରଙ୍କ ତାଲିକା, କ୍ଷତିପୂରଣର ବିବରଣୀ ଓ ପୁନର୍ବାସର ଅଗ୍ରଗତିକୁ ସ୍ୱଚ୍ଛ ରଖିବା ଦରକାର । ସ୍ୱାଧୀନ ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଅଭିଯୋଗର ଶୀଘ୍ର ସମାଧାନ କରାଯିବା ଆବଶ୍ୟକ । ବନ୍ୟା, ବାତ୍ୟା, ନଦୀକୂଳ କ୍ଷୟ ଓ ଭୂସ୍ଖଳନ ଯୋଗୁ ବିସ୍ଥାପିତ ଲୋକଙ୍କ ପାଇଁ ସୁରକ୍ଷିତ ବାସସ୍ଥାନ, ଆଗୁଆ ସତର୍କ ସୂଚନା, ଜରୁରୀକାଳୀନ ଆଶ୍ରୟ ଓ ଦୀର୍ଘମିଆଦୀ ଜୀବିକା ସହାୟତାର ବ୍ୟବସ୍ଥା କରିବା ଦରକାର । ନୂତନ ସ୍ଥାନରେ ବିସ୍ଥାପିତ ପରିବାରଙ୍କୁ ସାମାଜିକ ଭାବେ ମିଶିବା, ପିଲାମାନଙ୍କ ଶିକ୍ଷା ଜାରି ରଖିବା ଓ ମାନସିକ ଚାପର ମୁକାବିଲା କରିବାରେ ସହାୟତା ଯୋଗାଇଦେବା ଆବଶ୍ୟକ ।

(ପରିବେଶ ସମସ୍ୟା ଭିତ୍ତିକ ପ୍ରବନ୍ଧ ରଚନା କରି ଲେଖକ ସୁପରିଚିତ)

କଳିଙ୍ଗନଗର ୭/୪୫୨
ଭୁବନେଶ୍ୱର
ମୋ: ୯୪୩୭୦୭୧୧୯୦

ମଣିଷ ଜୀବନରେ ଧୈର୍ଯ୍ୟର ଆବଶ୍ୟକତା



ଡ. ଅମୂଲ୍ୟ କୁମାର ପଣ୍ଡା

ମଣିଷ ଜୀବନ ହେଉଛି ସୁଖ ଓ ଦୁଃଖ, ହସ ଓ କାନ୍ଦ, ସଫଳତା, ବିଫଳତା, ଆଶା ଓ ନିରାଶାର ଏକ ଅପୂର୍ବ ସମନ୍ୱୟ । ଜୀବନର ପ୍ରତ୍ୟେକ ପଥରେ ମଣିଷକୁ ନାନା ପ୍ରକାରର ପରିସ୍ଥିତିର ସାମ୍ନା କରିବାକୁ ପଡ଼େ । କେତେବେଳେ ଜୀବନ ଫୁଲର ଶଯ୍ୟା ପରି ମନେ ହୁଏ, ତ ଆଉ କେତେବେଳେ ଏହା କଣ୍ଟକପୂର୍ଣ୍ଣ ପଥ ପରି ଅନୁଭବ ହୁଏ । ଏହି ସବୁ ପରିସ୍ଥିତି ମଧ୍ୟରେ ଯେଉଁ ଗୁଣ ମଣିଷକୁ ଦୃଢ଼ ଭାବରେ ଆଗକୁ ବଢ଼ିବାର ଶକ୍ତି ଦିଏ, ତାହା ହେଉଛି ଧୈର୍ଯ୍ୟ । ଧୈର୍ଯ୍ୟ ମଣିଷର ଏକ ମହାନ ଗୁଣ । ଏହା ମଣିଷକୁ ବିପଦରେ ଭାଙ୍ଗି ନପଡ଼ିବାକୁ, ବିଫଳତାରେ ହତାଶ ନହେବାକୁ ଏବଂ ସଫଳତା ପାଇଁ ନିରନ୍ତର ପରିଶ୍ରମ କରିବାକୁ ପ୍ରେରଣା ଦିଏ । ଜୀବନରେ ଧନ, ଜ୍ଞାନ, ଶକ୍ତି ଓ ପ୍ରତିଭାର ମହତ୍ତ୍ୱ ରହିଛି କିନ୍ତୁ ଏହି ସବୁ ଗୁଣକୁ ଉପଯୁକ୍ତ ଭାବରେ ବ୍ୟବହାର କରିବା ପାଇଁ ଧୈର୍ଯ୍ୟ ଅତ୍ୟନ୍ତ ଆବଶ୍ୟକ । ତେଣୁ ଧୈର୍ଯ୍ୟକୁ ମଣିଷ ଜୀବନର ଏକ ଅମୂଲ୍ୟ ସମ୍ପଦ ବୋଲି କୁହାଯାଏ । ଧୈର୍ଯ୍ୟର ସାଧାରଣ ଅର୍ଥ ହେଉଛି ଧୀରସ୍ଥିର ମନରେ ପରିସ୍ଥିତିକୁ ସାମ୍ନା କରିବା, ଉଚିତ ସମୟକୁ ଅପେକ୍ଷା କରିବା ଏବଂ ବାଧାବିଘ୍ନ ସତ୍ତ୍ୱେ ନିଜର ଲକ୍ଷ୍ୟ ଦିଗରେ ଆଗେଇ ଚାଲିବା । ଧୈର୍ଯ୍ୟର ଅର୍ଥ ନିଷ୍କ୍ରିୟ ହୋଇ ବସି ରହିବା ନୁହେଁ । ବରଂ ଠିକ୍ ସମୟରେ ଠିକ୍ କାମ କରିବା ଏବଂ ଫଳ ପାଇବା ପର୍ଯ୍ୟନ୍ତ ନିଜର ଉଦ୍ୟମ ଜାରି ରଖିବା ହିଁ ପ୍ରକୃତ ଧୈର୍ଯ୍ୟ । ଜଣେ ଧୈର୍ଯ୍ୟବାନ ବ୍ୟକ୍ତି ତୁରନ୍ତ ଫଳ ନମିଳିଲେ ନିରାଶ ହୁଏ ନାହିଁ । ସେ ନିଜର ଭୁଲକୁ ଚିହ୍ନିବା ସହିତ ତାହାର ସଂଶୋଧନ କରେ । କ୍ରୋଧ ଆସିଲେ ମଧ୍ୟ ନିଜର ବାଣୀ ଓ ବ୍ୟବହାର ଉପରେ ନିୟନ୍ତ୍ରଣ ରଖେ । ଅନ୍ୟମାନଙ୍କର ଭୁଲକୁ ବୁଝିବାକୁ ଚେଷ୍ଟା କରେ ଏବଂ ଅସୁବିଧା ସମୟରେ ମଧ୍ୟ ଆଶା ହରାଏ ନାହିଁ । ଧୈର୍ଯ୍ୟ ହେଉଛି ମନର ସ୍ଥିରତା, ଚିନ୍ତାର ପରିପକ୍ୱତା ଓ କାର୍ଯ୍ୟରେ ନିୟମିତତାର ପରିଚୟ । ଏହା ମଣିଷକୁ ଆବେଗରେ ଭୁଲ ନିଷ୍ପତ୍ତି ନେବାରୁ ରକ୍ଷା କରେ । ତେଣୁ ଧୈର୍ଯ୍ୟ କେବଳ ଅପେକ୍ଷା କରିବାର ଗୁଣ ନୁହେଁ, ଏହା ହେଉଛି ବିବେକ ଓ ଆତ୍ମସଂଯମର ଏକ ମହାନ ରୂପ ।

ମଣିଷ ଜୀବନରେ ଧୈର୍ଯ୍ୟର ଆବଶ୍ୟକତା ପ୍ରତ୍ୟେକ କ୍ଷେତ୍ରରେ ରହିଛି । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ବିଭିନ୍ନ ଅନୁଭୂତି ଓ ପରିସ୍ଥିତି ଦେଇ ଗତି କରେ । ଶୈଶବରେ ଶିଶୁ ଚାଲିବା, କଥା କହିବା ଓ ନୂଆ କଥା ଶିଖିବା ପାଇଁ ଅଭ୍ୟାସ କରେ । ଯୁବାବସ୍ଥାରେ ମଣିଷ ଶିକ୍ଷା, ଚାକିରି, ବ୍ୟବସାୟ ଓ ଜୀବନର ଲକ୍ଷ୍ୟ ହାସଲ ପାଇଁ ପରିଶ୍ରମ କରେ । ବୃଦ୍ଧାବସ୍ଥାରେ ମଧ୍ୟ ଧୈର୍ଯ୍ୟ ଓ ସହନଶୀଳତା ଜୀବନକୁ ସୁନ୍ଦର କରେ । ଧୈର୍ଯ୍ୟବାନ ମଣିଷ ସମସ୍ୟାକୁ ନିଜ ଜୀବନର ଶେଷ ବୋଲି ଭାବେ ନାହିଁ । ସେ ସମସ୍ୟାର କାରଣ ଖୋଜେ, ସମାଧାନର ଉପାୟ ଚିନ୍ତା କରେ ଏବଂ ଆବଶ୍ୟକ ହେଲେ ଅନ୍ୟମାନଙ୍କର ସାହାଯ୍ୟ ନିଏ । ଏହି ଗୁଣ ତାକୁ ଅଧିକ ଅଭିଜ୍ଞ, ସଚେତନ ଓ ଦାୟିତ୍ୱବାନ କରିଥାଏ । ସଫଳତା ଏକ ଦିନରେ ମିଳେ ନାହିଁ । ଏହା ପଛରେ ରହିଥାଏ ଦୀର୍ଘଦିନର ପରିଶ୍ରମ, ଅଭ୍ୟାସ, ଆତ୍ମବିଶ୍ୱାସ ଓ ଧୈର୍ଯ୍ୟ । ଯେଉଁ ବ୍ୟକ୍ତି ସାମାନ୍ୟ ବାଧା ଦେଖି ନିଜର ଉଦ୍ୟମ ଛାଡ଼ିଦିଏ, ସେ ଅନେକ ସମୟରେ ନିଜର ଲକ୍ଷ୍ୟରେ ପହଞ୍ଚିପାରେ ନାହିଁ । କିନ୍ତୁ ଯିଏ ବାଧାବିଘ୍ନକୁ ଶିକ୍ଷାର ସୁଯୋଗ ଭାବରେ ଗ୍ରହଣ କରେ, ସେ ଧୀରେ ଧୀରେ ଉନ୍ନତି କରେ । ଛାତ୍ରଜୀବନ ମଣିଷର ଭବିଷ୍ୟତ ଗଠନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ଛାତ୍ରଛାତ୍ରୀମାନେ ଜ୍ଞାନ ଅର୍ଜନ କରିବା ସହିତ ଶୃଙ୍ଖଳା, ସମୟାନୁବର୍ତ୍ତିତା, ପରିଶ୍ରମ ଓ ଧୈର୍ଯ୍ୟ ପରି ଗୁଣ ଶିଖିଥାନ୍ତି । ପାଠପଢ଼ାରେ ସବୁ ବିଷୟ ସହଜ ଲାଗେ ନାହିଁ । କେତେକ ବିଷୟ ବୁଝିବା ପାଇଁ ବାରମ୍ବାର ପଢ଼ିବାକୁ ପଡ଼େ । ଗଣିତର ଏକ ଜଟିଳ ପ୍ରଶ୍ନ ସମାଧାନ କରିବାକୁ ଅନେକ ଚେଷ୍ଟା କରିବାକୁ ହୁଏ । ବିଜ୍ଞାନର କୌଣସି ଧାରଣା ବୁଝିବା ପାଇଁ ଉଦାହରଣ ଓ ପ୍ରୟୋଗର ସାହାଯ୍ୟ ନେବାକୁ ପଡ଼େ । ଏପରି ସମୟରେ ଛାତ୍ର ଯଦି ଅଧୈର୍ଯ୍ୟ ହୋଇ ପାଠ ଛାଡ଼ିଦିଏ, ତେବେ ତାହାର ଶିକ୍ଷା ଅସମ୍ପୂର୍ଣ୍ଣ ରହିପାରେ । ଧୈର୍ଯ୍ୟବାନ ଛାତ୍ର ଜାଣେ ଯେ ଜ୍ଞାନ ଅର୍ଜନ ଏକ ନିରନ୍ତର ପ୍ରକ୍ରିୟା । ଆଜି ଯାହା କଷ୍ଟକର ଲାଗୁଛି, ନିୟମିତ ଅଭ୍ୟାସ ଦ୍ୱାରା ତାହା ଆସନ୍ତାକାଲି ସହଜ ହୋଇପାରେଛ ତେଣୁ ଛାତ୍ରଜୀବନରେ ଧୈର୍ଯ୍ୟ ହେଉଛି ଉଜ୍ଜ୍ୱଳ ଭବିଷ୍ୟତର ଏକ ମୂଳଦୁଆ ।

ଧୈର୍ଯ୍ୟ ମଣିଷକୁ ଏହି ଶିକ୍ଷା ଦିଏ ଯେ କୌଣସି କଠିନ ପରିସ୍ଥିତି ସବୁବେଳେ ଏକାପରି ରହେ ନାହ । ସମୟ ସହିତ ପରିସ୍ଥିତି ବଦଳିପାରେ । ଆଜିର ଅନୁଭବ ଆଗାମୀ ଦିନରେ ଆମକୁ ଅଧିକ ସଚେତନ ଓ ଅଭିଜ୍ଞ କରିପାରେ । ତେବେ ଧୈର୍ଯ୍ୟର ଅର୍ଥ ଦୁଃଖକୁ ନିରବରେ ସହିବା ମାତ୍ର ନୁହେଁ । କୌଣସି ସମସ୍ୟା ଅସହ୍ୟ ହେଲେ ପରିବାର, ବନ୍ଧୁ, ଶିକ୍ଷକ କିମ୍ବା ବିଶ୍ୱସ୍ତ ବ୍ୟକ୍ତିଙ୍କ ସାହାଯ୍ୟ ନେବା ମଧ୍ୟ ବୁଦ୍ଧିମତାର ପରିଚୟ । ସାହାଯ୍ୟ ଗ୍ରହଣ କରିବା ଦୁର୍ବଳତା ନୁହେଁ ଏହା ହେଉଛି ସମସ୍ୟାର ସମାଧାନ ପାଇଁ ଏକ ସାହସିକ ପଦକ୍ଷେପ । ମଣିଷ ଏକ ସାମାଜିକ ପ୍ରାଣୀ । ସେ ଏକାକୀ ଜୀବନଯାପନ କରିପାରେ ନାହିଁ । ସମାଜରେ ବସବାସ କରିବା ପାଇଁ ଅନ୍ୟମାନଙ୍କର ଭାବନା, ଅଧିକାର ଓ ମତାମତକୁ ସମ୍ମାନ ଦେବା ଆବଶ୍ୟକ । ଏହି କାର୍ଯ୍ୟରେ ଧୈର୍ଯ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ । ସମାଜରେ ବିଭିନ୍ନ ଧର୍ମ, ଭାଷା, ସଂସ୍କୃତି ଓ ଚିନ୍ତାଧାରାର ଲୋକ ରହନ୍ତି । ସମସ୍ତଙ୍କର ମତାମତ ଏକାପରି ହେବା ସମ୍ଭବ ନୁହେଁ । ଯଦି ମଣିଷ ଅନ୍ୟର ମତକୁ ଶୁଣିବା ପୂର୍ବରୁ ତାହାକୁ ଭୁଲ ବୋଲି କହିଦିଏ, ତେବେ ସମାଜରେ ବିବାଦ ବଢ଼ିପାରେ । କିନ୍ତୁ ଧୈର୍ଯ୍ୟର ସହିତ ଅନ୍ୟର କଥା ଶୁଣିବା ଓ ଯୁକ୍ତି ଦ୍ୱାରା ମତଭେଦର ସମାଧାନ କରିବା ଦ୍ୱାରା ସାମାଜିକ ଏକତା ଦୃଢ଼ ହୁଏ । ଧୈର୍ଯ୍ୟବାନ ବ୍ୟକ୍ତି ଅନ୍ୟମାନଙ୍କୁ ଅପମାନିତ କରିବା ପରିବର୍ତ୍ତେ ସେମାନଙ୍କୁ ବୁଝିବାକୁ ଚେଷ୍ଟା କରେ । ସେ ଅନ୍ୟାୟକୁ ସମର୍ଥନ କରେ ନାହିଁ, କିନ୍ତୁ ଅନ୍ୟାୟର ପ୍ରତିବାଦ ମଧ୍ୟ ସଂଯମ ଓ ବିବେକର ସହିତ କରେ । ତେଣୁ ଶାନ୍ତିପୂର୍ଣ୍ଣ ଓ ସୁସ୍ଥ ସମାଜ ଗଠନ ପାଇଁ ଧୈର୍ଯ୍ୟ ଅତ୍ୟନ୍ତ ଆବଶ୍ୟକ । ପ୍ରକୃତି ହେଉଛି ଧୈର୍ଯ୍ୟର ଏକ ମହାନ ଶିକ୍ଷକ । ପ୍ରକୃତିର ପ୍ରତ୍ୟେକ ଉପାଦାନ ଆମକୁ ନିରବରେ ଧୈର୍ଯ୍ୟର ମହତ୍ତ୍ୱ ବୁଝାଇଥାଏ । ଏକ ଛୋଟ ମଞ୍ଜି ମାଟି ଭିତରେ ପଡ଼ି ଧୀରେ ଧୀରେ ଅଙ୍କୁରିତ ହୁଏ । ତାହାକୁ ଏକ ବଡ଼ ଗଛ ହେବା ପାଇଁ ସମୟ ଲାଗେ । ଗଛ ଫୁଲ ଓ ଫଳ ଦେବା ପୂର୍ବରୁ ଅନେକ ଋତୁର ପରିବର୍ତ୍ତନକୁ ସହ୍ୟ କରେ । ନଦୀ ପଥର ଓ ପାହାଡ଼ ମଧ୍ୟରେ ନିଜର ପଥ ଖୋଜି ଆଗକୁ ବହିଯାଏ । ସୂର୍ଯ୍ୟ ପ୍ରତିଦିନ ଉଦୟ ହୋଇ ଆମକୁ ଆଲୋକ ଓ ଉଷ୍ମତା ପ୍ରଦାନ କରେ । ପ୍ରକୃତିର ଏହି ଦୃଶ୍ୟଗୁଡ଼ିକ ଆମକୁ ଶିଖାଏ ଯେ ବଡ଼ ପରିବର୍ତ୍ତନ ପାଇଁ ସମୟ ଓ ନିରନ୍ତର ପ୍ରୟାସ ଆବଶ୍ୟକ । ମଣିଷ ମଧ୍ୟ ଯଦି ନିଜର ଲକ୍ଷ୍ୟ ପାଇଁ ଧୈର୍ଯ୍ୟର ସହିତ କାମ କରେ, ତେବେ ସେ ଧୀରେ ଧୀରେ ନିଜର ଦକ୍ଷତା ଓ ଜ୍ଞାନକୁ ବଢ଼ାଇପାରିବ ।

ଧୈର୍ଯ୍ୟ ମଣିଷକୁ ଏହି ଶିକ୍ଷା ଦିଏ ଯେ କୌଣସି କଠିନ ପରିସ୍ଥିତି ସବୁବେଳେ ଏକାପରି ରହେ ନାହ । ସମୟ ସହିତ ପରିସ୍ଥିତି ବଦଳିପାରେ । ଆଜିର ଅନୁଭବ ଆଗାମୀ ଦିନରେ ଆମକୁ ଅଧିକ ସଚେତନ ଓ ଅଭିଜ୍ଞ କରିପାରେ । ତେବେ ଧୈର୍ଯ୍ୟର ଅର୍ଥ ଦୁଃଖକୁ ନିରବରେ ସହିବା ମାତ୍ର ନୁହେଁ । କୌଣସି ସମସ୍ୟା ଅସହ୍ୟ ହେଲେ ପରିବାର, ବନ୍ଧୁ, ଶିକ୍ଷକ କିମ୍ବା ବିଶ୍ୱସ୍ତ ବ୍ୟକ୍ତିଙ୍କ ସାହାଯ୍ୟ ନେବା ମଧ୍ୟ ବୁଦ୍ଧିମତାର ପରିଚୟ । ସାହାଯ୍ୟ ଗ୍ରହଣ କରିବା ଦୁର୍ବଳତା ନୁହେଁ ଏହା ହେଉଛି ସମସ୍ୟାର ସମାଧାନ ପାଇଁ ଏକ ସାହସିକ ପଦକ୍ଷେପ ।

ଧୈର୍ଯ୍ୟ ଏକ ଏପରି ଗୁଣ, ଯାହାକୁ ନିୟମିତ ଅଭ୍ୟାସ ଦ୍ୱାରା ବିକଶିତ କରାଯାଇପାରେ । ଏହା ଜନ୍ମରୁ ସମସ୍ତଙ୍କଠାରେ ସମାନ ଭାବରେ ଥାଏ ନାହିଁ । ଦୈନନ୍ଦିନ ଜୀବନରେ କିଛି ଭଲ ଅଭ୍ୟାସ ଗ୍ରହଣ କରି ଆମେ ନିଜର ଧୈର୍ଯ୍ୟ ବଢ଼ାଇପାରିବା । କୌଣସି ସମସ୍ୟା ଆସିଲେ ସଙ୍ଗେ ସଙ୍ଗେ ପ୍ରତିକ୍ରିୟା ନଦେଇ କିଛି ସମୟ ନେଇ ଚିନ୍ତା କରିବା ଉଚିତ । ଏହା ଆମକୁ ଆବେଗରେ ଭୁଲ ନିଷ୍ପତ୍ତି ନେବାରୁ ରକ୍ଷା କରେ । ନିଜ ଜୀବନରେ ବାସ୍ତବସମ୍ମତ ଲକ୍ଷ୍ୟ ରଖିବା ଆବଶ୍ୟକଛ ବଡ଼ ଲକ୍ଷ୍ୟକୁ ଛୋଟ ଛୋଟ ପଦକ୍ଷେପରେ ବିଭକ୍ତ କଲେ ତାହାକୁ ହାସଲ କରିବା ସହଜ ହୁଏ । ପ୍ରତିଦିନ ଅଳ୍ପ ଅଳ୍ପ ଉନ୍ନତି କରିବା ଦ୍ୱାରା ଆତ୍ମବିଶ୍ୱାସ ବଢ଼େ । ନିୟମିତ ପାଠପଢ଼ା, ଯୋଗ, ଧ୍ୟାନ, ପ୍ରାର୍ଥନା ଓ ଶାନ୍ତ ଭାବରେ କିଛି ସମୟ ଅତିବାହିତ କରିବା ମନକୁ ସ୍ଥିର କରିବାରେ ସାହାଯ୍ୟ କରିପାରେ । ବିଫଳତାକୁ ନିଜର ଅକ୍ଷମତାର ପ୍ରମାଣ ବୋଲି ନଭାବି ତାହାରୁ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ । ନିଜର ଭୁଲକୁ ସ୍ୱୀକାର କରି ସଂଶୋଧନ କରିବା ଧୈର୍ଯ୍ୟର ଏକ ମହତ୍ତ୍ୱ ପୂର୍ଣ୍ଣ ଲକ୍ଷଣ । ଧୈର୍ଯ୍ୟ ଆମକୁ ଶିଖାଏ ଯେ ପ୍ରତ୍ୟେକ ଭୁଲ ଏକ ନୂଆ ଶିକ୍ଷାର ସୁଯୋଗ । ଆତ୍ମବିଶ୍ୱାସ ଆମକୁ ଶିଖାଏ ଯେ ଆମେ ଚେଷ୍ଟା କରିବାକୁ ସକ୍ଷମଛ ଏହି ଦୁଇଟି ଗୁଣ ଏକାଠି ରହିଲେ ମଣିଷ ନିଜର ଦୁର୍ବଳତାକୁ ଚିହ୍ନି ତାହାକୁ ଦୂର କରିବା ପାଇଁ ଉଦ୍ୟମ କରିପାରେ । ଧୈର୍ଯ୍ୟ ହେଉଛି ମଣିଷ ଜୀବନର ଏକ ଅମୂଲ୍ୟ ଅଳଙ୍କାର । ଏହା ମଣିଷକୁ କଠିନ ପରିସ୍ଥିତିରେ ସ୍ଥିର ରହିବା, ବିଫଳତାରୁ ଶିକ୍ଷା ଗ୍ରହଣ କରିବା, ସମ୍ପର୍କକୁ ସୁଦୃଢ଼ କରିବା ଓ ନିଜର ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ପରିଶ୍ରମ କରିବାର ଶକ୍ତି ପ୍ରଦାନ କରେ । ଧୈର୍ଯ୍ୟବାନ ବ୍ୟକ୍ତି ଜୀବନର ପ୍ରତ୍ୟେକ ଘଟଣାରୁ କିଛି ନା କିଛି ଶିଖିଥାଏ । ସେ ସଫଳତାରେ ଅହଙ୍କାରୀ ହୁଏ ନାହିଁ ଏବଂ ବିଫଳତାରେ ନିଜର ଆତ୍ମବିଶ୍ୱାସ ହରାଏ ନାହିଁ । ସେ ଜାଣେ ଯେ ଜୀବନରେ ଉନ୍ନତି କରିବା ପାଇଁ ଧୈର୍ଯ୍ୟ ସହିତ ପରିଶ୍ରମ, ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ସଠିକ୍ ଦିଗରେ ପ୍ରୟାସ ଆବଶ୍ୟକ । ଧୈର୍ଯ୍ୟ ଆମକୁ ଅପେକ୍ଷା କରିବା ଶିଖାଏ, ପରିଶ୍ରମ ଆମକୁ ଆଗକୁ ବଢ଼ାଏ ଏବଂ ଆତ୍ମବିଶ୍ୱାସ ଆମକୁ ଲକ୍ଷ୍ୟରେ ପହଞ୍ଚିବାର ପ୍ରେରଣା ଦିଏ । ତେଣୁ ଜୀବନରେ ଯେତେ ବାଧା ଆସୁନା କାହିଁକି, ଆମେ ଧୈର୍ଯ୍ୟ ହରାଇ ନଦେଇ ସତ୍ୟ, ନ୍ୟାୟ ଓ ପରିଶ୍ରମର ପଥରେ ଆଗକୁ ବଢ଼ିବା ଉଚିତ ।

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

ଆଜି...

ପାଇବ। ୨୫ ତାରିଖରୁ ପୂର୍ବ କେନ୍ଦ୍ରୀୟ ଏବଂ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ପବନ ଘଣ୍ଟା ପ୍ରତି ୫୦ରୁ ୬୦ କିମି ଓ ଝଟ୍‌କା ପାଖାପାଖି ୭୦ କିମି ରହିବ। ୨୬ ତାରିଖରେ ୭୦ରୁ ୮୦ କିମି ଓ ଝଟ୍‌କା ୯୦ କିମି ବେଗରେ ପବନ ବହିବ। ଏହାପରେ ପବନର ବେଗ ବୃଦ୍ଧି ପାଇବ। ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ସମୁଦ୍ରରେ ପ୍ରବେଶ କରିଥିବା ମତ୍ସ୍ୟଜୀବୀମାନଙ୍କୁ ଫେରିଆସିବାକୁ ଚେତନା ଦିଆଯାଇଥିବା ବେଳେ ୨୫ ସନ୍ଧ୍ୟାରୁ ୨୬ ତାରିଖ ସକାଳୁ ୨୮ ପର୍ଯ୍ୟନ୍ତ କେନ୍ଦ୍ରୀୟ ବଙ୍ଗୋପସାଗରରୁ ପଶ୍ଚିମ କେନ୍ଦ୍ରୀୟ ଏବଂ ପାର୍ଶ୍ୱବର୍ତ୍ତୀ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳକୁ ମତ୍ସ୍ୟଜୀବୀମାନେ ସମୁଦ୍ର ପ୍ରବେଶ ନକରିବାକୁ ପରାମର୍ଶ ଦିଆଯାଇଛି।

ବନ୍ଦରଗୁଡ଼ିକ ପାଇଁ ମଧ୍ୟ ସତର୍କତା ଜାରି କରାଯାଇଛି। ସମ୍ଭାବ୍ୟ ବାତ୍ୟାର ଗତିପଥ ନଜରରେ ରଖିବାକୁ କୁହାଯାଇଥିବାବେଳେ ୨୩ରୁ ୨୯ ତାରିଖ ମଧ୍ୟରେ ପାଣିପାଗ ସମ୍ପୂର୍ଣ୍ଣ ବିଗିଡ଼ିଯିବାର ସମ୍ଭାବନା ଥିବାରୁ ଜାହାଜଗୁଡ଼ିକର ଗତିପଥ ବନ୍ଦ ରଖିବାକୁ କୁହାଯାଇଛି।

୧୯୮୫ରୁ ୨୦୧୨ ମଧ୍ୟରେ ମୌସୁମୀ ପରବର୍ତ୍ତୀ ଋତୁରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟାଗୁଡ଼ିକର ଗତିପଥକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଲାନିନା ବର୍ଷଗୁଡ଼ିକରେ ଅକ୍ଟୋବର ମାସରେ ସୃଷ୍ଟି ବାତ୍ୟା ଓଡ଼ିଶା ଓ ପଶ୍ଚିମବଙ୍ଗ ମୁହାଁ ହୋଇଥାଏ। ସେହିଭଳି ଏଲ୍‌ନିନୋ ବର୍ଷଗୁଡ଼ିକରେ ଏହା ଅକ୍ଟୋବର ମାସରେ ସାଧାରଣତଃ ଆନ୍ଧ୍ର କିମ୍ବା ତାମିଲନାଡୁ ମୁହାଁ ହୋଇଥାଏ। କିନ୍ତୁ ନଭେମ୍ବର ମାସରେ ଲାନିନା ବର୍ଷଗୁଡ଼ିକରେ ଏହା ଉପକୂଳଗୁଡ଼ିକର କୌଣସି ବି ଅଞ୍ଚଳକୁ ମୁହାଁଇଥାଏ। ତେବେ ଡିସେମ୍ବର ମାସରେ କେବେ ବି ଓଡ଼ିଶା ମୁହାଁ ହୁଏନାହିଁ।

ଦ୍ରୁତ ଗତିରେ...

ସ୍ପଷ୍ଟ କରିଛନ୍ତି। ରାଜ୍ୟର ଖଣିଜ ସମ୍ପଦ, ବନ୍ଦର, ଶିଳ୍ପ ଭିତ୍ତିଭୂମି ଏବଂ ନୂତନ ନିବେଶ ସୁଯୋଗଗୁଡ଼ିକୁ କାମରେ ଲଗାଇ ଏହି ରୂପାନ୍ତରଣ କରାଯିବ ବୋଲି ସେ ମତ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ପାରାଦୀପ, ଗୋପାଳପୁର ଏବଂ ଧାମରା ବନ୍ଦର ମାଧ୍ୟମରେ ଓଡ଼ିଶାର ରଣନୈତିକ ସୁବିଧାଗୁଡ଼ିକୁ ଆଲୋକପାତ କରିଥିଲେ, ଯାହାକି ଆଭ୍ୟନ୍ତରୀଣ ଏବଂ ଆନ୍ତର୍ଜାତିକ ବଜାର ସହିତ ସଂଯୋଗ ସ୍ଥାପନ କରିବାରେ ସହାୟକ ହେଉଛି। ସେ ପାରାଦୀପ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ଇନଭେଷ୍ଟମେଣ୍ଟ ରିଜନ, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ଼ର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ଗୁରୁତ୍ୱକୁ କହି ପଲିମର, ପ୍ୟାକେଜିଂ ଏବଂ ଟେକ୍ନିକାଲ୍ ଟେକ୍ସଟାଇଲ୍ସ କ୍ଷେତ୍ରରେ ଡାଉନ୍‌ଷ୍ଟ୍ରିମ୍ ସୁଯୋଗ ସୃଷ୍ଟି କରୁଛି ବୋଲି କହିଥିଲେ।

ଗୋପାଳପୁରରେ ରେଫ୍ରିଜରେଣ୍ଟ୍ସ, ଫ୍ଲୋରୋକେମିକାଲ୍ସ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ତଥା ତାଳଚେର ଏବଂ ଲଖନପୁରରେ କୋଇଲା ଗ୍ୟାସୀକରଣ ଭିତ୍ତିକ ପ୍ରକଳ୍ପଗୁଡ଼ିକରେ ଉତ୍ପନ୍ନ ହେଉଥିବା ନୂତନ ସୁଯୋଗଗୁଡ଼ିକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏହି ବିକାଶଗୁଡ଼ିକ ଆଭ୍ୟନ୍ତରୀଣ ଉତ୍ପାଦନକୁ ଦୃଢ଼ କରିବା ଏବଂ ଭାରତର କେମିକାଲ୍ ଓ ପେଟ୍ରୋକେମିକାଲ୍ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ଭୂମିକାକୁ ସମ୍ପ୍ରସାରିତ କରିବାରେ ସାହାଯ୍ୟ କରିବ ବୋଲି ସେ ମତପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଓଡ଼ିଶାରେ ଅଢ଼େଇ ବର୍ଷରୁ କମ୍ ସମୟ ମଧ୍ୟରେ ପ୍ରାୟ ୨୦୦ଟି ଶିଳ୍ପ ପ୍ରତିଷ୍ଠାନ ସ୍ଥାପିତ ହୋଇଛି, ଯାହାକି ପ୍ରାୟ ୩.୫୨ ଲକ୍ଷ କୋଟି ଟଙ୍କାର ନିବେଶକୁ ପ୍ରତିନିଧିତ୍ୱ କରୁଛି। ରାଜ୍ୟରେ ୨୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ପ୍ରାପ୍ତ ହୋଇଛି, ଯେଉଁଥିରୁ ୧୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକକୁ ହାଇ-ଲେଭେଲ୍ କ୍ଲିୟରାନ୍ସ ଅଥରିଟି ଅନୁମୋଦନ ପ୍ରଦାନ କରିଛନ୍ତି।

ସେ ସେପ୍ଟେମ୍ବର ୨୦୨୬ରେ ୟୁଏଇ ଠାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀକୁ ମଧ୍ୟ ସ୍ମରଣ କରିଥିଲେ, ଯେଉଁଠାରେ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିଲା; ଯେଉଁଥିରେ ଆନ୍ତର୍ଜାତିକ ହୋଲ୍ଡିଂ କମ୍ପାନୀରୁ ପ୍ରାୟ ୨.୧୦ ଲକ୍ଷ କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା। ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରୁ ଅନେକ କେମିକାଲ୍ସ, ପେଟ୍ରୋକେମିକାଲ୍ସ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସହିତ ଜଡ଼ିତ।

ରାଜ୍ୟର ଶିଳ୍ପ-ଅନୁକୂଳ ମନୋଭାବକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉପସ୍ଥାପନ କରି ଶ୍ରୀ ମାଝୀ ଓଡ଼ିଶାର ଶିଳ୍ପ ନୀତି ସହାୟତା, ଭିତ୍ତିଭୂମି, ଦକ୍ଷ ଶ୍ରମଶକ୍ତି ଏବଂ ପ୍ରତିଷ୍ଠାନିକ ଇକୋସିଷ୍ଟମକୁ ପ୍ରଶଂସା କରିଥିଲେ। ଏଥିରେ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି ଏବଂ ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ମାଧ୍ୟମରେ ମିଳୁଥିବା ସହଯୋଗ ମଧ୍ୟ ସାମିଲ ରହିଛି। ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ଉପସ୍ଥିତ ଥିଲେ।

ଦୁର୍ଘଟଣାରେ...

ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶା କ୍ରୀଡ଼ା ଜଗତକୁ ଏହା ଏକ ଅପୂରଣୀୟ କ୍ଷତି ବୋଲି ସେ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ରାତିରେ ଉଭୟ ଏକ ବୁଲେଟ ବାଇକରେ ଭୁବନେଶ୍ୱରରୁ କଟକ ଆସୁଥିଲେ। ଏହି ସମୟରେ ନୂଆଗଡ଼ସ୍ଥିତ ଏକ ଘରୋଇ ଶୋ'ରୁମ ନିକଟରେ ବାଇକଟି ଦ୍ରୁତଗତିରେ ଯାଉଥିବା ବେଳେ ଚାଳକ ଭାରସାମ୍ୟ ହରାଇ ରାସ୍ତାରେ ଥିବା ଡିଭାଇଡର୍ ବା ବ୍ୟାରିକେଡ଼ରେ ପିଟି ହୋଇଯାଇଥିଲେ। ଫଳରେ ବାଇକ ଚାଳକ ରାସ୍ତାରେ ପଡ଼ିଯାଇଥିବା ବେଳେ ଅନ୍ୟ ଜଣକ ପ୍ରାୟ ୫୦ ଫୁଟ ଦୂରକୁ ଛିଟିକି ପଡ଼ିଥିଲେ। ଫଳରେ ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ହେପାଜତକୁ ନେବା ସହ ମୃତକଙ୍କ ପରିବାରକୁ ସୂଚନା ଦେଇଥିବା ଜଣାପଡ଼ିଛି। ଦୁର୍ଘଟଣାର ପ୍ରକୃତ କାରଣ ନେଇ ପୋଲିସ ପକ୍ଷରୁ ତଦନ୍ତ କରାଯାଉଥିବା ଜଣାପଡ଼ିଛି। ଦୁଇ ଜଣ ଯୁବ କ୍ରୀଡ଼ାବିତଏଭଳି ଅକାଳ ବିୟୋଗ କ୍ରୀଡ଼ା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ସେମାନଙ୍କ ମୃତ୍ୟୁ ଖବରରେ କ୍ରୀଡ଼ାପ୍ରେମୀଙ୍କ ସମେତ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

ସୋନିଆଙ୍କ...

ଭାରି ଜିନିଷ ବୋହି ଆଣିଛନ୍ତି।" ଏହାପରେ ତାଙ୍କୁ ପୁସ୍ତକର ପ୍ରଥମ କପି ସହ ଏକ ମିଠା ବାକ୍ସ ଦିଆଯାଇଥିଲା। ୫୪୪ ପୃଷ୍ଠାର ଏହି ପୁସ୍ତକ ଧରି ସୋନିଆ ଫଟୋ ଉଠାଇଥିବା ବେଳେ ଉପସ୍ଥିତ ବ୍ୟକ୍ତିମାନେ ତାଳି ମାରି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୁସ୍ତକଟିକୁ ଓଲଟାଇ ଦେଖିବା ସମୟରେ ସେ ନିଜ ଝିଅ ପ୍ରିୟଙ୍କା ଗାନ୍ଧୀଙ୍କୁ ଦେଖାଇ କହିଥିଲେ, "ଏଥିରେ ବହୁତ ଫଟୋ ଅଛି, ପ୍ରିୟଙ୍କା।" ସୋନିଆ ଗାନ୍ଧୀ ନିଜର ଇନ୍‌ଷ୍ଟାଗ୍ରାମ୍ ଯାତ୍ରା ମଧ୍ୟ ଆରମ୍ଭ କରିଥିବାବେଳେ ଏହି ଅବସରର ଏକ ଭିଡିଓ ସହ ପୋଷ୍ଟ କରି ଲେଖିଛନ୍ତି ଯେ, 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'ର ପ୍ରଥମ ଝଲକ ସମସ୍ତଙ୍କ ସହ ବାଣ୍ଟି ସେ ଆନନ୍ଦିତ। ଏହା ଭଲପାଇବା, କର୍ତ୍ତବ୍ୟ, ବିଚ୍ଛେଦ ଓ ନିଜର ଏକ ସ୍ଥାନ ଖୋଜିବାର କାହାଣୀ। ଏହାକୁ ପାଠକଙ୍କ ସହ ବାଣ୍ଟିବାକୁ ସେ ଅପେକ୍ଷା କରିଛନ୍ତି।

ପୁସ୍ତକର ଭାରତୀୟ ପ୍ରକାଶକ ହାର୍ପରକଲିନ୍ସ ପକ୍ଷରୁ କୁହାଯାଇଛି ଯେ, ଏହା ଭଲପାଇବା, ପରିଚୟ, କର୍ତ୍ତବ୍ୟ ଓ ଆତ୍ମୀୟତାର ଏକ ନାଟକୀୟ ତଥା ଅତ୍ୟନ୍ତ ବ୍ୟକ୍ତିଗତ କାହାଣୀ। ଏଥିରେ ଭାରତର ଯାତ୍ରା ସମ୍ପର୍କରେ ଏକ ବିରଳ ଅନ୍ତରଙ୍ଗ ଦୃଷ୍ଟିକୋଣ ମିଳିବ। ଏହି ଆତ୍ମଜୀବନୀକୁ ପ୍ରଥମେ ପ୍ରକାଶ କରିବାକୁ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ଆଗ୍ରହ ଦେଖାଇଥିଲା। ତେବେ ପାଣ୍ଡୁଲିପିରେ ସୋନିଆ ଗାନ୍ଧୀ ସମ୍ପାଦକୀୟ ପରିବର୍ତ୍ତନ କରିବାକୁ ରାଜି ନ ହେବାରୁ ପ୍ରକାଶନରୁ ଏହି ସଂସ୍ଥା ଓହରିଯାଇଥିବା ନେଇ ଚର୍ଚ୍ଚା ହୋଇଥିଲା। କିନ୍ତୁ ପ୍ରକାଶକ ଏପରି କୌଣସି କାରଣକୁ ଅସ୍ୱୀକାର କରିଥିଲା।

ପୁସ୍ତକର ଆମେରିକୀୟ ପ୍ରକାଶକ ଆଲଫ୍ରେଡ୍ ଏ. ନପ୍‌ଫ୍ ମାଧ୍ୟମରେ ଜାରି ଏକ ବିବୃତିରେ ସୋନିଆ ଗାନ୍ଧୀ କହିଛନ୍ତି ଯେ ତାଙ୍କ ପରିବାର ସମ୍ପର୍କରେ ଅନେକ କିଛି ଲେଖାଯାଇଛି। କିନ୍ତୁ ସେମାନଙ୍କ ଉଦ୍ଦେଶ୍ୟ, କାର୍ଯ୍ୟ ଓ ମାନବୀୟ ଦୁର୍ବଳତାର ପ୍ରକୃତ ଚିତ୍ର ଅନେକ ବର୍ଣ୍ଣନାରେ ପ୍ରତିଫଳିତ ହୋଇନାହିଁ। ତାଙ୍କ କହିବା ଅନୁସାରେ, ଏହି ପୁସ୍ତକ ତାଙ୍କ ପରିବାରର ମାନବୀୟ ଦିଗ ପ୍ରତି ଏକ ଶ୍ରଦ୍ଧାଞ୍ଜଳି।

ସେ ଆହୁରି କହିଛନ୍ତି ଯେ ଏହି ପୁସ୍ତକ ମାଧ୍ୟମରେ ପାଠକମାନେ ଗତ ଛଅ ଦଶନ୍ଧି ଧରି ସେ ଯେଉଁ ସୁନ୍ଦର ଦେଶକୁ ନିଜର ବୋଲି ଗ୍ରହଣ କରିଛନ୍ତି, ସେଠାକାର ସାମାଜିକ ଓ ରାଜନୈତିକ ପରିବର୍ତ୍ତନର ଏକ ସ୍ୱତନ୍ତ୍ର ଦୃଷ୍ଟିକୋଣ ପାଇପାରିବେ।

'ବିଲଙ୍ଗିଂ' ପୁସ୍ତକରେ ସୋନିଆ ଗାନ୍ଧୀ ନିଜ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାର ବର୍ଣ୍ଣନା କରିଛନ୍ତି। ୧୯୮୪ରେ ତାଙ୍କ ଶାଶୂ ତଥା ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଏବଂ ଏହାର ସାତ ବର୍ଷ ପରେ ୧୯୯୧ରେ ସ୍ୱାମୀ ରାଜୀବ ଗାନ୍ଧୀଙ୍କ ହତ୍ୟା କିପରି ତାଙ୍କ ଜୀବନକୁ ବଦଳାଇଦେଇଥିଲା, ସେ ସମ୍ପର୍କରେ ଏଥିରେ ଉଲ୍ଲେଖ ରହିଛି। ପରବର୍ତ୍ତୀ ସମୟରେ ସୋନିଆ ଗାନ୍ଧୀ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ଦୀର୍ଘ ସମୟ ଧରି କଂଗ୍ରେସର ସଭାପତି ରହିଥିଲେ। ତାଙ୍କ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ସେ ଏହାକୁ ଗ୍ରହଣ କରିନଥିଲେ। ୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପିଠାରୁ କଂଗ୍ରେସ କ୍ଷମତା ହରାଇଥିଲା। ନିଜ ବିବୃତିରେ ସୋନିଆ ଗାନ୍ଧୀ କହିଛନ୍ତି, "ହୃଦୟବିଦାରକ ଦୁଃଖ ଓ ପ୍ରିୟଜନଙ୍କୁ ହରାଇବାର ଯନ୍ତ୍ରଣା ହିଁ ମୋତେ ସାଧାରଣ ଜୀବନ ଓ ରାଜନୀତିକୁ ଟାଣି ଆଣିଥିଲା। ଏହା ପୂର୍ବରୁ ମୁଁ ମୋର ବ୍ୟକ୍ତିଗତ ଜୀବନକୁ ଅତ୍ୟନ୍ତ ଯତ୍ନର ସହ ଗୋପନୀୟ ରଖିଥିଲି।"

ଅମିତ ଶାହଙ୍କୁ...

ମିଶନରେ ଅଗ୍ରଗତି ଘଟିଛି। ସେହିଭଳି ସମବାୟ କ୍ଷେତ୍ରରେ ସହକାର ସେ ସମୃଦ୍ଧି ଭିଜନ ପ୍ରତିଫଳନ ହୋଇଛି। ଜାତୀୟ ସୁରକ୍ଷା ପ୍ରତି ଆପଣଙ୍କ ଅବଦାନ ଓ କ୍ରମାଗତ ସମନ୍ୱିତ ବିକାଶ ଜାରି ରହିଥିବାରୁ ବିକଶିତ ଭାରତର ଦୃଢ଼ ମୂଳଦୁଆ ମଜଭୁତ ହୋଇଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅଶୀର୍ବାଦରେ ଆପଣଙ୍କ ଉତ୍ତମ ସ୍ୱାସ୍ଥ୍ୟ, ସୁଖ, ସମୃଦ୍ଧି ବଜାୟ ରହୁ ଓ ଦେଶର ସେବା କରିବା ପାଇଁ ଏକାଗ୍ରଚିତ୍ତରେ ଆପଣଙ୍କୁ ଶକ୍ତି ମିଳୁ, ଆପଣଙ୍କର ଦୀର୍ଘ ଓ ନୀରାମୟ ଜୀବନ କାମନା କରୁଛି।

ରାଜଧାନୀରେ...

ଜାମିନରେ ଆଣି ପୁଣି ସେହି ଲୁଟ୍‌ପାଟ କାମରେ ନିୟୋଜିତ କରାଉଛନ୍ତି। ଲୁଟ୍ ସାମଗ୍ରୀର ମୂଲ୍ୟକୁ ନେଇ ମାସିକିଆ ଟଙ୍କା ସଦସ୍ୟମାନେ ପାଉଥିବା ସୂଚନା ମିଳିଛି। ପୋଲିସ ଅଟକ ରଖିଥିବା ୧୭ଜଣଙ୍କ ଠାରୁ ପୂଜା ସମୟରେ ଲୁଟ୍ ହୋଇଥିବା ଆଉ କେତେକ ସାମଗ୍ରୀ ମିଳିପାରେ ବୋଲି ଖବର ମିଳିଛି।

ପୂଜା ପାଇଁ ଘରେ କେହି ନଥିବା ବେଳେ ସହିଦନଗର ଥାନା ଅଞ୍ଚଳରେ ମଧ୍ୟାହ୍ନ ସମୟରେ ଲୁଟେରା ଘରେ ପଶି ଲୁଟ୍‌ପାଟ କରିଥିବା ଅଭିଯୋଗ ହୋଇଛି। ୪୫ ଗ୍ରାମ୍ ସୁନା ଅଳଙ୍କାର ଓ ୮ ଲକ୍ଷ ଟଙ୍କା ଘରୁ ଲୁଟ୍ ହୋଇଥିବା ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି, ହେଲେ କାହାରିକୁ ଅଟକ ରଖାଯାଇନାହିଁ କିମ୍ବା ଲୁଟ୍‌ପାଟ ସମ୍ପର୍କରେ ତଥ୍ୟ ପୋଲିସ ସଂଗ୍ରହ କରିପାରିନାହିଁ। ଦୁର୍ଗାପୂଜା କାମରେ ବ୍ୟସ୍ତ ଥିବାରୁ ଏହି ଲୁଟ୍ ଉପରେ ଅଧିକ କାମ କରାଯାଇ ପାରୁନଥିବା ଜଣେ ପୋଲିସ ଅଫିସର କହିଛନ୍ତି।

ଆଜି...

ନିର୍ବାଚନ ଘୋଷଣା କରିବା ପରେ ରାଜ୍ୟ ର ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ପତ୍ର ଲେଖି ଉଭୟ ଆନ୍ଧ୍ର ଓ ଓଡିଶାରେ ଡବଲ ଇଞ୍ଜିନ ସରକାର ଥିବା ବେଳେ ଓଡ଼ିଆ ସ୍ୱାଭିମାନ ଉପରେ ଏପରି ଆକ୍ରମଣ ତଥା ଓଡ଼ିଶାର ସ୍ୱାର୍ଥ ରକ୍ଷାରେ ରାଜ୍ୟ ସରକାରଙ୍କ ବିଫଳତାରେ ଉଦବେଗ ପ୍ରକାଶ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଶ୍ରୀ ପଟ୍ଟନାୟକ ଦାବି ଜଣାଇଛନ୍ତି।

ଧରାପୃଷ୍ଠରୁ...

ଆୟୋଜନ କରାଯାଇଥିଲା। ଘଣ୍ଟ, ଶଙ୍ଖ, ଢୋଲ, ମାଦଳ, ସମ୍ବଲପୁରୀ ନୃତ୍ୟ ଏବଂ ଚିତ୍ତାକର୍ଷକ ବାଜା ଆଦିର ତାଳେ ତାଳେ ଶ୍ରଦ୍ଧାଳୁମାନେ ନାଚିଉଠିଥିଲେ। ବାଣର ରୋଷଣୀ ଓ ଚମତ୍କାର ଆଲୋକମାଳାରେ ପୁରପଲ୍ଲୀ ଉଦ୍ଭାସିତ ହୋଇଉଠିଥିଲା। ଏହି ବର୍ଷର ଭସାଣି ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ଜନସମୁଦ୍ର ଦେଖିବାକୁ ମିଳିଥିଲା।

ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀ ଏବଂ ଜଳାଶୟଗୁଡ଼ିକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କୃତ୍ରିମ (ଅସ୍ଥାୟୀ) ବିସର୍ଜନ ପୋଖରୀର ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ସେହି ଜଳାଶୟଗୁଡ଼ିକରେ ବିସର୍ଜିତ କରାଯାଇଛି। ଶାନ୍ତି ଓ ଶୃଙ୍ଖଳାର ସହିତ ଭାସାଣି ଉତ୍ସବ ଶେଷ କରିବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମା'ଙ୍କ ବିଦାୟରେ ପୂଜାମଣ୍ଡପଗୁଡ଼ିକ ଶୂନ୍ୟ ହୋଇପଡ଼ିଥିଲେ ହେଁ, ମା'ଙ୍କ ଆଶୀର୍ବାଦ ସମସ୍ତଙ୍କ ମନରେ ଏକ ନୂତନ ଆଶା ଓ ଆନନ୍ଦ ଭରିଦେଇଛି।

ଜଣେ...

ବାହିନୀ ବିରୋଧରେ ଲଢୁଛି। ସାଉଦି ନେତୃତ୍ୱାଧୀନ ମେଣ୍ଟ ସରକାରୀ ବାହିନୀକୁ ସମର୍ଥନ କରୁଛି। ଜୁଲାଇରେ ଦୀର୍ଘଦିନର ଅସ୍ତ୍ରବିରତି ଭୁଶୁଡ଼ି ପଡ଼ିବା ପରେ ହୁତି ବିଦ୍ରୋହୀମାନେ ସାଉଦି ଆରବର ଜାହାଜ, ଅଞ୍ଚଳ ଓ ତୈଳ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ୍ କରିବା ଆରମ୍ଭ କରିଥିଲେ। ସେପ୍ଟେମ୍ବରରେ ସେମାନେ ଲୋହିତ ସାଗର ଉପକୂଳରେ ଥିବା ସରକାରୀ ନିୟନ୍ତ୍ରଣାଧୀନ ଅଞ୍ଚଳରେ ବଡ଼ ଧରଣର ସାମରିକ ଅଭିଯାନ ଚଳାଇ କିଛି ଅଞ୍ଚଳ ଦଖଲ କରିଥିଲେ। ଏହାର ଜବାବରେ ସାଉଦି ବାୟୁସେନା ହୁତି ନିୟନ୍ତ୍ରଣାଧୀନ ଅଞ୍ଚଳଗୁଡ଼ିକୁ ବାରମ୍ବାର ଟାର୍ଗେଟ୍ କରୁଛି।

ନିଖୋଜ ପ୍ରେମୀ ଯୁଗଳଙ୍କ ଗଳିତ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କୋକସରା,(ସବ୍ୟୁ): ୫ଦିନ ତଳେ ନିଖୋଜ ଥିବା ପ୍ରେମୀ ଯୁଗଳଙ୍କ ମୃତଦେହ କୋକସରା ଥାନା ଅନ୍ତର୍ଗତ ବେହେରା ଗ୍ରାମ ନିକଟସ୍ଥ ଭଣାର ଡଙ୍ଗରି ପାହାଡ଼ ଉପରୁ ଝୁଲନ୍ତା ଅବସ୍ଥାରେ ଠାବ ହୋଇଛି। ଉଭୟଙ୍କ ମୃତ୍ୟୁକୁ ନେଇ ହତ୍ୟା ସନ୍ଦେହ କରାଯାଉଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି।

ସୂଚନା ଅନୁଯାୟୀ, କୋକସରା ଥାନା ଅନ୍ତର୍ଗତ ତେଣ୍ଡାପାଲି ଗ୍ରାମର ପ୍ରହ୍ଲାଦ ନାଏକଙ୍କ ପୁଅ ଅଜିତ କୁମାର ନାଏକ ଏବଂ ଧର୍ମଗଡ଼ ସହରର କେନ୍ଦୁମୁଡ଼ିପଡ଼ାର ପ୍ରିୟଦର୍ଶିନୀ ନାଏକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଉଭୟ ଭିନ୍ନ ଜାତିର ହୋଇଥିବାରୁ ସେମାନଙ୍କ ସମ୍ପର୍କକୁ ନେଇ ପରିବାର ମଧ୍ୟରେ ଅସହମତି ରହିଥିବା ଜଣାପଡ଼ିଛି। ଗତ ୧୭ ତାରିଖ ରାତିରୁ ଉଭୟ ନିଖୋଜ ହୋଇଯାଇଥିଲେ। ଏନେଇ ଉଭୟଙ୍କ ପରିବାର ପକ୍ଷରୁ କୋକସରା ଓ ଧର୍ମଗଡ଼ ଥାନାରେ ପୃଥକ ପୃଥକ ଭାବେ ନିଖୋଜ ଅଭିଯୋଗ କରାଯାଇଥିଲା। ତେବେ ଗୁରୁବାର ସକାଳେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଶୁଖିଲା କାଠ ସଂଗ୍ରହ କରିବାକୁ ଭଣାର ଡଙ୍ଗରୀକୁ ଯାଇଥିବା ବେଳେ ଗଛରେ ଝୁଲୁଥିବା ଦୁଇଟି ମୃତଦେହ ଦେଖିବାକୁ ପାଇଥିଲେ। ଖବର ପ୍ରଚାର ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ମୃତଦେହ ଦୁଇଟି ପଚିଯାଇଥିବା ବେଳେ ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ନିଖୋଜ ଥିବା ଯୁବକ ଯୁବତୀଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିହ୍ନଟ କରିଥିଲେ। ମୃତକଙ୍କ ଶରୀରରେ କ୍ଷତ ଓ ରକ୍ତର ଚିହ୍ନ ଥିବା ଏବଂ ଉଭୟଙ୍କ ହାତ ମିଳିତ ଭାବେ ପଛପଟେ ବନ୍ଧା ହୋଇଥିବା ନେଇ ଦେଖିବାକୁ ମିଳିଥିବାରୁ ଏହା ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ହେଉଛି। ତାହାକୁ ନେଇ ସନ୍ଦେହ ଘନୀଭୂତ ହୋଇଛି। ପ୍ରେମ ସମ୍ପର୍କ, ଭିନ୍ନ ଜାତିର ହୋଇଥିବାରୁ ପରିବାର ମଧ୍ୟରେ ଅସହମତି ଏବଂ ଦୁଇଟି ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିବା ଘଟଣାକୁ ଅଧିକ ରହସ୍ୟମୟ କରିଛି। ଏହାକୁ ନେଇ ଘଟଣାସ୍ଥଳରେ ଉଭୟ ପରିବାର ପକ୍ଷରୁ ଉତ୍ତେଜନା ପ୍ରକାଶ ପାଇଥିଲା।

ଖବର ପାଇ ଧର୍ମଗଡ଼ ଥାନା ଅଧିକାରୀ ସୁଜ୍ଞାନ ବାରିକ, କୋକସରା ଥାନା ଅଧିକାରୀ ଡମ୍ବରୁଧର ଭର୍ତ୍ତିଆ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ଓ ନିରପେକ୍ଷ ତଦନ୍ତ କରିବା ପାଇଁ ପରିବାର ପକ୍ଷରୁ ଚାପ ପରେ ଧର୍ମଗଡ଼ ଏସଡିପିଓ ଭର୍ଷିତା ଆଡେପ୍ପୁ ସମେତ କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା ପହଞ୍ଚି ସାଇଣ୍ଟିଫିକ ଟିମ ସାହାଯ୍ୟରେ ଘଟଣାର ଅଧିକ ତଦନ୍ତ କରିଛନ୍ତି। ପ୍ରେମୀ ଯୁଗଳଙ୍କ ସନ୍ଦେହ ଜନକ ମୃତ୍ୟୁର ପ୍ରକୃତ କାରଣ ଏବଂ ଏହା ପଛରେ କାହାର ସମ୍ପୃକ୍ତି ରହିଛି, ତାହା ପୋଲିସର ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି କଳାହାଣ୍ଡି ଏସପି ଦେବରକୋଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

10001/188/2627 **GOVERNMENT OF ODISHA**
AGRICULTURE DEPARTMENT
OFFICE OF THE EXECUTIVE ENGINEER [Agril.]
SUNDARAGADA DIVISION, SUNDARAGADA
Email: eeasundargarh@gmail.com

Government of Odisha "e" Procurement Notice

Bid Identification No. 04/EE(A) Sng of 2026-27 Dt. 21.10.2026

1. Number of works : 2 [Two] No. of Works
2. Tendered Cost : From Rs 9.43 Lakh to Rs 38.68 Lakh
3. Period of completion : As mentioned in column- 07
4. Date & time of availability of bid document in the portal : Dt. 26.10.2026 at 11.00 AM
5. Last date & time for receipt of bids in the portal : Dt. 03.11.2026 up to 5.00 PM
6. Date & time of receipt of copies of uploaded documents, drafts, etc. in the tender box at the office of the undersigned: From Dt. 26.10.2026 at 11.00 AM to Dt.04.11.2026 at 5.00 PM
7. Date of opening of bid : Dt. 05.11.2026 at 11.30 AM
8. Name & address of the officer Inviting Bid : Executive Engineer [Agril.], Sundaragada Division, Ranibagicha,Sundaragada,Odisha,PIN-770001

Further details can be seen from the e-procurement portal **"http//tendersodisha.gov.in"**

OIPR : 1001/1489/1/26-27/0004

Executive Engineer [Agril]
Sundaragada Division,
Sundaragada

ପୂର୍ବ ତଟ ରେଳପଥ
ଇ-କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/2026/, ତା.15.10.2026 ରିଖ

ଟେଣ୍ଡର ସଂ: **40266357**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ସୁବିଧାଜନକ/କଂପାକ୍ଟ ମୁଭେବଲ୍ ସାଇଲେଣ୍ଟ ଟାଇପ୍ ଇନଭର୍ଟର ଟେକ୍ନୋଲୋଜିର 3 KVA ଡିଜି ସେଟ୍ ଯୋଗାଣ, ଯାହା କେବଳ ପେଟ୍ରୋଲ୍ ଦ୍ୱାରା ଷ୍ଟାର୍ଟ ଏବଂ ଚାଲୁ ହେବା ପ୍ରକାରର, ଓଜନ 66.5 କିଲୋଗ୍ରାମରୁ କମ୍, 230 ଭୋଲ୍ଟ 50 ହର୍ଜ, ଆଉଟପୁଟ୍ ପାଇଁ ସକେଟ୍ 1ଟି, ଫିକ୍ସ ସାଇଡ୍ ହ୍ୟାଣ୍ଡେଲ୍ 2ଟି, ସହଜରେ ନେବା ଆଣିବା କରିବା ପାଇଁ ଚକ ଚକ 4 ଟି, ଅପରେଟିଂ ଚାବି 2ଟି। ଉତ୍ପାଦକ: କ୍ରମ୍ପଟନ୍ (Crompton), ଗ୍ରୀଭ୍ସ (Greaves), କିର୍ଲୋସ୍କର ଗ୍ରୀନ୍ (Kirlosker Green), କେଇସି (KEC), କମିନ୍ସ (Cummins), କ୍ୟାଟରପିଲର, କୋଏଲ୍ (KOEL), ହୋଣ୍ଡା, ଅଶୋକ ଲେଲ୍ୟାଣ୍ଡ, ମହିନ୍ଦ୍ରା, ଟାଟା, ପାଣ୍ଟା ଭୋଲଭୋ (Panta Volvo) କେବଳ। ଗ୍ରହଣଯୋଗ୍ୟ ଉତ୍ପାଦକ: ହୋଣ୍ଡା। ମଡେଲ: ଇୟୁ30ଆଇଏସ୍ (EU30is)

ବନ୍ଦ ହେବା ତାରିଖ ଓ ସମୟ : **02.11.2026, 15.00 ଘଟିକା**

ଇ-ଟେଣ୍ଡରର ଡକୁମେଣ୍ଟ ସମେତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ **www.ireps.gov.in** ରେ ଉପଲବ୍ଧ।

ଇ-ଟେଣ୍ଡରର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ପୂର୍ବରୁ ୱେବସାଇଟରେ ପଞ୍ଜିକୃତ ହୋଇଥିବା ପୂର୍ବ ଅଧିକୃତ ଟେଣ୍ଡରରଙ୍କ ଦ୍ୱାରା DSCର ନିକଟରେ ଦାଖଲ କରାଯାଇ ପାରିବ। ରେଳବାଇ ଦ୍ୱାରା କୌଣସି କାରଣ ନଦର୍ଶାଇ ଟେଣ୍ଡର ବାତିଲ କରିବା କିମ୍ବା ଯେକୌଣସି ବିଚାର ବିନା ବିଧିବଦ୍ଧ ରୂପେ ସମସ୍ତ ଟେଣ୍ଡର ନାକଚ କରାଯାଇ ପାରିବ।

ଟେଣ୍ଡରରମାନେ ଠିକ୍ ଭାବେ EMD ଏବଂ ଟେଣ୍ଡର ଦସ୍ତାବିଜ ମୂଲ୍ୟ ପୈଠ କରି ଇ-ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ।

PR-501/R/26-27 ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ସମ୍ବଲପୁର

AFFIDAVIT

By virtue of an affidavit sworn before Executive Magistrate,Nayagarh Odisha on dated 16.10.2026 Rama Chandra Swain S/o-Bhimasen Swain Resident of At-Asuradhipa P.O- Hariharpur P.S-Sarankul Dist-Nayagarh PIN-752080 declare that I have changed my minor Son's name from Saurav Kumar Swain to Ayushman Swain Henceforth,he shall be known as Ayushman Swain for all purposes.

Sd/- Rama Chandra Swain

AFFIDAVIT

By virtue of an affidavit sworn before Notary Public,Nayagarh Odisha on dated 16.10.2026 I,Lipi Pradhan W/o -Akash Nayak Resident of At-Chhanchunia P.O-Badakambilo P.S- Badamba Dist-Cuttack,PIN-754031 declare that I have changed my name from Lipiu Pradhan to Lipi Pradhan Henceforth, I shall be known as Lipi Pradhan for all purposes.

Sd/- Lipi Pradhan

GOVERNMENT OF INDIA – DEPARTMENT OF SPACE
CONSTRUCTION & MAINTENANCE GROUP, SDSC – SHAR
SRIHARIKOTA – 524124

Brief E-TENDER NOTICE

e-Tender Notice No.CMG/C/CON/268723 **Date: 21/10/2026**

On behalf of President of India, Item Rate tenders are invited through e-tendering for the following work:

Brief Name of work	Est. Value (Rs.)
Construction of Atmospheric & Space Science Research Facility (ASRF) Building at Chandipur, Odisha – (Civil, PH, Electrical & AC works).	**906 Lakhs**

Last date for sale (Tender documents can be downloaded) upto **12/11/2026 14:30 hrs**. For eligibility criteria and other details, interested tenderers may please refer to the detailed bilingual (Hindi-English) Notice Inviting Tenders (NIT) on the website **https://www.isro.gov.in/Tenders.html** and tender free view at **https://www.tenderwizard.com/isro**

Sd/- GROUP HEAD, CMG/ SDSC SHAR

e-mail ID - eephctcii@gmail.com
sephdctc521@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER,
13001/2215/2627 **P. H. DIVISION, KATAKA**

e-procurement Notice for Bid Identification
No. SEPH-DIVISION, KAT- 30 of 2026-27

1.	Name of the work	05 Nos of P.H. work
2.	Estimated cost	Rs. 19.92 Lakh to 54.73 Lakhs
3.	Period of completion	1 Month to 3 Months
4.	Date & time of availability of bid document in the portal	27.10.2026 from 11.00 A.M to 05.11.2026 upto 5.00 P.M
5.	Last date & time of seeking clarification	02.11.2026 upto 5.00 P.M
6.	Last date / time of receipt of bids in the portal	05.11.2026 upto 5.00 P.M
7.	Date & time of opening of bids	06.11.2026 at 11.00 A.M
8.	Name and address of the officer inviting bid	The Superintending Engineer, P.H.Division, Kataka-753004, Odisha. Ph. (0671) 2441063, email:- eephctcii@gmail.com sephdctc521@gmail.com

Further details can be seen from e-procurement portal https:/www.tendersodisha.gov.in

OIPR : 13001/13226/1/26-27/0013

Sd/- Superintending Engineer
P.H. Division, Kataka

GOVERNMENT OF INDIA
MINISTRY OF DEFENCE
EX-SERVICEMEN CONTRIBUTORY HEALTH SCHEME
STATION HQ (ECHS CELL), SAMBALPUR
PHONE: **0663-2412050**, E-Mail: **echs.sambalpur@gmail.com**

EMPLOYMENT NOTICE

1. ECHS invites applications to engage following Officer, Para Medical & Non medical Staff on contractual basis for **ECHS Polyclinic at Sambalpur and Rourkela** for civilian 11 months only and for ESM 12 months renewable for additional period of one year **OR** till attaining the maximum age subject to performance of candidates/ other conditions according to the criteria as mentioned against each

Appointment	Max Age Limit	Minimum Qualification and Experience	No. of Vacancies	Name of Polyclinic	Fixed Remuneration (per Month)
Medical Officer	68 Yrs	MBBS & Minimum 03 years experience after internship preferable addl qualification in Medicine / Surgery	01	Rourkela	Rs.95,000/-
Dental Officer	65 Yrs	BDS & Minimum 03 years work experience	01	Rourkela	Rs.95,000/-
Pharmacist	58 Yrs	B Pharmacy from recognized institute OR 12th from recognized board & Approved diploma in Pharmacy recognized by the Pharmacy Council of India and registered as Pharmacist under the Pharmacy Act 1948 & minimum 03 years work experience.	01	Rourkela	Rs.36,500/-
Laboratory Technician	58 Yrs	BSc (Med Lab Tech) OR 12th with science from recognized board & Diploma in Med Lab Tech from a recognized institute & minimum 03 years work experience in Medical Lab.	01	Rourkela	Rs.36,500/-
Dental Assistant / Technician / Hygienist	58 Yrs	Diploma Holder in Dental Hygienist / Class-1 & Minimum 05 years work experience in Dental Laboratory.	01	Sambalpur	Rs.36,500/-
			01	Rourkela	
Driver	55 Yrs	Class 8 pass & Heavy Driving Licence / Class one MT Driver (Armed Forces) & minimum 05 yrs work experience.	01	Sambalpur	Rs.25,600/-
Chowkidar	55 Yrs	Class 8 / GD Trade (Armed Forces)	01	Sambalpur	Rs.21,800/-
			01	Rourkela	
Female Attendant	55 Yrs	Literate & minimum 05 years experience in Civil / Army Health institutions.	01	Sambalpur	Rs.21,800/-
			01	Rourkela	
Peon	55 Yrs	Education - Class 8 GD trade (Armed Forces) & minimum 05 years work experience	01	Rourkela	Rs.21,800/-
Safaiwala	55 Yrs	Literate & minimum 05 years work experience.	01	Rourkela	Rs.21,800/-

2. **For terms and conditions.** Kindly see our website **www.echs.gov.in**. For further details, contact 0663-2412050 I Email: **echs.sambalpur@gmail.com** & **nitsin.04442@gov.in**. Preference will be given to Ex-Servicemen.
3. **Last date of receipt of applications:** Applications as per requisite format along with self attested photocopies of educational qualifications and work experiences, PAN Card, Aadhar Card, in case of ESM (Discharge book & PPO) will be submitted in **quadruplicate** to Station HQ, VSS Stadium, Motijharan Road, Sambalpur, PIN-768001 by 27 Nov 2026 through **Registered / Speed Post** only. Applications received after 27 Nov 2026 will not be accepted. **Email copies are not acceptable.**
4. **Interview date, time and venue:** The date, time and venue of interview shall be intimated, post shortlisting of eligible candidates over phone and their email. Candidates must bring all the original certificates / mark sheets / Work experience and Discharge Book, PPO, Service Records and 02 x PP Size colour photographs at the time of interview. No TA/ DA is admissible.

Note - Applications without requisite documents is liable to be rejected. Merely sending of applications would not automatically result in its acceptance

Administrative Commandant,
Station HQ Sambalpur

ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି
OFFICE OF THE MUNICIPAL COUNCIL
PARALAKHEMUNDI, GAJAPATI
Phone No.: 06815-222052 e-Mail: parala.mply@gmail.com
Letter No. : 3366 Date : 22.10.2026

13001/2219/2627 **Tender Call Notice**

Sealed Quotations are invited from the interested reputed / Registered Transport agency / Suppliers / Service providers / private individual / firms for "Supply of 03 No's Tractors with Hydraulic Trolley including drivers on hiring basis for sanitation purpose under Paralakhemundi Municipality". The tender paper will be available on payment of Rs.5000/-(Rupees Five Thousand) only (which is non refundable) in shape of Demand Draft in any Nationalized Bank payable at Paralakhemundi in favour of Executive Officer, Paralakhemundi Municipality or payment of cash. The prescribed bid documents & related terms conditions can be downloaded from WWW.gajapati.odishaigov.In or purchased from office from dated 23.10.2026. The Bids with all relevant documents shall reach this office on or before 03.11.2026 by 01.00 PM through Speed Post / Register Post only and will be opened on same day at 04.00 PM in the presence of the bidders or their authorized representatives. The quotations received beyond the scheduled date time as indicated above due to postal delay or for any other reasons shall not be entertained

Eligibility Criteria :

The Quotulloner must produce the following documents for their eligibility as mentioned below.

1. The vehicle shall be in good condition
2. The owner of the vehicle should have valid MV documents such as valid Registration Certificate, Insurance Certificate, fitness Certificate and drivers valid driving license etc.

The authority reserves the right to accept or reject any or all the tenders without assigning any reason thereof.

OIPR : 13001/13145/1/26-27/0007

Executive Officer
Paralakhemundi Municipality

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର


ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮।

ଜିଓ ଆଇପିଓରେ ଦ୍ୱିତୀୟ ଦିନରେ ମଧ୍ୟ ଜବରଦସ୍ତ ଉତ୍ସାହ, ୫.୫୭ ଗୁଣ ସବସ୍କ୍ରାଇବ୍

ଭୁବନେଶ୍ୱର, (ସବ୍ୟୁ) : ଦେଶର ସବୁଠାରୁ ବଡ଼ ଜିଓ ଆଇପିଓରେ ଦ୍ୱିତୀୟ ଦିନରେ ମଧ୍ୟ ଜବରଦସ୍ତ ଉତ୍ସାହ ଦେଖିବାକୁ ମିଳିଛି। ଗୁରୁବାର ସନ୍ଧ୍ୟା ୭ଟା ସୁଦ୍ଧା ଜିଓ ପ୍ଲାଟଫର୍ମସର ୩୦,୨୧୩ କୋଟି ଟଙ୍କାର ଆଇପିଓ ୫.୫୭ ଗୁଣ ସବସ୍କ୍ରାଇବ୍ ହୋଇଛି। ଦୁଇ (କ୍ୟୁଆଇବି) ବର୍ଗ ୧୩.୨୯ ଗୁଣ ସବସ୍କ୍ରାଇବ୍ ହୋଇଥିବାବେଳେ ରିଟେଲ୍ ବର୍ଗ ମଧ୍ୟ ୧.୫୪ ଗୁଣ ପୂରଣ ହୋଇଛି। ଜିଓ ଆଇପିଓର ପ୍ରଥମ ଦିନରେ ମୋଟ ସବସ୍କ୍ରିପ୍ସନ୍ ୩.୧୬ ଗୁଣ ଥିଲା, ଯାହା ଦ୍ୱିତୀୟ ଦିନରେ ବୃଦ୍ଧି ପାଇ ୫.୫୭ ଗୁଣରେ ପହଞ୍ଚିଛି।

- ଦୁଇ ଦିନରେ ୭୫ ଲକ୍ଷରୁ ଅଧିକ ଆବେଦନ, କ୍ୟୁଆଇବି ବର୍ଗ ୧୩.୨୯ ଗୁଣ ସବ୍‌ସ୍କ୍ରାଇବ୍
- ଆଙ୍କର୍ ନିବେଶକଙ୍କ ସମେତ ପ୍ରାୟ ୩.୭୩ ଲକ୍ଷ କୋଟି ଟଙ୍କାର ବିଡ୍, ଅଣ-ଆଙ୍କର୍ ନିବେଶକଙ୍କ ପକ୍ଷରୁ ୧.୨୩ ଲକ୍ଷ କୋଟି ଟଙ୍କାର ବିଡ୍
- ରିଟେଲ୍, କର୍ମଚାରୀ ଓ ସେୟାରଧାରକଙ୍କ ସମେତ ସମସ୍ତ ପ୍ରମୁଖ ବର୍ଗ ପୂର୍ଯ୍ୟନ୍ତ ଆବେଦନ ପାଇଁ ଆଉ ମାତ୍ର ଗୋଟିଏ ଦିନ ବାକି

ଦିନ ମଧ୍ୟରେ ଆବେଦନ ସଂଖ୍ୟା ୭୫ ଲକ୍ଷ ଅତିକ୍ରମ କରିଛି। ବଡ଼ ସଂସ୍ଥାଗତ ନିବେଶକ ଅଣ-ଆଙ୍କର୍ ନିବେଶକଙ୍କ ପାଇଁ ଉପଲବ୍ଧ ୧୯.୭୫ କୋଟି ସେୟାର ତୁଳନାରେ ୧୧୦ କୋଟିରୁ ଅଧିକ ସେୟାର ପାଇଁ ବିଡ୍ ଦାଖଲ ହୋଇଛି। ଏହି ବିଡ୍ ଗୁଡ଼ିକର ମୋଟ ମୂଲ୍ୟ ପ୍ରାୟ ୧.୨୩ ଲକ୍ଷ କୋଟି ଟଙ୍କା ରହିଛି। ଏହା ପୂର୍ବରୁ ଆଙ୍କର୍ ନିବେଶକଙ୍କ ପକ୍ଷରୁ ମଧ୍ୟ ପ୍ରାୟ ୨.୫୦ ଲକ୍ଷ କୋଟି ଟଙ୍କାର ବିଡ୍ ମିଳିଥିଲା। ସେହିପରି ଆଙ୍କର୍ ଓ ଅଣ-ଆଙ୍କର୍ ନିବେଶକଙ୍କ ମୋଟ ବିଡ୍ ର ମୂଲ୍ୟ ପ୍ରାୟ ୩.୭୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।



ଜିଓ ଆଇପିଓରେ ଅଣ-ସଂସ୍ଥାଗତ ନିବେଶକ (ଏନଆଇଆଇ) ବର୍ଗ ୫.୯୭ ଗୁଣ ସବସ୍କ୍ରାଇବ୍ ହୋଇଛି। ରିଲାଏନ୍ସ କର୍ମଚାରୀଙ୍କ ପାଇଁ ସଂରକ୍ଷିତ କୋଟା ୨.୧୦ ଗୁଣ ଏବଂ ସେୟାରଧାରକଙ୍କ କୋଟା ୪.୦୫ ଗୁଣ ପୂରଣ ହୋଇଛି। ଏହା ସହିତ ଆଇପିଓର ସମସ୍ତ ପ୍ରମୁଖ ବର୍ଗରେ ଉପଲବ୍ଧ ସେୟାର ତୁଳନାରେ ଅଧିକ ଚାହିଦା ସୃଷ୍ଟି ହୋଇଛି। ଦ୍ୱିତୀୟ ଦିନରେ ବିଶେଷ କରି ଏନଆଇଆଇ ଏବଂ ରିଲାଏନ୍ସ ସେୟାରଧାରକ ବର୍ଗରେ ଚାହିଦା ଦ୍ରୁତଗତିରେ ବୃଦ୍ଧି ପାଇଛି। ପ୍ରଥମ ଦିନରେ ଏନଆଇଆଇ ବର୍ଗ ୧.୬୮ ଗୁଣ ଏବଂ ସେୟାରଧାରକ କୋଟା ୧.୪୬ ଗୁଣ ସବସ୍କ୍ରାଇବ୍ ହୋଇଥିଲା। ଦ୍ୱିତୀୟ ଦିନରେ ଏହି ସଂଖ୍ୟା ଯଥାକ୍ରମେ ୫.୯୭ ଗୁଣ ଓ ୪.୦୫ ଗୁଣକୁ ବୃଦ୍ଧି ପାଇଛି। ଜିଓ ଆଇପିଓରେ ନିବେଶ ପାଇଁ ଏବେ ଆଉ ମାତ୍ର ଗୋଟିଏ ଦିନ ବାକି ରହିଛି। ଶୁକ୍ରବାର, ୨୩ ଅକ୍ଟୋବର ହେଉଛି ଆବେଦନର ଶେଷ ତାରିଖ। ଆଇପିଓ ଏକାଧିକ ଗୁଣ ସବସ୍କ୍ରାଇବ୍ ହୋଇସାରିଥିଲେ ମଧ୍ୟ ନିବେଶକଙ୍କ ପାଇଁ ଆବେଦନ କରିବାର ସୁଯୋଗ ଏବେ ବି ଖୋଲା ରହିଛି। ଯେଉଁ ଯୋଗ୍ୟ ନିବେଶକମାନେ ଏପର୍ଯ୍ୟନ୍ତ ଆବେଦନ କରିନାହାନ୍ତି, ସେମାନେ ଶୁକ୍ରବାର ସୁଦ୍ଧା ଆବେଦନ କରିପାରିବେ।

ପୂଜା ମଣ୍ଡପରେ ମାଆଙ୍କୁ ଦର୍ଶନ କଲେ ଡ. ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, (ସବ୍ୟୁ) : ବେଶ୍ ଧୁମ୍‌ଧାମରେ ପାଳିତ ହୋଇଛି ମାଆ ଜଗତ୍‌ଜନନୀ ଦୁର୍ଗାଙ୍କ ପର୍ବ ଦଶହରା। ଶାରଦୀୟ ଦୁର୍ଗାପୂଜା ଉତ୍ସବ ପାଳିତ ହୋଇଥିବା ବେଳେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ତଥା ହାଇ-ଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର. ତିରୁପତି ପାଣିଗ୍ରାହୀ ସହରର ବିଭିନ୍ନ ପ୍ରମୁଖ ପୂଜା ମଣ୍ଡପରେ ମାଆ ଦୁର୍ଗାଙ୍କୁ ଦର୍ଶନ କରିଛନ୍ତି। ଡ.ପାଣିଗ୍ରାହୀ ରାଜଧାନୀର ପାଣ୍ଡରା, ଝାରପଡ଼ା, ସହିଦନଗର, ପଲାଶୁଣୀ, ରସୁଲଗଡ଼ ଓ କଞ୍ଚିଲୋ ଆଦି ପ୍ରମୁଖ ପୂଜା ପେଣ୍ଡାଲରେ ପହଞ୍ଚି ଜଗତଜନନୀ ମା'



ଦୁର୍ଗାଙ୍କ ପୂଜାରେ ସାମିଲ ହେବା ସହ ସମସ୍ତଙ୍କ ସୁଖଶାନ୍ତି ଉନ୍ନତି କାମନା କରିଥିଲେ ଏବଂ ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ସମ୍ପୃକ୍ତ ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ତଥା ମା'ଙ୍କ ସ୍ମାରକୀ ଫଟୋଚିତ୍ର ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ମା'ଙ୍କ ଚରଣରେ ପୂଜାର୍ଚ୍ଚନା କରିବା ପରେ ଡ. ପାଣିଗ୍ରାହୀ କହିଛନ୍ତି ଯେ. ମାଆ ସମସ୍ତଙ୍କୁ ସୁଖ, ଶାନ୍ତି, ସମୃଦ୍ଧି ତଥା ନିରାମୟ ଜୀବନଯାପନ କରିବାରେ ସହାୟକ ହୁଅନ୍ତୁ, ପବିତ୍ର ଦୁର୍ଗାପୂଜା ହେଉଛି ଭାଇଚାରା, ସୌହାର୍ଦ୍ଦ୍ୟ ଓ ଆଧ୍ୟାତ୍ମିକତାର ମହାପର୍ବ। ଏହି ପବିତ୍ର ଉତ୍ସବ ସମସ୍ତଙ୍କ ଜୀବନରେ ଆନନ୍ଦ ଓ ଉନ୍ନତି ଭରିଦେଉ ଏହା ମାଆଙ୍କଠ ନିକଟରେ ମାଗୁଣି। ଚଳିତବର୍ଷ ସାରା ରାଜ୍ୟରେ ଶାନ୍ତିପୂର୍ଣ୍ଣ ଭାବରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିବାରୁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ସେବା ଦିବସ' ପାଳିତ

ଭୁବନେଶ୍ୱର, (ସବ୍ୟୁ) : ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ଜନ୍ମଦିନ ଅବସରରେ ଫାଉଣ୍ଡେସନ ପକ୍ଷରୁ 'ସେବା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାମାଜିକ ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବୃଦ୍ଧାଶ୍ରମରେ ବରିଷ୍ଠ ନାଗରିକମାନେ ଭଜନ ଗାନ କରିବା ସହ ଅଧ୍ୟକ୍ଷାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସେହିପରି, ଶିଶୁ ଯତ୍ନ ଅନୁଷ୍ଠାନର ପିଲାମାନେ ଝୋଟି ପକାଇବା, ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବା ସହ ଅଧ୍ୟକ୍ଷାଙ୍କ ସୁସ୍ଥତା ଓ ଦୀର୍ଘାୟୁ କାମନା କରି ପ୍ରାର୍ଥନା କରିଥିଲେ। ସ୍ୱାସ୍ଥ୍ୟ ଓ କଲ୍ୟାଣମୂଳକ ପଦକ୍ଷେପ ଅନ୍ତର୍ଗତ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ଆୟୁର୍ବେଦ ଓ ବାର୍ଦ୍ଧକ୍ୟଜନିତ ସ୍ୱାସ୍ଥ୍ୟ ଶିବିର, ଫିଜିଓଥେରାପି ସେବା ଏବଂ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଯାଇଥିଲା। ଏଥିସହ ଶୁଖିଲା ରାସନ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। କିଶୋରୀମାନଙ୍କ



ପାଇଁ ଋତୁସ୍ରାବ ସମୟର ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ଅଧିବେଶନ ଆୟୋଜନ କରାଯିବା ସହ ସାନିଟାରି ନାପକିନ୍ ବଣ୍ଟନ କରାଯାଇଥିଲା। ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ମଧ୍ୟାହ୍ନ ଭୋଜନ ଏବଂ ଗରମ ରନ୍ଧା ଖାଦ୍ୟର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ୮୫ ଜଣ ଖେଳାଳିଙ୍କୁ କ୍ରୀଡ଼ା ସାମଗ୍ରୀ ଓ ଜର୍ସି ବଣ୍ଟନ କରାଯାଇଥିଲା। ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନେ ଯୁବ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସହ ଅଧ୍ୟକ୍ଷାଙ୍କ ଶୁଭେଚ୍ଛା ଜଣାଇଥିଲେ।

ଭିଏଏମ୍‌ଏଲ୍ ମା' ଦୁର୍ଗାଙ୍କ ଆରାଧନା ସହିତ ଶକ୍ତି ଓ ଏକତାର ଉତ୍ସବକୁ ପାଳନ କରିଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ବିଏଏଲସିଓ, ଝାରସୁଗୁଡ଼ା, ଲାଞ୍ଜିଗଡ଼ ଓ ଖଣି କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ସାଂସ୍କୃତିକ ତଥା ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ନବରାତ୍ରି ଓ ଦୁର୍ଗାପୂଜା ପାଳନ କରାଯାଇଛି। ପରମ୍ପରା ଓ ସାମାଜିକ ଏକତାକୁ ଯୋଡ଼ିବାରେ ପର୍ବପର୍ବାଣିର ଗୁରୁତ୍ୱକୁ ଆଧାର କରି ଆୟୋଜିତ ଏହି ଉତ୍ସବରେ କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଓ ସ୍ଥାନୀୟ ସମୁଦାୟ ଏକାଠି ହୋଇଥିଲେ। ଧାର୍ମିକ ରୀତିନୀତି, ସାଂସ୍କୃତିକ ପରିବେଷଣ ଓ ଉତ୍ସବମୁଖର ସମାବେଶ ମାଧ୍ୟମରେ ଭାରତୀୟ ପରମ୍ପରାର ସମୃଦ୍ଧିକୁ ପ୍ରତିଫଳିତ କରିବା ସହ ପାରସ୍ପରିକ ସମ୍ପର୍କକୁ ଅଧିକ ସୁଦୃଢ଼ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, "ନବରାତ୍ରି ଓ



ଦଶହରା ଅବସରରେ ଭିଏଏମ୍‌ଏଲ୍ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଦେଖାଦେଇଥିବା ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଆନନ୍ଦଦାୟକ ଥିଲା। ଏହି ଉତ୍ସବଗୁଡ଼ିକର ବିଶେଷତ୍ୱ ହେଉଛି, ଏହା କର୍ମଚାରୀ, ପରିବାରବର୍ଗ ଓ ସ୍ଥାନୀୟ ସମୁଦାୟକୁ ଏକାଠି କରି ଆମର ସମସ୍ତ କାର୍ଯ୍ୟକ୍ଷେତ୍ରରେ ଆନନ୍ଦ, ଆତ୍ମୀୟତା ଓ ସହଭାଗିତାର ମୁହୂର୍ତ୍ତ ସୃଷ୍ଟି କରିଛି।" ବେଦାନ୍ତ ଆଲୁମିନିୟମର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ପାରମ୍ପରିକ ରୀତିନୀତି ସହ ସାମୂହିକ ସହଭାଗିତାର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଥିଲା। ବିଏଏଲସିଓରେ ନବରାତ୍ରି ଅବସରରେ ବାଲକୋନଗର ଉତ୍ସବମୁଖର ହୋଇଉଠିଥିଲା। କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦାମାନେ ଗର୍ବା ନୃତ୍ୟ, ସର୍ବସାଧାରଣ ଦୁର୍ଗାପୂଜା ମଣ୍ଡପ ଏବଂ ପର୍ବର ଭାବଧାରାକୁ ପ୍ରଦର୍ଶିତ କରୁଥିବା ଫଟୋ ପ୍ରଦର୍ଶନୀରେ ସାମିଲ ହୋଇଥିଲେ। ଏହି ଆୟୋଜନ ସମଗ୍ର ଟାଉନସିପ୍ ଓ ନିକଟବର୍ତ୍ତୀ ଅଂଚଳର ଲୋକଙ୍କ ମଧ୍ୟରେ ଉତ୍ସବର ଆନନ୍ଦ ଓ ସାଂସ୍କୃତିକ ଗର୍ବର ଭାବନାକୁ ଆହୁରି ବଢ଼ାଇଥିଲା। ଝାରସୁଗୁଡ଼ାରେ ମଧ୍ୟ ଧାର୍ମିକ ଆସ୍ଥା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସମାହାରରେ ଦୁର୍ଗାପୂଜା ପାଳିତ ହୋଇଥିଲା। ମହାସପ୍ତମୀ, ମହାଷ୍ଟମୀ, ପୁଷ୍ପାଞ୍ଜଳି ଓ ସନ୍ଧ୍ୟା ଆଳତି ଭଳି ପାରମ୍ପରିକ ଧାର୍ମିକ କାର୍ଯ୍ୟକ୍ରମ ଉତ୍ସବର ଆଧ୍ୟାତ୍ମିକ ମହତ୍ତ୍ୱକୁ ପ୍ରତିପାଦିତ କରିଥିଲା। ଅନ୍ୟପକ୍ଷରେ ଡାଣ୍ଡିଆ, ସଙ୍ଗୀତ ପରିବେଷଣ, ନୃତ୍ୟ କାର୍ଯ୍ୟକ୍ରମ ଓ ମା'ଙ୍କ ଜାଗରଣ ଉତ୍ସବରେ ଉତ୍ସାହ ଓ ଉଲ୍ଲାସ ଭରିଦେଇଥିଲା। ବିଜୟାଦଶମୀ ଅବସରରେ ରାମଲୀଳା ଓ ରାବଣପୋଡ଼ି କାର୍ଯ୍ୟକ୍ରମ ସହ ଉତ୍ସବର ସମାପନ ହୋଇଥିଲା। ଏହା ଅସତ୍ୟ ଉପରେ ସତ୍ୟ ଓ ଅଧର୍ମ ଉପରେ ଧର୍ମର ବିଜୟର ବାର୍ତ୍ତା ପ୍ରଦାନ କରିଥିଲା। ଲାଞ୍ଜିଗଡ଼ରେ ଏହି ଉତ୍ସବ ଆସ୍ଥା, କାରିଗରୀ ଓ ପରିବେଶ ସଂରକ୍ଷଣ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରିଥିଲା।

ମନ୍ଦିରରେ ଦଳିତଙ୍କ ପ୍ରବେଶର ଶତାବ୍ଦୀ ପୂର୍ତ୍ତି

ସାମାଜିକ ଇତିହାସରେ ଗାନ୍ଧୀଜୀଙ୍କ ନେତୃତ୍ୱ ଓ ମୁରୁଗାନଙ୍କ ଭୂମିକା ପ୍ରଶଂସନୀୟ

ଭୁବନେଶ୍ୱର,(ସବ୍ୟୁ) : ଦଳିତ ମନ୍ଦିର ପ୍ରବେଶର ଶତାବ୍ଦୀ ପୂର୍ତ୍ତି ଉପଲକ୍ଷେ ଦେଶବ୍ୟାପୀ ଏକ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ, ଯାହା ଅକ୍ଟୋବର ୨୦୨୭ରେ ତିରୁପତିଠାରେ ଏକ ବୃହତ ଜନସଭା ସହିତ ସମାପ୍ତ ହେବ ବୋଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଚିନ୍ତା ମୋହନ ଗୁରୁବାର ଏହା କହିଛନ୍ତି । ଭୁବନେଶ୍ୱରସ୍ଥିତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଚିନ୍ତା ମୋହନ କହିଛନ୍ତି ଯେ ଏହି ପାଳନ ୧୩ ଅକେଫାବର ୨୦୨୬ ଆଖପାଖରୁ ଆରମ୍ଭ ହୋଇ ୧୩ ଅକେଫାବର ୨୦୨୭ ପର୍ଯ୍ୟନ୍ତ ଚାଲିବ । ପ୍ରାୟ ଶହେ ବର୍ଷ ପୂର୍ବରୁ ତିରୁପତି ନିକଟସ୍ଥ ତିରୁଚାନୁର ମନ୍ଦିରରେ ମୁରୁଗାନ ନାମକ ଜଣେ ଦଳିତ ବ୍ୟକ୍ତିଙ୍କ ସହ ଜଡ଼ିତ ଏକ ଘଟଣାକୁ ମନେ ପକାଇ ଚିନ୍ତା ମୋହନ ଦଳିତ ମନ୍ଦିର ପ୍ରବେଶ ଅଭିଯାନର ଶ୍ରେୟ ମହାତ୍ମା ଗାନ୍ଧୀ ଏବଂ କଂଗ୍ରେସକୁ ଦେଇଛନ୍ତି । ତାଙ୍କ କହିବା ଅନୁସାରେ, ପଞ୍ଚମ ସମ୍ପ୍ରଦାୟର ବୋଲି କୁହାଯାଉଥିବା ମୁରୁଗାନ ମନ୍ଦିରରେ ପ୍ରବେଶ କରି କର୍ପୂର ଆରତୀ ଅର୍ପଣ କରିଥିଲେ । ପରବର୍ତ୍ତୀ ସମୟରେ ପୋଲିସ ଧାରା ୨୯୫ ଅଧୀନରେ



ଏକ ମାମଲା ରୁଜୁ କରି ତାଙ୍କୁ ତିରୁପତି ଜେଲରେ ରଖିଥିଲା । ଚିନ୍ତା ମୋହନ କହିଛନ୍ତି ଯେ ପରେ ସି. ରାଜଗୋପାଳା ଚାରୀ ତିରୁପତି ଆସି କୋର୍ଟରେ ଏହି ମାମଲା ଲଢ଼ିଥିଲେ । ଯାହା ମୁରୁଗାନଙ୍କୁ ଦଣ୍ଡରୁ ବଞ୍ଚାଇବାରେ ସାହାଯ୍ୟ କରିଥିଲା । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଘଟଣା, ପୋଲିସର କାର୍ଯ୍ୟାନୁଷ୍ଠାନ ଏବଂ କ୍ରମାଗତ ଅସ୍ପୃଶ୍ୟତା ପ୍ରଥା ଉପରେ ଆଲୋକପାତ କରି ଗାନ୍ଧୀଜୀଙ୍କୁ ଏକ ଚାରି ପୃଷ୍ଠାର ଚିଠି ଲେଖାଯାଇଥିଲା । ଏହି ବରିଷ୍ଠ କଂଗ୍ରେସ ନେତା ଦାବି କରିଛନ୍ତି ଯେ ଏହା ପରେ ଗାନ୍ଧୀଜୀ ତିରୁପତିରେ ଏକ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ ଏବଂ ୧୩ ଅକେଫାବର ୧୯୨୫ରେ ୩୩ ଜଣ ଦଳିତଙ୍କ ପାଇଁ ମନ୍ଦିର ପ୍ରବେଶ ସୁଗମ କରିଥିଲେ । ସେ କହିଛନ୍ତି ଯେ ଭାରତର ସାମାଜିକ ଇତିହାସରେ ଏହି ଘଟଣାକୁ ଅଧିକ ସ୍ୱୀକୃତି ମିଳିବା ଉଚିତ ଏବଂ ମୁରୁଗାନଙ୍କ ଭୂମିକାକୁ ଭୁଲିଯିବା ଉଚିତ ନୁହେଁ ।

ଚିନ୍ତା ମୋହନ ଏହା ମଧ୍ୟ ଯୁକ୍ତି ବାଢ଼ିଛନ୍ତି ଯେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁମାନେ ଏପର୍ଯ୍ୟନ୍ତ ପୂର୍ଣ୍ଣ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସ୍ୱାଧୀନତା ପାଇନାହାନ୍ତି । ବିଜେପି ନେତୃତ୍ୱାଧୀନ ସରକାର ଦଳିତମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରି ସେ କହିଛନ୍ତି ଯେ ପ୍ରତିବର୍ଷ ଅକେଫାବର ୧୩ କୁ 'ଦଳିତ ଅଧିକାର ଦିବସ' ଭାବେ ପାଳନ କରାଯିବ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ, ସଂଗଠନ ଉପସଭାପତି ସନ୍ତୋଷ ସିଂହ ସାଲୁଜା, କଂଗ୍ରେସ ଦଳର ଉପସଭାପତି ସୁସ୍ମିତା ବେହେରା, ଏସସି ବିଭାଗ ଅଧ୍ୟକ୍ଷ ମାନସ ମଲ୍ଲିକ ଏବଂ ସାଧାରଣ ସମ୍ପାଦକ ବାଙ୍କନିଧି ବେହେରା ଉପସ୍ଥିତ ଥିଲେ ।

ନାଲ୍‌କୋ ପକ୍ଷରୁ ଭୁବନେଶ୍ୱରରେ ମୁଖ୍ୟ ସତର୍କତା ଅଧିକାରୀଙ୍କ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ) : ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକତାଭିତ୍ତିକ ପ୍ରଶାସନକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନବରତ୍ନ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ତଥା ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନି ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ମୁଖ୍ୟ ସତର୍କତା ଅଧିକାରୀ (ସିଭିଓଙ୍କ ଏକ ବୈଠକ ଆୟୋଜିତ ହୋଇଯାଇଛି। କେନ୍ଦ୍ରୀୟ ସତର୍କତା ଆୟୋଗଙ୍କ ପକ୍ଷରୁ ଚାଲିଥିବା ତିନିମାସିଆ ସଚେତନତାମୂଳକ ସତର୍କତା ଅଭିଯାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହି ବୈଠକକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଅଧିବେଶନରେ ନାଲ୍‌କୋର ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ଏବଂ ନାଲ୍‌କୋର ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବଜ୍ୟୋତି ନାଥ, ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ସଚ୍ଚୋଟତାର ପ୍ରସାରରେ ସତର୍କତା ବ୍ୟବସ୍ଥାର ଗୁରୁତ୍ୱ ଉପରେ ନିଜ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରତିଷେଧମୂଳକ ସତର୍କତାର ବିଭିନ୍ନ



ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ବୈଷୟିକ ଅଧିବେଶନ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ସତର୍କତା ଅନୁମୋଦନ (ଭିଜିଲାନ୍ସ କ୍ଲିୟରାନ୍ସ), ସମ୍ବେଦନଶୀଳ ପଦବି ଚିହ୍ନଟ, ଅଭିଯୋଗ ପରିଚାଳନା ନୀତି ଏବଂ ସତର୍କତାର ପରିସର ଓ ସୀମା ଭଳି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଗେଲ୍, ଭେଲ୍, ଏମ୍‌ସିଏଲ୍, ବେଲ୍, ଏଚ୍‌ସିଏଲ୍ ଓ ଏସ୍‌ଇସିଏଲ୍ ଭଳି ପ୍ରମୁଖ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗର ମୁଖ୍ୟ ସତର୍କତା ଅଧିକାରୀ, ବିଭିନ୍ନ ସରକାରୀ ସଂଗଠନର ପ୍ରତିନିଧି, ନାଲ୍‌କୋର ବରିଷ୍ଠ ଅଧିକାରୀ ଓ ବିଭିନ୍ନ କ୍ଷେତ୍ରର ସତର୍କତା ଅଧିକାରୀମାନେ ଯୋଗ ଦେଇଥିଲେ। ବିଶେଷଜ୍ଞ ବକ୍ତାମାନେ କହିଥିଲେ ଯେ, ଜନସାଧାରଣଙ୍କ ଆସ୍ଥା ବୃଦ୍ଧି କରିବା ସହ ଅନୁଷ୍ଠାନର ବିଶ୍ୱସନୀୟତାକୁ ମଜଭୁତ କରିବା ପାଇଁ ଏକ ସୁଦୃଢ଼ ସତର୍କତା ସଂସ୍କୃତି ଅତ୍ୟନ୍ତ ଆବଶ୍ୟକ। ଏହି ବୈଠକରେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ, କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି)ର ଅଧିକାରୀଙ୍କ ସମେତ ଗେଲ୍, ଭେଲ୍, ଏମ୍‌ସିଏଲ୍ ... ଓ ଅଧିକାରୀମାନେ ଏହି ଅବସରରେ ସତର୍କତା କ୍ଷେତ୍ରରେ ଦେଖାଦେଉଥିବା ନୂତନ ଆହ୍ୱାନ, ବୃତ୍ତିଗତ ଅଭିଜ୍ଞତା ଏବଂ ବିଭିନ୍ନ ସଂଗଠନ ଦ୍ୱାରା ଅନୁସୃତ ଉତ୍ତମ ପଦ୍ଧତି ସମ୍ପର୍କରେ ମତ ବିନିମୟ କରିଥିଲେ। ସତର୍କତା ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ଏବଂ କାର୍ଯ୍ୟକ୍ଷେତ୍ରରେ ନୈତିକ ଆଚରଣର ପରିବେଶ ସୃଷ୍ଟି କରିବା ଉପରେ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ କ୍ଷେତ୍ରର ସରକାରୀ ଉଦ୍ୟୋଗ ଓ ସରକାରୀ ସଂଗଠନର ସତର୍କତା ବିଶେଷଜ୍ଞମାନଙ୍କୁ ଏକ ମଞ୍ଚରେ ଏକତ୍ରିତ କରିଥିବା ଏହି ବୈଠକ ପାରସ୍ପରିକ ଶିକ୍ଷା, ଜ୍ଞାନ ବିନିମୟ ଓ ଅନୁଷ୍ଠାନଗତ ଅଭିଜ୍ଞତା ଆଦାନପ୍ରଦାନର ସୁଯୋଗ ସୃଷ୍ଟି କରିଥିଲା। ସରକାରୀ ସେବାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ପ୍ରଶାସନର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହ ବର୍ତ୍ତମାନର ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପ୍ରତିଷେଧମୂଳକ ସତର୍କତା ପଦକ୍ଷେପକୁ ଅଧିକ ଫଳପ୍ରଦ କରିବା ପାଇଁ ଏହି ଅବସରରେ ସମସ୍ତେ ମିଳିତ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

ରଚନାତ୍ମକ ଆଲୋଚନା ଓ ସଂଘର୍ଷ ହିଁ ସମୟର ଆବଶ୍ୟକତା : ସନ୍ଦୀପ ଦୀକ୍ଷିତ

ଭୁବନେଶ୍ୱର,(ସବ୍ୟୁ): ଦେଶର ସାମ୍ପ୍ରତିକ ଘଡ଼ିସନ୍ଧି ମୁହୂର୍ତ୍ତରେ, ରଚନାତ୍ମକ ଆଲୋଚନା ଓ ସଂଘର୍ଷ ହିଁ ଏକମାତ୍ର ବିକଳ୍ପ ଏବଂ ଏହାରି ମାଧ୍ୟମରେ ରାଜନୈତିକ ଦଳରୁ ବାହାରେ ଥିବା ଦେଶର ଅସଂଖ୍ୟ ଜନତାଙ୍କୁ ଏକାଠି କରିବା ସମ୍ଭବପର ଓ ସମ୍ବିଧାନ ଗଣତନ୍ତ୍ରର ସୁରକ୍ଷା ସମ୍ଭବ ବୋଲି ପ୍ରାକ୍ତନ ଏମ ପି ସନ୍ଦୀପ ଦୀକ୍ଷିତ ପ୍ରକାଶ କରିଛନ୍ତି । ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର ଲୋହିଆ ଏକାଡେମୀରେ ଦେବୀ ପ୍ରସାଦ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରଚନାତ୍ମକ ଚିନ୍ତନ ବୈଠକରେ କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଭାରତବର୍ଷ ଆଜି ବେକାରୀ ଦାରିଦ୍ର୍ୟ କୁଶିକ୍ଷାରେ ଜର୍ଜରିତ ହେଇଥିବା ବେଳେ, ଜନତାଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ଧାର୍ମିକ ଉନ୍ମାଦନା ସୃଷ୍ଟି ହୋଇଛି ବୋଲି କହିଥିଲେ । ବିଜେପି ଓ ପ୍ରଧାନମନ୍ତ୍ରୀଙ୍କ ନାମ ନନେଇ ଶାସକ ଦଳପତି ଭୋଟ ଚୋରୀ ମାଧ୍ୟମରେ କ୍ଷମତାକୁ ଜାବୁଡ଼ି ରଖିବାକୁ ଭୟାନକ ଷଡ଼ଯନ୍ତ୍ର କରିବା ଦେଶପାଇଁ ବିରାଟ ବିପଦ ବୋଲି କହିଥିଲେ । ଗାନ୍ଧୀ ଆମ୍ବେଦକରଙ୍କ ପ୍ରଦର୍ଶିତ ରାସ୍ତା ହିଁ ସୃଜନଶୀଳ ରାସ୍ତା ବୋଲି କହିଥିଲେ । ରାହୁଲ ଗାନ୍ଧୀ ବିଭାଜନ ବିଦ୍ୱେଷ ଘୃଣା ରାଜନୀତି ବିରୁଦ୍ଧରେ ପ୍ରେମ ଭାଇଚାରା ସଂପ୍ରୀତିର ରାଜନୀତି କରିବା ସ୍ୱାଗତଯୋଗ୍ୟ । ଏହା ଭାରତ ଯୋଡ଼ରୁ ପ୍ରମାଣିତ । ଆଜି ଓଡ଼ିଶାବାସୀ ରଚନାତ୍ମକ ଆଲୋଚନା ମାଧ୍ୟମରେ ଭବିଷ୍ୟତ ସଂଗ୍ରାମ ପାଇଁ ପ୍ରସ୍ତୁତ ହେବାକୁ ନିବେଦନ କରିଥିଲେ । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଅର୍ଥ ପ୍ରାବଲ୍ୟ ରାଜନୀତି, ଭୋଟ ଚୋରୀକୁ ପରାସ୍ତ କରିବାକୁ ହେଲେ ଜନତାର ସହଯୋଗ ଏକମାତ୍ର ବଳ ବୋଲି କହିଥିଲେ । ଆଜି ରାଜ୍ୟରେ ରଚନାତ୍ମକ ବିପ୍ଳବର ମୂଳଦୁଆ ପଡ଼ିଲା ଓ ସାରା ଓଡ଼ିଶାରେ ଆସନ୍ତା ଦିନରେ ଲୋକ ସମ୍ପର୍କ ସମନ୍ୱୟ ଆଲୋଚନା ମାଧ୍ୟମରେ ବ୍ୟାପକ ଜନ ଆନ୍ଦୋଳନ ସଙ୍ଗଠିତ ହେବ ବୋଲି କହିଥିଲେ । ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ନିଃସ୍ୱାର୍ଥପର ଭାବରେ ରଚନାତ୍ମକ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ । ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଭୋଟ ଚୋରୀ ବିରୁଦ୍ଧରେ ଜନମତକୁ ଜାଗ୍ରତ କରି ବିରାଟ ଆନ୍ଦୋଳନ ଗଢ଼ିତୋଳିବା ଦେଶପାଇଁ



ସବୁଠୁ ବଡ ରଚନାତ୍ମକ ଦେଶପ୍ରେମୀ କାର୍ଯ୍ୟ ବୋଲି ପ୍ରକାଶ କରିଥିଲେ । ଶିକ୍ଷାବିତ ବୁଦ୍ଧିଜୀବୀ ବିଶେଷଜ୍ଞ ପ୍ରଶାସକ ଅରବିନ୍ଦ ବେହେରା,ଅନୀଲ ଧୀର, ବିଧାୟକ ଡା.ରାଜନ ଏକ୍କା, ପରିବେଶବିତ୍ ସୁଦର୍ଶନ ଦାସ,ସୁଧାଂଶୁ ଦେଓ, କପିଳେଶ୍ୱର ମିଶ୍ର, ନଳିନୀ ରଞ୍ଜନ ମହାନ୍ତି, ସନ୍ଦୀପ ପଟ୍ଟନାୟକ, ଶ୍ରୀଚରଣ ବେହେରା ପଲ୍ଲବୀ ମିଶ୍ର , ସରିତା ବଡ଼ପଣ୍ଡା, ସରୋଜ ସତପଥୀ, ଡ.ପଞ୍ଚାନନ କାନୁନଗୋ, କେଦାର ମିଶ୍ର, ଦେବପ୍ରସାଦ ରାୟ ମହାପାତ୍ର, କସ୍ତୁରୀ ଖଟେଇ, ତୁଷାର ରାୟ, ପ୍ରତାପ ରଥ, ପୂର୍ଣ୍ଣେନ୍ଦୁ ମିଶ୍ର, କର୍ମା ଲାକ୍ରା, ରଜନୀ ମହାନ୍ତି ପ୍ରମୁଖ ଆଦିବାସୀ ଅତ୍ୟାଚାର ଶୋଷଣ, ପ୍ରାକୃତିକ ସଂପଦ ଲୁଟ ସହିତ ଭୋଟ ଚୋରୀ ପ୍ରସଙ୍ଗ ଉପସ୍ଥାପନ କରିଥିଲେ ।

ବ୍ରାଉନସୁଗର ବେପାରୀ ଗିରଫ

କଟକ,(ସବ୍ୟୁ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଜଣେ ନିଶା ବେପାରୀକୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ସାଲେପୁର ଥାନା ଅନ୍ତର୍ଗତ ତିଲଡା ଗ୍ରାମର ଖାଲିଦ ଅଲ୍ଲୀ(୪୬) । ତାଠ ପାଖରୁ ୧୯୮ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି । ଗୁରୁବାର ପୂର୍ବାହ୍ନରେ ଅଭିଯୁକ୍ତ ଖାଲିଦ ନିଶାଦ୍ରବ୍ୟ ଧରି ଜଗତପୁର ଆସିଥିଲା । ସ୍ଥାନୀୟ ବହୁଗ୍ରାମ ଛକରେ ସେ ଜଣେ ଗ୍ରାହକକୁ ଅପେକ୍ଷା କରିଥିଲା । ତାର ସନ୍ଦିଗ୍ଧ ଗତିବିଧି ସମ୍ପର୍କରେ ସୂଚନା ପାଇ ଫ୍ଲାଇଂ ସ୍କ୍ୱାଡ ସେଠାରେ ଚଢ଼ଉ କରିଥିଲା । ତଲାସି ସମୟରେ ଖାଲିଦ ପାଖରୁ ମିଳିଥିବା ୧୯୮ ଗ୍ରାମ ବ୍ରାଉନ ସୁଗରର ମୂଲ୍ୟ ପ୍ରାୟ ୧୯ ଲକ୍ଷ ୮୦ ହଜାର ଟଙ୍କା ହେବ । ସେ ବାଲେଶ୍ୱରରୁ ଆଣି କଟକ ଉପକଣ୍ଠରେ କାରବାର କରୁଥିବା ତଦନ୍ତରୁ ଜଣାପଡିଛି । କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି । ଇନ୍ସପେକ୍ଟର ହୀରା ଦଳପତିଙ୍କ ନେତୃତ୍ୱରେ କିଶୋର କୁମାର ରାଉତ, ସଞ୍ଜୀବ ମୁଣ୍ଡା, ରୋଜାଲିନ ପଟ୍ଟନାୟକ, ଦେବାଶିଷ ବେହେରା, ଜଗନ୍ନାଥ ସାହୁ, ଶଙ୍କର୍ଷଣ ରାଉତ, ସୁମିତ କୁମାର ନାୟକ, ରଞ୍ଜିତ ସାହୁ, କୃଷ୍ଣମୋହନ ଦାସ ପ୍ରମୁଖ ଚଢ଼ଉରେ ସାମିଲ ଥିଲେ ।

ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢାଉ, ଆୟ ବହିର୍ଭୂତ ଅମାପ ସମ୍ପତ୍ତି ଠାବ

ଚଣ୍ଡିଖୋଲ, (ସବ୍ୟୁ) : ଗୁରୁବାର ଦିନ ଭିଜିଲାନ୍ସ ପକ୍ଷରୁ ପୂର୍ତ୍ତ ବିଭାଗର ଚାରବାଟିଆ ଡିଭିଜନ ଅନ୍ତର୍ଗତ ବଡଚଣାର ପୂର୍ତ୍ତ ସବଡିଭିଜନ କାର୍ଯ୍ୟାଳୟ ଉପରେ ଚଢାଉ ଚାଲିଛି। ଏହି ସବଡିଭିଜନର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ତପନ ସେଠୀଙ୍କ ଅନୈତିକ ସମ୍ପତ୍ତି ଠୁଳକୁ ନେଇ ଭିଜିଲାନ୍ସ ବିଭାଗର ୭ଟି ଟିମ ତାଙ୍କ ବିଭିନ୍ନ ଠିକଣାରେ ଏକସଙ୍ଗେ ଚଢାଉ କରୁଥିଲା ବେଳେ ବଡଚଣା ସ୍ଥିତ ତାଙ୍କ କାର୍ଯ୍ୟାଳୟ ଉପରେ ମଧ୍ୟ ଚଢାଉ ଜାରୀ ରହିଛି। କଟକ ଭିଜିଲାନ୍ସର ଏକ ୫ ଜଣିଆଁ ସ୍ୱତନ୍ତ୍ର ଟିମ ଉକ୍ତ କାର୍ଯ୍ୟାଳୟ ଉପରେ ଚଢାଉକରି ବହୁ ଫାଇଲ ପତ୍ରକୁ ଯାଞ୍ଚ କରିବା ସହିତ ସେଗୁଡିକୁ ଜବତ କରିଛି । ଭିଜିଲାନ୍ସ ଅଧିକାରୀମାନେ ବଡଚଣା ପୂର୍ତ୍ତ ସବଡିଭିଜନରେ କାର୍ଯ୍ୟରତ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠିଙ୍କୁ ତାଙ୍କ ଭୁବନେଶ୍ୱର ବାସଭବନରେ ଅଟକରଖି ଏକସଙ୍ଗେ




କଟକ, ଭୁବନେଶ୍ୱର, ପୁରୀ, କଣ୍ଠାପଡା ଓ ବଡଚଣା ସମେତ ତାଙ୍କର ୭ଟି ଠିକଣାରେ ଚଢାଉ କରୁଛି। ଚଢାଉ ସମୟରେ କଟକ ସିଡିଏ ସେକ୍ଟର ୭ର ପ୍ଲଟ ନମ୍ବର ଏଫ୍/୭୭୯ ରେ ତିନି ମହଲା କୋଠା, ପୁରୀ ସିଦ୍ଧ ମହାବୀର ଅଞ୍ଚଳରେ ତିନି ମହଲା କୋଠା, କଟକ ଜିଲ୍ଲା କଣ୍ଠାବାଡରେ ଥିବା ଏକ ଫାର୍ମ ହାଉସ ସହିତ ଏକ ମହଲା କୋଠା, ପୁରୀ ଜିଲ୍ଲା କୋଣାର୍କ ଥାନା ଅନ୍ତର୍ଗତ ତାଙ୍କ ପୈତୃକ ଗ୍ରାମ ଝିଙ୍କିରୀୟାରେ ଥିବା ଦୁଇ ମହଲା କୋଠା,କଟକର ୪୨ ମୌଜା ଶିବମନ୍ଦିର ନିକଟ ବକ୍ତୁଣିଆରେ ଶ୍ୱଶୁର ନିକଟରେ ତାଙ୍କର କୋଠାଘର ରହିଥିବା ଭିଜିଲାନ୍ସ ଟିମ ଠାବ କରିଛି। ଏଥିସହ ଭୁବନେଶ୍ୱରରେ ତାଙ୍କର ତିନୋଟି ମୂଲ୍ୟବାନ ପ୍ଲଟ,୫୫୦ଗ୍ରାମ ଓଜନର ସୁନା ଅଳଙ୍କାର,ବିଡାବିଡା ଟଙ୍କା, ଦୁଇଟି କାର, ଦୁଇଟି ମୋଟରସାଇକେଲକୁ ଭିଜିଲାନ୍ସ ଟିମ ପ୍ରାଥମିକ ଭାବେ ଜବତ କରିଥିବା ଜଣାପଡ଼ିଛି। ତେବେ ବ୍ୟାଙ୍କରେ ତାଙ୍କର ଏକାଧିକ ଲକର ରହିଥିବା ଭିଜିଲାନ୍ସ ଟିମ ଜାଣିବା ପରେ ତାର ଖୋଳତାଡ ଆରମ୍ଭ ହୋଇଛି। ଏବେ ଶ୍ରୀ ସେଠୀଙ୍କୁ କଟକ ସ୍ଥିତ ଭିଜିଲାନ୍ସ ଏସପିଙ୍କ କାର୍ଯ୍ୟାଳୟକୁ ଅଣାଯାଇ ଅଧିକ ପଚରା ଉଚରା କରାଯାଉଛି। ତେବେ ଜବତ ହୋଇଥିବା ନଗଦ ଟଙ୍କା ଗଣା ସରି ନଥିବାରୁ ଓ ଚଢାଉ ଅବ୍ୟାହତ ଥିବାରୁ ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ସବିଶେଷ ତଥ୍ୟ ମିଳିପାରି ନାହିଁ। ଏହି ଚଢ଼ଉରେ ଭିଜିଲାନ୍ସର ତିନିଜଣ ଅତିରିକ୍ତ ଏସପି,୬ଜଣ ଡିଏସପି, ୩ଜଣ ଇନିସ୍ପେକ୍ଟରଙ୍କ ସହିତ ୪୦ରୁ ଉର୍ଦ୍ଧ୍ୱ କର୍ମଚାରୀ ସିମିଲ ଥିବା ଜଣାପଡିଛି।

ଭାରତ-ପୋଲାଣ୍ଡ ମିଳିତ ବିବୃତି

୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ

- ବାଣିଜ୍ୟ, ଅର୍ଥନୈତିକ ସହଯୋଗ ଓ ନିବେଶ
- ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ
- ମହାକାଶ ଓ ନୂତନ ପ୍ରଯୁକ୍ତିବିଦ୍ୟା
- ଯୋଗାଯୋଗ, ସାମୁଦ୍ରିକ ଓ ନୌପରିବହନ ସହଯୋଗ



ନୂଆଦିଲ୍ଲୀ: ଭାରତ ଓ ପୋଲାଣ୍ଡ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ସହ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବା ପାଇଁ ଉଭୟ ଦେଶ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପୋଲାଣ୍ଡର ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କଙ୍କ ମଧ୍ୟରେ ଆଲୋଚନା ପରେ ଜାରି ମିଳିତ ବିବୃତିରେ ଏହି ଲକ୍ଷ୍ୟ ସମେତ ବାଣିଜ୍ୟ, ପ୍ରତିରକ୍ଷା, ନୂତନ ପ୍ରଯୁକ୍ତିବିଦ୍ୟା, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତର ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣକ୍ରମେ ପୋଲାଣ୍ଡର ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ଅକ୍ଟୋବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଛନ୍ତି। ତାଙ୍କ ସହ ପ୍ରାୟ ୧୦୦ ଜଣ ପ୍ରମୁଖ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଶିଳ୍ପ ପ୍ରତିନିଧିଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ୍ୟ ଆସିଛନ୍ତି। ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଦ୍ୱିପାକ୍ଷିକ, ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ବ୍ୟାପକ ଆଲୋଚନା କରିଥିଲେ।୨୦୨୪ ଅଗଷ୍ଟରେ ମୋଦୀଙ୍କ ପୋଲାଣ୍ଡ ଗସ୍ତ ସମୟରେ ଦୁଇ ଦେଶର ସମ୍ପର୍କକୁ ରଣନୈତିକ ସହଭାଗିତାର ସ୍ତରକୁ ଉନ୍ନୀତ କରାଯିବା ସହ ୨୦୨୪-୨୦୨୮ ପାଇଁ ଭାରତ-ପୋଲାଣ୍ଡ କାର୍ଯ୍ୟଯୋଜନା ଗ୍ରହଣ କରାଯାଇଥିଲା। ଏହି ଯୋଜନାର ମଧ୍ୟାବଧି ସମୀକ୍ଷାକୁ ଉଭୟ ନେତା ସମର୍ଥନ କରିବା ସହ ସହଭାଗିତାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରସ୍ପର ପାଇଁ ଲାଭଦାୟକ ଫଳାଫଳରେ ପରିଣତ କରିବାକୁ ସଂକଳ୍ପ ନେଇଛନ୍ତି। ପୋଲାଣ୍ଡର ମୋଟ ଘରୋଇ ଉତ୍ପାଦ (ଜିଡିପି) ୧ ଟ୍ରିଲିୟନ ଆମେରିକୀୟ ଡଲାର ଅତିକ୍ରମ କରିଥିବାରୁ ମୋଦୀ ଅଭିନନ୍ଦନ ଜଣାଇଥିଲେ। ଅନ୍ୟପକ୍ଷରେ, ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତି ଭାବେ ସ୍ଥାନ ଓ ଆଗାମୀ ବର୍ଷଗୁଡ଼ିକରେ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ସମ୍ଭାବନାକୁ ପୋଲାଣ୍ଡ ପ୍ରଶଂସା କରିଛି। ଭାରତର ବିଶାଳ ବଜାର, ଦକ୍ଷ ଶ୍ରମଶକ୍ତି, ଉତ୍ପାଦନ ଓ ନବସୃଜନ କ୍ଷେତ୍ରରେ ବଢୁଥିବା ସୁଯୋଗର ଲାଭ ଉଠାଇବା ପାଇଁ ମୋଦୀ ପୋଲାଣ୍ଡର କମ୍ପାନୀଗୁଡ଼ିକୁ ଭାରତରେ ନିବେଶ ଓ ବ୍ୟବସାୟ ବିସ୍ତାର କରିବାକୁ ଆହ୍ୱାନ ଦେଇଥିଲେ। ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ମଧ୍ୟ ପୋଲାଣ୍ଡକୁ ମଧ୍ୟ ଓ ପୂର୍ବ ୟୁରୋପ ସମେତ ବ୍ୟାପକ ୟୁରୋପୀୟ ବଜାରରେ ପ୍ରବେଶର ଏକ ପ୍ରମୁଖ ଦ୍ୱାର ଭାବେ ଉଲ୍ଲେଖ କରାଯାଇଛି।

କୃଷି କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ଦ୍ୱିପାକ୍ଷିକ କାର୍ଯ୍ୟକାରୀ ଗୋଷ୍ଠୀର କାର୍ଯ୍ୟକଳାପ ପୁନଃ ଆରମ୍ଭ କରିବାକୁ ଉଭୟ ଦେଶ ସହମତ ହୋଇଛନ୍ତି। ଶିଳ୍ପ ଯନ୍ତ୍ରପାତି, ପ୍ରତିରକ୍ଷା, ଭିତ୍ତିଭୂମି, ଔଷଧ, ଖଣି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଶକ୍ତି ଓ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି) କ୍ଷେତ୍ରରେ ଭାଗିଦାରି ବଢ଼ାଇବାକୁ ମଧ୍ୟ ଉଭୟ ପକ୍ଷ ଉତ୍ସାହିତ କରିଛନ୍ତି।

ଫ୍ରାନ୍ସରେ ବ୍ୟାପିଲା ଶାମୋଣ୍ଡା ଭାଇରସ

ଜଣଙ୍କର ନେଲା ଜୀବନ

ପ୍ୟାରିସ: ଫ୍ରାନ୍ସରେ ସରକାରଙ୍କ ବିରୋଧୀ ପ୍ରତିବାଦ ସହିତ ଆଉ ଏକ ବିପର୍ଯ୍ୟୟ ଦେଖାଦେଇଛି। ପ୍ରାଣୀଙ୍କୁ ସଂକ୍ରମିତ କରୁଥିବା ବିପଜ୍ଜନକ ଶାମୋଣ୍ଡା ଭାଇରସ ପ୍ରଥମ ଥର ପାଇଁ ମଣିଷଙ୍କଠାରେ ଚିହ୍ନଟ ହୋଇଛି। ପରେ ସଂକ୍ରମିତଙ୍କର ମୃତ୍ୟୁ ହୋଇଥିବା ଫରାସୀ ସ୍ୱାସ୍ଥ୍ୟ ଅଧିକାରୀମାନେ ରିପୋର୍ଟ କରିଛନ୍ତି। ତେବେ ଅଧିକାରୀମାନେ କହିଛନ୍ତି ଯେ, ଏହି ଭାଇରସ ବର୍ତ୍ତମାନ ସାଧାରଣ ଜନତାଙ୍କ ପାଇଁ କୌଣସି ବିପଦ ସୃଷ୍ଟି କରୁ ନାହିଁ। ଶାମୋଣ୍ଡା ଭାଇରସ କୀଟପତଙ୍ଗ କାମୁଡ଼ା ମାଧ୍ୟମରେ ବ୍ୟାପିଥାଏ। ଏହା ମୁଖ୍ୟତଃ ଗୋରୁମାନଙ୍କୁ ସଂକ୍ରମିତ କରିଥାଏ ଅଧିକାଂଶ ସଂକ୍ରମଣ ଗାଈମାନଙ୍କଠାରେ ହୋଇଥାଏ। ଛୋଟ ଛୋଟ କାମୁଡ଼ା ପୋକ ଏହାର ସଂକ୍ରମଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଫ୍ରାନ୍ସ ସରକାରଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ କୁହାଯାଉଥିଲା ଯେ, ଏହି ଭାଇରସ୍ ମଣିଷଙ୍କୁ ସଂକ୍ରମିତ କରିପାରିବ ନାହିଁ। ଫରାସୀ ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରାରମ୍ଭିକ ଭାବରେ ଆକଳନ କରିଛନ୍ତି ଯେ, ମୃତ ଆକ୍ରାନ୍ତ ପୂର୍ବ ଫ୍ରାନ୍ସରେ ସଂକ୍ରମିତ ହୋଇଥାଇପାରନ୍ତି। ୨୦୨୬ ବସନ୍ତ ଏବଂ ଗ୍ରୀଷ୍ମ ଋତୁରେ ଏହି ଅଞ୍ଚଳର ପ୍ରାଣୀମାନଙ୍କ ମଧ୍ୟରେ ଏହି ଭାଇରସ ପ୍ରସାରିତ ହୋଇଥିଲା। ତେବେ ମୃତ ଆକ୍ରାନ୍ତଙ୍କ ସଂକ୍ରମଣର ସଠିକ୍ ପ୍ରକ୍ରିୟା ଅସ୍ପଷ୍ଟ ରହିଛି। ଏହି ଭାଇରସ ପ୍ରଥମେ ୧୯୬୦ ଦଶକର ମଧ୍ୟଭାଗରେ ଆଫ୍ରିକୀୟ ଦେଶ ନାଇଜେରିଆରେ ଚିହ୍ନଟ ହୋଇଥିଲା। ପରବର୍ତ୍ତୀ ସମୟରେ ଆଫ୍ରିକା ଏବଂ ଜାପାନରେ ପ୍ରାଣୀମାନଙ୍କଠାରେ ମାମଲା ରିପୋର୍ଟ କରାଯାଇଛି।ଚଳିତ ବର୍ଷ ଏହା ଅନେକ ୟୁରୋପୀୟ ଦେଶରେ ମଧ୍ୟ ବ୍ୟାପିବାରେ ଲାଗିଛି। ଆୟର୍ଲାଣ୍ଡ, ଜର୍ସି ଏବଂ ନେଦରଲ୍ୟାଣ୍ଡରେ ମଧ୍ୟ ମାମଲା ରିପୋର୍ଟ ହୋଇଛି। ଫ୍ରାନ୍ସ ଉପକୂଳରୁ ପ୍ରାୟ ୫୦ କିଲୋମିଟର ଦୂର ଜର୍ସି ଦ୍ୱୀପରେ ମଧ୍ୟ ଶାମୋଣ୍ଡା ଭାଇରସ ପରି ଏକ ଭାଇରସ ଚିହ୍ନଟ ହୋଇଛି। ଅଗଷ୍ଟ ମାସରୁ ସେଠାରେ ସଂକ୍ରମଣ ଜଣାପଡୁଥିଲା, କିନ୍ତୁ ୟୁକେର ପ୍ରାଣୀ ଏବଂ ଉଦ୍ଭିଦ ସ୍ୱାସ୍ଥ୍ୟ ସଂସ୍ଥା ଗତ ସପ୍ତାହରେ ଏହା ରିପୋର୍ଟ କରିଥିଲା।ଏଜେନ୍ସି କହିଛି ଯେ, ଏହା ବ୍ରିଟିଶ ଦ୍ୱୀପପୁଞ୍ଜ ନିକଟରେ ଭାଇରସର ଉପସ୍ଥିତିକୁ ନିଶ୍ଚିତ କରେ। ତେବେ ଏପର୍ଯ୍ୟନ୍ତ ୟୁକେରେ ସଂକ୍ରମଣର କୌଣସି ମାମଲା ରିପୋର୍ଟ ହୋଇନାହିଁ। ଦକ୍ଷିଣ ଆୟର୍ଲାଣ୍ଡର ଦୁଇଟି ଦୁଗ୍ଧ ଫାର୍ମରେ ତିନୋଟି ଗାଈଙ୍କଠାରେ ମଧ୍ୟ ଏହି ଭାଇରସ ମିଳିଛି। ଏକ ଘରୋଇ ଲ୍ୟାବରେ ପରୀକ୍ଷା କରିବା ସମୟରେ ପ୍ରଥମେ ସ୍କମାଲେନବର୍ଗ ଭାଇରସ ସନ୍ଦେହ କରାଯାଇଥିଲା, କିନ୍ତୁ ଏହାର ଫଳାଫଳ ଏହାକୁ ନିଶ୍ଚିତ କରିନଥିଲା। ପରେ ଏକ ଶାମୋଣ୍ଡା ଭଳି ଭାଇରସ ମିଳିଥିଲା।ଆଇରିଶ କୃଷି ବିଭାଗ ଏହି ମାମଲାର ତଦନ୍ତ ପାଇଁ ଲ୍ୟାବ ସହିତ ଯୋଗାଯୋଗ କରୁଛି। ବିଭାଗ ଗ୍ରୀଷ୍ମ ଋତୁଠାରୁ ୟୁରୋପରେ ଏହାର ପ୍ରସାର ଉପରେ ନଜର ରଖିଛି। ଏହି ଭାଇରସ ଗର୍ଭବତୀ ଗାଈମାନଙ୍କରେ ବାଛୁରୀଙ୍କ ମୃତ୍ୟୁର କାରଣ ହୋଇଥାଏ। ବର୍ତ୍ତମାନ ଏହାର କୌଣସି ଟିକା କିମ୍ବା ଚିକିତ୍ସା ଉପଲବ୍ଧ ନାହିଁ। ଯଦି ଚାଷୀମାନଙ୍କର କୌଣସି ସମସ୍ୟା ଥାଏ ତେବେ ସେମାନଙ୍କୁ ପ୍ରାଣୀଚିକିତ୍ସକଙ୍କ ସହିତ ପରାମର୍ଶ କରିବାକୁ ପରାମର୍ଶ ଦିଆଯାଇଛି। ଚଳିତ ଗ୍ରୀଷ୍ମ ଋତୁରେ ନେଦରଲ୍ୟାଣ୍ଡରେ ଗାଈମାନଙ୍କଠାରେ ଶାମୋଣ୍ଡା ପରି ଏକ ନୂତନ ଅର୍ଥୋବୁନିଆଭାଇରସ ମଧ୍ୟ ମିଳିଥିଲା।



ପ.ବଙ୍ଗରେ ବିଜେପି କର୍ମୀଙ୍କୁ ଗୁଳି କରି ହତ୍ୟା

ମାଲଦା/କୋଲକାତା: ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ରାଜନୈତିକ ହିଂସାର ଶିକାର ହୋଇଛନ୍ତି ଜଣେ ବିଜେପି ସମର୍ଥକ। ସମୀର ଘୋଷ ନାମକ ଏହି କର୍ମୀଙ୍କୁ ପ୍ରଥମେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯିବା ପରେ ଦୁଇ ରାଉଣ୍ଡ ଗୁଳି କରି ନିର୍ମମ ଭାବେ ହତ୍ୟା କରାଯାଇଛି। ବୁଧବାର ରାତିରେ ରାମକେଲି ଅଞ୍ଚଳରେ ଏହି ଦୁଃଖଦ ଘଟଣା ଘଟିଥିବା ନେଇ ପୁଲିସ ଗୁରୁବାର ସୂଚନା ଦେଇଛି।ଏହି ହତ୍ୟାକାଣ୍ଡ ପଛରେ ବିରୋଧୀ ରାଜନୈତିକ ଦଳର ହାତ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସମୀରଙ୍କ ହତ୍ୟା ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ତୀବ୍ର ସଂଘର୍ଷ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସଂଘର୍ଷରେ ୬ ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ ମାଲଦା ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାରୁ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବ୍ୟାପକ ପୁଲିସ ବାହିନୀ ମୁତୟନ କରାଯାଇଛି। ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ଥିବା ପୁଲିସ ଅଧିକାରୀମାନେ ପ୍ରକାଶ କରିଛନ୍ତି।

ମେଟା ଉପରେ ୨୫ ବିଲିୟନ ଡଲାର ଜରିମାନା

ୱାଶିଂଟନ: ଆମେରିକାର ନ୍ୟୁ ମେକ୍ସିକୋର ଜଣେ ବିଚାରପତି ବୁଧବାର ମେଟା ପ୍ଲାଟଫର୍ମକୁ ୨୫ ବିଲିୟନ ଡଲାର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଜାଣିବାକୁ ପାଇଛନ୍ତି ଯେ କମ୍ପାନି ଗ୍ରାହକଙ୍କୁ ଭୁଆଁ ବୁଲାଇଛି। ଏହା ଡୋନାଲ୍ଡ ଟ୍ରମ୍ପଙ୍କ ୨୦୧୬ ରାଷ୍ଟ୍ରପତି ପ୍ରଚାର ଅଭିଯାନ ସହିତ ଜଡିତ। ଏକ ରାଜନୈତିକ ପରାମର୍ଶଦାତା ସଂସ୍ଥା ଲକ୍ଷ ଲକ୍ଷ ଫେସବୁକ୍ ବ୍ୟବହାରକାରୀଙ୍କଠାରୁ ସେମାନଙ୍କ ସମ୍ମତି ବିନା ତଥ୍ୟ ହାସଲ କରିଥିଲା। ବିଚାରପତି ଫ୍ରାନ୍ସିସ୍ ମାଥ୍ୟୁସ୍ ତାଙ୍କ ଆଦେଶରେ ଲେଖିଛନ୍ତି ଯେ ଫେସବୁକର ଅନିୟମିତତା ବର୍ଷ ବର୍ଷ ଧରି ଜାରି ରହିଥିଲା ଏବଂ ଏହାକୁ ଜନସାଧାରଣଙ୍କ ସମ୍ମୁଖରେ ବ୍ୟବସ୍ଥିତ ଭାବରେ ପ୍ରକାଶ କରାଯାଇଥିଲା। ବ୍ୟବସାୟିକ ସଫଳତା ଏହାର ମୂଳ କାରଣ ଥିଲା। ଆଇନ ଅନୁଯାୟୀ ୨୧୯ ବିଲିୟନ ଡଲାରରୁ ଅଧିକ ଜରିମାନା ଉପଯୁକ୍ତ ଥିଲା। କିନ୍ତୁ ସେ ଏହାକୁ ୨୫ ବିଲିୟନ ଡଲାରକୁ ହ୍ରାସ କରିଥିଲେ। ବ୍ରିଟିଶ ରାଜନୈତିକ ପରାମର୍ଶଦାତା ସଂସ୍ଥା, କେମ୍ବ୍ରିଜ୍ ଆନାଲିଟିକା, ଏକ ତୃତୀୟ-ପକ୍ଷ ଆପ୍ ମାଧ୍ୟମରେ ୮୭ ନିୟୁତ ପର୍ଯ୍ୟନ୍ତ ଫେସବୁକ୍ ବ୍ୟବହାରକାରୀଙ୍କଠାରୁ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରିଥିଲା।

କେନ୍ଦ୍ର ଉପରେ ବର୍ଷିଲେ ଆନ୍ନାମଲାଇ: ପାଲଟା ଜବାବ ଦେଲା ବିଜେପି



ନୂଆଦିଲ୍ଲୀ: ଦିଲ୍ଲୀ ପୁଲିସ ପକ୍ଷରୁ କକ୍‌ରୋଚ୍ ଜନତା ପାର୍ଟି (ସିଜେପି)ର ନେତାମାନଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ତାମିଲନାଡୁର ପୂର୍ବତନ ବିଜେପି ମୁଖ୍ୟ କେ. ଆନ୍ନାମଲାଇ। ଆଇନଗତ ପ୍ରକ୍ରିୟାର ଉଲ୍ଲଂଘନ ସମ୍ପର୍କରେ ପ୍ରଶ୍ନ ଉଠାଇଲେ ବିରୋଧୀଙ୍କୁ 'ବିଦେଶୀ ଏଜେଣ୍ଟ' ବୋଲି କହିବା ପରିବର୍ତ୍ତେ ସରକାର ଉତ୍ତର ଦେବା ଉଚିତ ବୋଲି ସେ କହିଛନ୍ତି। ଆନ୍ନାମଲାଇଙ୍କ ଏହି ମନ୍ତବ୍ୟ ପରେ ବିଜେପି ପକ୍ଷରୁ ମଧ୍ୟ ପାଲଟା ଆକ୍ରମଣ କରାଯାଇଛି।

ଆନ୍ନାମଲାଇ କହିଛନ୍ତି ଯେ ଗଣତନ୍ତ୍ରରେ ଆଇନଗତ ପ୍ରକ୍ରିୟାର ଉଲ୍ଲଂଘନ ସମ୍ପର୍କରେ ପ୍ରଶ୍ନ କଲେ ଲୋକଙ୍କୁ ବିଭିନ୍ନ ନାମରେ ଅଭିହିତ କରାଯାଉଛି। ସିଜେପିର ଆନ୍ଦୋଳନ ପଦ୍ଧତି ସହ ସେ ଏକମତ ନୁହନ୍ତି, କିନ୍ତୁ ଏହି ସଂଗଠନର ଗଣତାନ୍ତ୍ରିକ ଉପାୟରେ ପ୍ରତିବାଦ କରିବାର ଅଧିକାରକୁ ସେ ସମର୍ଥନ କରୁଥିବା ସ୍ପଷ୍ଟ କରିଛନ୍ତି। ଆନ୍ନାମଲାଇ ଜୁନ୍ ୫, ୨୦୨୬ରେ ବିଜେପି ଛାଡ଼ିଥିଲେ। ପରେ ସେ 'ୱି ଦି ଲିଡର୍ସ' ନାମରେ ନିଜର ଏକ ସଂଗଠନ ଆରମ୍ଭ କରିଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ସେ ଲେଖିଛନ୍ତି, ସିଜେପିର ଆନ୍ଦୋଳନ କରିବାର ପଦ୍ଧତିକୁ ସେ ସମର୍ଥନ କରୁନାହାନ୍ତି ଏବଂ ସଂଗଠନର ଅନେକ ଆଭିମୁଖ୍ୟକୁ ଭୁଲ୍ ବୋଲି ମନେ କରନ୍ତି। କିନ୍ତୁ କୌଣସି ପ୍ରସଙ୍ଗରେ ପ୍ରତିବାଦ, ଯୁକ୍ତି ଓ ସଂଘର୍ଷ କରିବାର ଅଧିକାର ସମସ୍ତଙ୍କର ରହିଛି।

ଆନ୍ନାମଲାଇ କେନ୍ଦ୍ର ସରକାରଙ୍କ ନିକଟରେ ପାଞ୍ଚଟି ପ୍ରଶ୍ନ ଉଠାଇଛନ୍ତି। ସେଥିମଧ୍ୟରେ ରହିଛି ପ୍ରତିବାଦ ସ୍ଥଳ ଭାବେ ଜନ୍ତରମନ୍ତରର ମାନ୍ୟତା ରଦ୍ଦ କରିବାର କାରଣ, ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ କ୍ଷମତା, ଅକ୍ଟୋବର ୧୩ରେ ଗିରଫ ହୋଇଥିବା ସିଜେପି ସଦସ୍ୟଙ୍କ ଜାମିନ ଶୁଣାଣି ସମୟରେ ନିଆଯାଇଥିବା ପଦକ୍ଷେପ, ଆଠଟି ଜାମିନଦାରଙ୍କୁ ଅଗ୍ରାହ୍ୟ କରିବା ଏବଂ ନିଟ୍ ପ୍ରତିବାଦ ସମୟରେ ପେଲେଟ୍ ଗନ୍ ବ୍ୟବହାର ଓ ନିର୍ଦ୍ଧାରିତ କାର୍ଯ୍ୟପଦ୍ଧତିର ଉଲ୍ଲଂଘନ ଅଭିଯୋଗ।

ସେ ଦାବି କରିଛନ୍ତି ଯେ ମାମଲା ହାଇକୋର୍ଟରେ ପହଞ୍ଚିବା ପରେ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଅଟକ ରଖାଯାଇଥିବା ସିଜେପିର କର୍ମକର୍ତ୍ତାମାନେ ମୁକ୍ତ ହୋଇଥିଲେ। ଏହା ସହିତ ବିଜେପିର କାର୍ଯ୍ୟଶୈଳୀକୁ ପ୍ରଶ୍ନ କରି ଆନ୍ନାମଲାଇ କହିଛନ୍ତି ଯେ ସିଜେପି ନେତାମାନଙ୍କୁ ଅଟକ ରଖିବା ଓ ସେମାନଙ୍କ ବିରୋଧରେ ବାରମ୍ବାର ପୁଲିସ କାର୍ଯ୍ୟାନୁଷ୍ଠାନ ସେମାନଙ୍କୁ ଅଧିକ ଲୋକପ୍ରିୟ କରୁଛି। ଏହାଦ୍ୱାରା ବିରୋଧୀ ଦଳଗୁଡ଼ିକର ଭୋଟ୍ ବିଭାଜନ କରିବା ପାଇଁ ସିଜେପିକୁ ଏକ ବଡ଼ ରାଜନୈତିକ ଶକ୍ତି ଭାବେ ଉପସ୍ଥାପନ କରାଯାଉଛି କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଆନ୍ନାମଲାଇଙ୍କ ମନ୍ତବ୍ୟକୁ ନେଇ ବିଜେପିର ତାମିଲନାଡୁ ମୁଖ୍ୟ ମୁଖପାତ୍ର ନାରାୟଣନ ଥିରୁପଥୀ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ବିଜେପି ଛାଡ଼ିବା ପରେ ଆନ୍ନାମଲାଇ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍ଆଇଆର୍) ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ବଦଳାଇଥିବା ସେ ଅଭିଯୋଗ କରିଛନ୍ତି। ଥିରୁପଥୀଙ୍କ କହିବା ଅନୁସାରେ, ପୂର୍ବରୁ ଆନ୍ନାମଲାଇ ଏସ୍ଆଇଆର୍‌କୁ ସମର୍ଥନ କରିବା ସହ ତାମିଲନାଡୁରେ ବହୁ ସଂଖ୍ୟାରେ ଜାଲ୍ ଭୋଟର ଥିବା ଏବଂ ସେମାନଙ୍କ ନାମ ହଟାଇବା ଆବଶ୍ୟକ ବୋଲି କହିଥିଲେ।

ଫୋନପେର ଆତସବାଜି ବୀମା ଯୋଜନା

ମୁମ୍ବାଇ: ଫୋନ ପେର ପକ୍ଷରୁ ଲଗାତାର ତୃତୀୟ ବର୍ଷ ପାଇଁ ବ୍ୟାପକ ଆତସବାଜି ବୀମା ଯୋଜନା ଉପଲବ୍ଧ କରାଇବା ନେଇ ଘୋଷଣା କରାଯାଇଛି । ଦୀପାବଳି ଉତ୍ସବ ସମୟରେ ଆତସବାଜି ଯୋଗୁଁ ଘଟୁଥିବା ଅପ୍ରତ୍ୟାଶିତ ଦୁର୍ଘଟଣାରୁ ଆର୍ଥିକ ସୁରକ୍ଷା ଯୋଗାଇବା ଏହି ଯୋଜନାର ଉଦ୍ଦେଶ୍ୟ । ମାତ୍ର ୧୧ ଟଙ୍କାରୁ ଆରମ୍ଭ ହେଉଥିବା ସ୍ଥିର ଓ ସୁଲଭ ପ୍ରିମିୟମରେ ଏହି ବୀମା ଯୋଜନା ଅଧୀନରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚର ସୁବିଧା ମିଳିବ ।ଫୋନପେ ମଞ୍ଚରେ ଡିଜିଟାଲ୍ ମାଧ୍ୟମରେ ଉପଲବ୍ଧ ଏହି ଋତୁକାଳୀନ କ୍ଷୁଦ୍ର ବୀମା ଯୋଜନାକୁ ଆଦିତ୍ୟ ବିର୍ଲା ହେଲ୍‌ଥ ଇନ୍ସୁରାନ୍ସ ଅଣ୍ଡରରାଇଟ୍ କରୁଛି । ଏହି ଯୋଜନାରେ ତିନୋଟି ପ୍ରମୁଖ ସୁରକ୍ଷା ସୁବିଧା ରହିଛି ।୨୪ ଘଂଟାରୁ ଅଧିକ ସମୟ ହସ୍ପିଟାଲରେ ଭର୍ତ୍ତିରହି ଚିକିତ୍ସିତ ହେଲେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ଭରଣା କରାଯିବ । ୨୪ ଘଂଟାରୁ କମ୍ ସମୟ ହସ୍ପିଟାଲରେ ରହି ଚିକିତ୍ସା କିମ୍ବା ପୋଡ଼ାଜଳା ଜନିତ ଚିକିତ୍ସା ଆବଶ୍ୟକ ହେଲେ, ଦିନକାଳୀନ ଚିକିତ୍ସା ଅଧୀନରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ମିଳିବ । ଏହା ସହିତ ମୁଖ୍ୟ ବୀମାଧାରୀଙ୍କ ଆକସ୍ମିକ ମୃତ୍ୟୁ ଘଟିଲେ ୨୫,୦୦୦ ଟଙ୍କାର ଏକକାଳୀନ ଆର୍ଥିକ ସହାୟତା ଦିଆଯିବ

ସିପ୍ଲାର ବେରୋକ୍ ଜିନ୍ଦେଗୀ

କୋଲକାତା : ଚଳିତ ଦୁର୍ଗାପୂଜାରେ, ସିପ୍ଲା ଏହାର ରୋଗୀ ସଚେତନତା ଅଭିଯାନ ବେରୋକ୍ ଜିନ୍ଦେଗୀ'କୁ କୋଲକାତାର ଉତ୍ସବର ମୁଖ୍ୟ ଆକର୍ଷଣକୁ ଆଣିଥିଲା । ଆଜମା କେ ଲିଏ "ଇନହେଲର୍ସହେସହି' ବାର୍ତ୍ତାକୁ ପୂଜାମଣ୍ଡପକୁ ଆସୁଥିବା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହି ଅଭିଯାନ ଅନ୍ତର୍ଗତ ଅକେଫାବର ୧୪ ରୁ ୨୦ ପର୍ଯ୍ୟନ୍ତ ସନ୍ତୋଷ ମିତ୍ର ସ୍କୋୟାର, ଶ୍ରୀଭୂମି ସ୍ପୋର୍ଟିଂ କ୍ଲବ ଏବଂ ଶିବମନ୍ଦିର ସର୍ବଜନୀନ ଦୁର୍ଗୋତ୍ସବ ସମିତିରେ ବିଶାଳ ଇନହେଲର ପ୍ରଦର୍ଶିତ କରାଯାଇଥିଲା ।

ହିଂସାତ୍ମକ ପ୍ରତିବାଦକୁ ନେଇ ଚାଞ୍ଚଲ୍ୟକର ଖୁଲାସା

୧୩ ଦେଶରେ ୧୦୧ ସଂଗଠନର ଏକ ଗୁପ୍ତ ନେଟୱାର୍କ ସକ୍ରିୟ

ପ୍ୟାରିସ: ସାରା ବିଶ୍ୱରେ ଦେଖାଦେଉଥିବା ହିଂସାତ୍ମକ ପ୍ରତିବାଦ ଏବଂ ଗଣ ଆନ୍ଦୋଳନ ପଛରେ ଏକ ଅନ୍ତର୍ଜାତୀୟ ସିଣ୍ଡିକେଟ୍‌ର ହାତ ଥିବା ନେଇ ଏକ ଚାଞ୍ଚଲ୍ୟକର ଖୁଲାସା ହୋଇଛି। ଫକ୍ସ ନ୍ୟୁଜ୍ ଡିଜିଟାଲର ଏକ ବିସ୍ତୃତ ତଦନ୍ତ ରିପୋର୍ଟରେ ଦାବି କରାଯାଇଛି ଯେ, ୧୩ ଟି ଦେଶର ୧୦୧ ଟି ସଂଗଠନ ମିଳିତ ଭାବରେ ଏକ ସୁଚିନ୍ତିତ 'ଗ୍ଲୋବାଲ୍ ପ୍ରୋଟେଷ୍ଟ ଇକୋସିଷ୍ଟମ୍'ଚଳାଉଛନ୍ତି। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଫ୍ରାନ୍ସର ରାସ୍ତାରେ ହେଉଥିବା ଅଶାନ୍ତି ଠାରୁ ଆରମ୍ଭ କରି ଭାରତ ଏବଂ ଅନ୍ୟାନ୍ୟ ଦେଶରେ ଯୁବ ନେତୃତ୍ୱାଧୀନ ପ୍ରମୁଖ ଆନ୍ଦୋଳନ ପର୍ଯ୍ୟନ୍ତ ସବୁକିଛିର ସିଧାସଳଖ ଲିଙ୍କ୍ ରହିଛି। ଏହି ନେଟୱାର୍କ ସୀମା ପାର କରି ଅରାଜକତା ବିସ୍ତାର କରିବା ପାଇଁ ସ୍ଥାନୀୟ ସମସ୍ୟା ଏବଂ ଜନସାଧାରଣଙ୍କ କ୍ରୋଧକୁ ପ୍ରଶ୍ରୟ ଦେଉଛି। ଫକ୍ସ ନ୍ୟୁଜ୍ ତଦନ୍ତକାରୀ ସାମ୍ବାଦିକ ଆସ୍ରା କ୍ୟୁ. ନୋମାନୀଙ୍କ ଏହି ତଦନ୍ତ ପରଦା ପଛରେ ଥିବା ଅଦୃଶ୍ୟ ନେଟୱାର୍କକୁ ଉନ୍ମୋଚନ କରିଛି ଯାହା ବିଶ୍ୱ ଅଶାନ୍ତିର କାରଣ। ବାମପନ୍ଥୀ ଏବଂ ସମାଜବାଦୀ ସଂଗଠନ, ଟ୍ରେଡ୍ ୟୁନିଅନ୍, ଛାତ୍ର ଗୋଷ୍ଠୀ, ଆଡଭୋକେସି ନେଟୱାର୍କ ଏବଂ କିଛି ଗଣମାଧ୍ୟମ ଏହି ସିଣ୍ଡିକେଟ୍‌ରେ ସକ୍ରିୟ ଭାବରେ ସାମିଲ ଅଛନ୍ତି। ଏହି ନେଟୱାର୍କ ବିଭିନ୍ନ ଦେଶରେ ସ୍ଥାନୀୟ ଅସନ୍ତୋଷକୁ ଏକାଠି କରିବା ଏବଂ ଏହାକୁ ଏକ ଅନ୍ତର୍ଜାତୀୟ ପରିମାଣ ଦେବା ପାଇଁ ଏକ ରଣନୀତି ପ୍ରସ୍ତୁତ କରିଛି।

ସିଜେପି ନେତାଙ୍କୁ କ୍ରାଇମବ୍ରାଞ୍ଚର ସମନ

ନୂଆଦିଲ୍ଲୀ: ପୁଣି ଅଡୁଆରେ ସିଜେପି ନେତା ସୌରଭ ଦାସ ଓ ଆଶୁତୋଷ ରାଙ୍କା। ୭ ଦିନ ପରେ ବୁଧବାର ତିହାର ଜେଲରୁ ବାହାରି ଥିବା ସୌରଭ ଓ ଆଶୁତୋଷଙ୍କୁ ଦିଲ୍ଲୀ ପୁଲିସ୍ କ୍ରାଇମବ୍ରାଞ୍ଚ ହାଜର ହେବାକୁ ସମନ କରିଛି।ଯନ୍ତରମନ୍ତରରେ ସିଜେପିର ବିକ୍ଷୋଭ ସହ ଜଡ଼ିତ ଆଉ ଦୁଇଟି ମାମଲାରେ କ୍ରାଇମବ୍ରାଞ୍ଚ ଉଭୟଙ୍କ ବୟାନ ରେକର୍ଡ କରିବାକୁ ଚାହୁଁଥିବାରୁ ଏପରି ସମନ କରିଥିବା ଜଣାପଡ଼ିଛି। ସୌରଭ ଓ ଆଶୁତୋଷଙ୍କ ବ୍ୟତୀତ ସିଜେପିର ଅନ୍ୟତମ ନେତା ଅଜିଙ୍କ୍ୟ ସିନ୍ଦେଙ୍କୁ ମଧ୍ୟ ପୁଲିସ୍ ସମନ କରିଥିବା ଜଣାପଡ଼ିଛି। ଜଣେ ସରକାରୀ କର୍ମଚାରୀଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରିବା ଓ ଅନାଧିକୃତ ଭାବେ ବିକ୍ଷୋଭ କରିବା ଭଳି ଅଭିଯୋଗରେ ପୁଲିସ୍ ପକ୍ଷରୁ ୩ ସିଜେପି ନେତାଙ୍କୁ ସମନ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ସୌରଭ ଓ ଆଶୁତୋଷଙ୍କୁ ଆଜି ଦିନ ୧୨ଟା ସୁଦ୍ଧା ଦିଲ୍ଲୀର ରଜୌରୀ ଗାର୍ଡେନ ସ୍ଥିତ କ୍ରାମବ୍ରାଞ୍ଚ ଅଫିସରେ ହାଜର ହେବାକୁ ନିର୍ଦ୍ଦେଶ ରହିଥିଲା। ତେବେ ଦୁଇ ସିଜେପି ନେତା ତଦନ୍ତରେ ସାମିଲ ହୋଇଛନ୍ତି କି ନାହିଁ, ସେକଥା ସ୍ପଷ୍ଟ ହୋଇନି। ସେହିପରି ଯଦି ସେମାନେ ତଦନ୍ତରେ ସାମିଲ ନ ହେବେ, ତା'ହେଲେ ପୁଲିସ୍ କି ପଦକ୍ଷେପ ନେଉଛି, ତା' ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି। ଅକ୍ଟୋବର ୧୩ରେ ସୌରଭ ଓ ଆଶୁତୋଷ କିଛି ସିଜେପି ସମର୍ଥକଙ୍କ ସହ ମିଶି ଯନ୍ତରମନ୍ତରରେ ଅନାଧିକାର ଭାବେ ପ୍ରବେଶ କରିଥିଲେ। ସେଠାରେ ଉଭୟ ତ୍ରିରଙ୍ଗା ଉଡ଼ାଇବା ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ।

ଟିଭି ଚ୍ୟାନେଲକୁ କେନ୍ଦ୍ରର ଚେତାବନୀ: ଏଆଇ ଅପବ୍ୟବହାର ରୋକ



ନୂଆଦିଲ୍ଲୀ: ଦେଶର ସମସ୍ତ ଘରୋଇ ସାଟେଲାଇଟ୍ ଟିଭି ଚ୍ୟାନେଲ୍ ପାଇଁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶନାମା ଜାରି କରାଯାଇଛି। ଟିଭି ଚ୍ୟାନେଲ୍‌ଗୁଡ଼ିକୁ 'ପ୍ରୋଗ୍ରାମ୍ କୋଡ୍' କଡ଼ାକଡ଼ି ପାଳନ କରିବାକୁ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି। ଏହାର ଉଲ୍ଲଂଘନ କଲେ କେବୁଲ ଟେଲିଭିଜନ ନେଟ୍‌ୱର୍କ (ନିୟନ୍ତ୍ରଣ) ଆଇନ, ୧୯୯୫ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ ଚେତାବନୀ ଦେଇଛି। ବିଭିନ୍ନ ଘରୋଇ ଚ୍ୟାନେଲ୍ ଦ୍ୱାରା ପ୍ରୋଗ୍ରାମ୍ କୋଡ୍ ଏବଂ କେବୁଲ ଟେଲିଭିଜନ ନେଟ୍‌ୱର୍କ ନିୟମ ଉଲ୍ଲଂଘନ କରାଯାଉଥିବା ନଜରକୁ ଆସିବା ପରେ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଛନ୍ତି।ଚ୍ୟାନେଲ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ଦାୟିତ୍ୱବାନ ଭାବେ ଖବର ପରିବେଷଣ କରିବାକୁ କୁହାଯିବା ସହ ଆତଙ୍କବାଦ ବିରୋଧୀ ଅଭିଯାନର ସିଧାପ୍ରସାରଣ (ଲାଇଭ୍ କଭରେଜ୍) ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ହିଂସାତ୍ମକ ଦୃଶ୍ୟ ପ୍ରଦର୍ଶନ ଉପରେ କଟକଣା, ଯୌନ ନିର୍ଯାତନାର ଶିକାର ହୋଇଥିବା ପୀଡ଼ିତାଙ୍କ ପରିଚୟ ସୁରକ୍ଷିତ ରଖିବା ଏବଂ ଭାରତର କେବଳ ପ୍ରାମାଣିକ ମାନଚିତ୍ର ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଛି। ଆଇଡିସି ବୈଠକ ସମୟରେ ଏକାଧିକ ଚ୍ୟାନେଲ୍‌ରେ ସମାନ ବିଷୟବସ୍ତୁ ଓ ଦୃଶ୍ୟ ବାରମ୍ବାର ପ୍ରସାରିତ ହେଉଥିବା ଦେଖାଯାଇଥିଲା। କମିଟି ପକ୍ଷରୁ ଗଣମାଧ୍ୟମରେ କୌଣସି ପ୍ରକାରର ଅଶୋଭନୀୟ ବ୍ୟବହାର କିମ୍ବା ଅଶ୍ଳୀଳ ଭାଷାର ପ୍ରୟୋଗକୁ ସାଧାରଣ ବୋଲି ନ ଭାବିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି।ବିତର୍କ କାର୍ଯ୍ୟକ୍ରମ ତଥା ଲାଇଭ୍ ଡିବେଟ୍ ଏବଂ ପ୍ୟାନେଲ୍ ଆଲୋଚନା ସମୟରେ ସାମ୍ପ୍ରଦାୟିକ ସଦ୍‌ଭାବନା ରକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ମନ୍ତ୍ରଣାଳୟ ପ୍ରକାଶ କରିଛି। ଚ୍ୟାନେଲ୍‌ଗୁଡ଼ିକ ନିଶ୍ଚିତ କରିବା ଉଚିତ ଯେ ସେମାନଙ୍କ କାର୍ଯ୍ୟକ୍ରମ ଦ୍ୱାରା ଯେପରି ସାମ୍ପ୍ରଦାୟିକ ଉତ୍ତେଜନା କିମ୍ବା ଦେଶବିରୋଧୀ ମନୋଭାବ ପ୍ରୋତ୍ସାହିତ ନହୁଏ। ଏହା ସହିତ କାର୍ଯ୍ୟକ୍ରମ, ଗ୍ରାଫିକ୍ସ ଏବଂ ଭର୍ଚୁଆଲ୍ ସମ୍ବାଦ ପରିବେଷଣ ସମୟରେ କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ 'ଜେନେରେଟିଭ୍ ଏଆଇ' ଉପକରଣର ବ୍ୟବହାର ବେଳେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପ୍ରସାରଣକାରୀଙ୍କୁ ପରାମର୍ଶ ଦିଆଯାଇଛି। ଖବରର ସଠିକତା, ପ୍ରାମାଣିକତା ଏବଂ ସମ୍ବେଦନଶୀଳତାକୁ କ୍ଷତି ନପହଞ୍ଚାଇ ଏଆଇ ଉପକରଣକୁ କେବଳ ସହାୟକ କ୍ଷମତାରେ ସୀମିତ ରଖାଯାଇପାରିବ।ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ପ୍ରସାରଣକାରୀ ସଂସ୍ଥାକୁ ସେମାନଙ୍କର ସମ୍ପାଦକୀୟ ଏବଂ କଣ୍ଟେଣ୍ଟ ରିଭ୍ୟୁ (ବିଷୟବସ୍ତୁ ସମୀକ୍ଷା) ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବାଦ ସଂଗ୍ରହ, ସମ୍ପାଦନା, ପ୍ରଯୋଜନା, ପ୍ରସାରଣ ଏବଂ ଟେଲିକାଷ୍ଟ ପ୍ରକ୍ରିୟାରେ ସାମିଲ ଥିବା ସମସ୍ତ କର୍ମଚାରୀଙ୍କୁ ନିୟମିତ ଭାବେ ସଚେତନ କରିବା ସହ ତାଲିମ ପ୍ରଦାନ କରିବାକୁ କୁହାଯାଇଛି। ଯଦି ଏହି ନିର୍ଦ୍ଦେଶାବଳୀର ଉଲ୍ଲଂଘନ ହୁଏ, ତେବେ ୧୯୯୫ର ଆଇନ ଅନୁଯାୟୀ କଠୋର ଆପରାଧିକ କାର୍ଯ୍ୟାନୁଷ୍ଠାନ ଓ କଟକଣା ପ୍ରୟୋଗ କରାଯିବ।

ନୋବେଲ ପରେ ପୁଲିଜର ପୁରସ୍କାର ଉପରେ ଟ୍ରମ୍ପଙ୍କ ନଜର

ୱାଶିଂଟନ: ନୋବେଲ ଶାନ୍ତି ପୁରସ୍କାର ପାଇବାର ଆଶା ଧୂଳିସାତ୍ ହେବା ପରେ ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ମାନଜନକ ପୁଲିଜର ପୁରସ୍କାର ପାଇଁ ନିଜକୁ ଯୋଗ୍ୟ ବୋଲି ଦାବି କରିଛନ୍ତି। ନିଜ ଲେଖା ପାଇଁ ତାଙ୍କୁ ପୁଲିଜର ପୁରସ୍କାର ମିଳିବା ଉଚିତ ଥିଲା ବୋଲି ସେ କହିଛନ୍ତି। ବୁଧବାର ଦକ୍ଷିଣ କରୋଲିନାର ପେଣ୍ଡଲଟନସ୍ଥିତ ଟି. ଏଡ୍ ଗ୍ୟାରିସନ୍ ଆରେନାରେ ରିପବ୍ଲିକାନ୍ ସମର୍ଥକଙ୍କ ଏକ ସମାବେଶକୁ ସମ୍ବୋଧିତ କରି ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି।ଏଥିସହ ରୁଷ୍ ସମ୍ପର୍କିତ ତଦନ୍ତର ଖବର ପ୍ରକାଶ କରି ପୁଲିଜର ପୁରସ୍କାର ପାଇଥିବା ସାମ୍ବାଦିକଙ୍କୁ ସେ କଡ଼ା ସମାଲୋଚନା କରିଛନ୍ତି। ଟ୍ରମ୍ପ କହିଛନ୍ତି, 'ମୋତେ ନୋବେଲ ପୁରସ୍କାର ମିଳିଲା ନାହିଁ। ପୁଲିଜର ପୁରସ୍କାର ମଧ୍ୟ ମିଳିଲା ନାହିଁ। ମୋ ଲେଖା ପାଇଁ ମୋତେ ପୁଲିଜର ପୁରସ୍କାର ମିଳିବା ଉଚିତ ଥିଲା।' ରୁଷ୍ ସମ୍ପର୍କିତ ଖବର ପ୍ରକାଶ କରିଥିବା ସାମ୍ବାଦିକମାନେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ନଥିଲେ ବୋଲି ସେ ଦାବି କରିଛନ୍ତି। ରୁଷ୍ ପ୍ରସଙ୍ଗରେ ସେମାନେ ଯାହା ଲେଖିଥିଲେ, ତାହା ଭୁଲ୍ ଥିଲା। ସେମାନଙ୍କ ସମସ୍ତ ରିପୋର୍ଟ ଭୁଲ୍ ଥିଲା ବୋଲି ଟ୍ରମ୍ପ କହିଛନ୍ତି।

ଫାଇନାଲରେ ପ୍ରମୋଦ



ଏସିଆନ୍ ପାରା ଗେମ୍ସର ପୁରୁଷ ସିଙ୍ଗଲ୍ସ ଏସଏଲ-୩ ବର୍ଗରେ ଭାରତର ତାରକା ପାରା ବ୍ୟାଡମିଣ୍ଟନ୍ ଖେଳାଳି ପ୍ରମୋଦ ଭଗତ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ଦକ୍ଷିଣ କୋରିଆର ଲି ସୁଙ୍ଗୁଙ୍କୁ ୧୬-୨୧, ୨୧-୧୮, ୨୧-୧୭ରେ ପରାସ୍ତ କରି ପ୍ରମୋଦ ଏହି ସଫଳତା ହାସଲ କରିଛନ୍ତି। ପ୍ରଥମ ସେଟ୍ରେ ୧୬-୨୧ରେ ପରାଜିତ ହେବା ପରେ ପ୍ରମୋଦ ଦ୍ୱିତୀୟ ସେଟରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ୨୧-୧୮ରେ ବିଜୟୀ ହୋଇଥିଲେ। ନିର୍ଣ୍ଣାୟକ ତୃତୀୟ ସେଟରେ ମଧ୍ୟ ନିଜର ଦକ୍ଷତା ଓ ଦୃଢ଼ ମନୋବଳର ପରିଚୟ ଦେଇ ୨୧-୧୭ରେ ବିଜୟ ହାସଲ କରିଥିଲେ। ପ୍ରାୟ ୨ ଘଣ୍ଟା ୯ ମିନିଟ୍ ଧରି ଚାଲିଥିବା ଏହି ମ୍ୟାଚରେ ପ୍ରମୋଦଙ୍କ ଲଢୁଆ ପ୍ରଦର୍ଶନ ତାଙ୍କୁ ଫାଇନାଲରେ ପହଞ୍ଚାଇଛି। ଫାଇନାଲ୍ରେ ପ୍ରମୋଦ ଭଗତ ଭାରତର ଅନ୍ୟତମ ଶ୍ରେଷ୍ଠ ପାରା ବ୍ୟାଡମିଣ୍ଟନ୍ ଖେଳାଳି ନିତେଶ କୁମାରଙ୍କ ସହ ମୁକାବିଲା କରିବେ।



ଏସୀୟ ପାରା ଗେମ୍ସରେ ଭାରତର ଐତିହାସିକ ଦିନ

ଗୋଟିଏ ଦିନରେ ୨୬ ପଦକ, ୭ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ଚାଲିଥିବା ଏସୀୟ ପାରା ଗେମ୍ସ ୨୦୨୬ରେ ଭାରତୀୟ ଖେଳାଳିଙ୍କ ଦମ୍ଦାର ପ୍ରଦର୍ଶନ ଜାରି ରହିଛି। ଗୁରୁବାର ଭାରତ ପାଇଁ ଚଳିତ ପ୍ରତିଯୋଗିତାର ସବୁଠାରୁ ସଫଳ ଦିନ ସାବ୍ୟସ୍ତ ହୋଇଛି। ଗୋଟିଏ ଦିନରେ ଭାରତୀୟ ଖେଳାଳିମାନେ ୭ଟି ସ୍ୱର୍ଣ୍ଣ ସହ ମୋଟ ୨୬ଟି ପଦକ ଜିତିଛନ୍ତି। ଏହା ସହ ଭାରତର ମୋଟ ପଦକ ସଂଖ୍ୟା ୮୮ରେ ପହଞ୍ଚିଛି। ପଦକ ତାଲିକାରେ ମଧ୍ୟ ଭାରତ ପୁଣି ଚତୁର୍ଥ ସ୍ଥାନକୁ ଫେରିଛି। ଏହି ସଫଳତାରେ ପାରା ତୀରନ୍ଦାଜୀ ଓ ପାରା ଆଥଲେଟିକ୍ସର ଯୋଗଦାନ ଉଲ୍ଲେଖନୀୟ ରହିଛି।

ଶୀତଲ ଦେବୀଙ୍କ ଦୁଇ ସ୍ୱର୍ଣ୍ଣ

ଗୁରୁବାରର ସବୁଠାରୁ ବଡ଼ ଆକର୍ଷଣ ରହିଥିଲେ ଭାରତର ପାରା ତୀରନ୍ଦାଜ ଶୀତଲ ଦେବୀ। ମାତ୍ର ଦୁଇ ଘଣ୍ଟାରୁ କମ୍ ସମୟ ମଧ୍ୟରେ ସେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଦେଶର ଗୌରବ ବଢ଼ାଇଛନ୍ତି। ପ୍ରଥମେ ମିଶ୍ରିତ ଦଳଗତ କମ୍ପାଉଣ୍ଡ ଇଭେଣ୍ଟରେ ତୋମନ କୁମାରଙ୍କ ସହ ମିଶି ଶୀତଲ ସ୍ୱର୍ଣ୍ଣ ଜିତିଥିଲେ। ଭାରତୀୟ ଯୋଡ଼ି ଫାଇନାଲ୍ରେ ଇଣ୍ଡୋନେସିଆର ତେଓଡୋରା ଅଡି ଅୟୁଡିଆ ଫେରେଲି ଓ କେନ୍ ସ୍ୱାଗୁମିଲାଙ୍ଗଙ୍କୁ ୧୫୧-୧୪୮ ପଏଣ୍ଟରେ ପରାସ୍ତ କରିଥିଲେ।ଏହାପରେ ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡ ଫାଇନାଲରେ ଶୀତଲ ସିଙ୍ଗାପୁରର ଆଲିମ ନୁର ସ୍ୟାହିଦାଙ୍କୁ ୧୪୨-୧୩୯ ପଏଣ୍ଟରେ ହରାଇ ଦ୍ୱିତୀୟ ସ୍ୱର୍ଣ୍ଣ ହାସଲ କରିଥିଲେ। ମୁକାବିଲାରେ ପ୍ରାରମ୍ଭରେ ଚାରି ପଏଣ୍ଟ ପଛରେ ଥିଲେ ମଧ୍ୟ ଶୀତଲ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଥିଲେ। ୧୯ ବର୍ଷୀୟ ଶୀତଲ ବିଶ୍ୱ ଚାମ୍ପିଅନ୍ ଓ ବିଶ୍ୱ ମାନ୍ୟତାର ଶୀର୍ଷ ଖେଳାଳି ଭାବେ ନିଜ ଦକ୍ଷତାର ପୁଣି ପ୍ରମାଣ ଦେଇଛନ୍ତି। ୨୦୨୩ ହାଙ୍ଗଝୋଉ ଏସୀୟ ପାରା ଗେମ୍ସର ସଫଳତାକୁ ସେ ଏଥର ମଧ୍ୟ ଦୋହରାଇଛନ୍ତି।

ଆଥଲେଟିକ୍ସରେ ଭାରତର ସ୍ୱର୍ଣ୍ଣିମ ପ୍ରଦର୍ଶନ

ପାରା ଆଥଲେଟିକ୍ସରେ ମଧ୍ୟ ଭାରତକୁ ଏକାଧିକ ସଫଳତା ମିଳିଛି। ମହିଳା ଡିସ୍କସ୍ ଥ୍ରୋ ଏଫ୍୫୪ ବର୍ଗରେ ସୁବର୍ଣ୍ଣା ରାଜ ୧୫.୬୬ ମିଟର ଦୂରତାକୁ ଡିସ୍କସ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୪୪ ବର୍ଷୀୟ ଏହି ହ୍ୱିଲ୍ଚେୟାର ଆଥଲେଟଙ୍କ ପାଇଁ ଏହା ଏକ ବଡ଼ ସଫଳତା। ସେ ଚାରିଥର ୧୫ ମିଟରରୁ ଅଧିକ ଦୂରତାକୁ ଡିସ୍କସ୍ ଫିଙ୍ଗିଥିଲେ।

ପୁରୁଷ ୪୦୦ ମିଟର ଟି୪୭ ବର୍ଗରେ ଦିଲୀପ ଗାଡିତ ୪୮.୨୭ ସେକେଣ୍ଡରେ ଦୌଡ଼ ଶେଷ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୩ରେ ମଧ୍ୟ ସେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ପୁରୁଷ ଲଙ୍ଗ୍ ଜମ୍ପ୍ ଟି୪୪/ଟି୬୨/ଟି୬୪ ବର୍ଗରେ ସୋଲାଇରାଜ ଧର୍ମରାଜ ୭.୧୫ ମିଟର ଡେଇଁ ଏସୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ପଦକ ତାଲିକାରେ ଭାରତ ଚତୁର୍ଥ

ଚତୁର୍ଥ ଦିନର ପ୍ରଦର୍ଶନ ପରେ ଭାରତର ପଦକ ସଂଖ୍ୟା ୮୮ରେ ପହଞ୍ଚିଛି। ଏଥିରେ ୨୧ଟି ସ୍ୱର୍ଣ୍ଣ, ୨୬ଟି ରୌପ୍ୟ ଓ ୪୧ଟି କାଂସ୍ୟ ପଦକ ରହିଛି। ପ୍ରତିଯୋଗିତାର ପ୍ରଥମ ଦିନ ଭାରତ ଚତୁର୍ଥ ସ୍ଥାନରେ ଥିବାବେଳେ ଦ୍ୱିତୀୟ ଦିନ ଷଷ୍ଠ ଓ ତୃତୀୟ ଦିନ ପଞ୍ଚମ ସ୍ଥାନକୁ ଖସିଥିଲା। ଗୁରୁବାରର ଜବରଦସ୍ତ ପ୍ରଦର୍ଶନ ଭାରତକୁ ପୁଣି ଚତୁର୍ଥ ସ୍ଥାନକୁ ଫେରାଇ ଆଣିଛି।ପଦକ ତାଲିକାର ଶୀର୍ଷରେ ଚୀନର ପ୍ରାଧାନ୍ୟ ଜାରି ରହିଛି। ଚୀନ୍ ମୋଟ ୩୧୩ଟି ପଦକ ଜିତିଛି; ଏଥିରେ ୧୪୯ ସ୍ୱର୍ଣ୍ଣ, ୭୯ ରୌପ୍ୟ ଓ ୮୫ କାଂସ୍ୟ ରହିଛି। ଆୟୋଜକ ଜାପାନ ୧୩୬ ପଦକ ସହ ଦ୍ୱିତୀୟ ଓ ଉଜବେକିସ୍ତାନ ୧୧୭ ପଦକ ସହ ତୃତୀୟ ସ୍ଥାନରେ ରହିଛି। ଭାରତର ସମାନ ୨୧ ସ୍ୱର୍ଣ୍ଣ ଜିତିଥିବା ଦକ୍ଷିଣ କୋରିଆ ୭୦ଟି ମୋଟ ପଦକ ସହ ପଞ୍ଚମ ସ୍ଥାନରେ ଅଛି। ଅଧିକ ରୌପ୍ୟ ଓ କାଂସ୍ୟ ପଦକ ଥିବାରୁ ଭାରତ ଦକ୍ଷିଣ କୋରିଆଠାରୁ ଉପରେ ରହିଛି।

ଆଥଲେଟିକ୍ସ ଭାରତର ସବୁଠାରୁ ବଡ଼ ଶକ୍ତି

ଭାରତର ମୋଟ ପଦକ ମଧ୍ୟରୁ ପାରା ଆଥଲେଟିକ୍ସର ଅବଦାନ ସର୍ବାଧିକ। ଏହି ବିଭାଗରୁ ଭାରତ ୫୨ଟି ପଦକ ଜିତିଛି; ଏଥିରେ ୧୮ ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୧୮ କାଂସ୍ୟ ରହିଛି। ଏହା ସହ ପାରା ସନ୍ତରଣ, ପାରା ବ୍ୟାଡମିଣ୍ଟନ୍ ଓ ପାରା ଟେବୁଲ୍ ଟେନିସ୍ରୁ ମଧ୍ୟ ଭାରତକୁ ପଦକ ମିଳିଛି। ଚଳିତ ଏସୀୟ ପାରା ଗେମ୍ସରେ ଭାରତୀୟ ଖେଳାଳିଙ୍କ ଏହି ପ୍ରଦର୍ଶନ ଦେଶର ପାରା କ୍ରୀଡ଼ାର ବଢ଼ୁଥିବା ଶକ୍ତିକୁ ପ୍ରତିଫଳିତ କରୁଛି। ଅବଶିଷ୍ଟ ପ୍ରତିଯୋଗିତାରେ ମଧ୍ୟ ଭାରତ ପଦକ ସଂଖ୍ୟା ବଢ଼ାଇବା ସହ ତାଲିକାରେ ନିଜ ସ୍ଥାନକୁ ଆହୁରି ମଜବୁତ କରିବା ଲକ୍ଷ୍ୟରେ ରହିବ।



ଜୟନ୍ତୀଙ୍କୁ ରୌପ୍ୟ: ୪୦୦ ମିଟର ଦୌଡ଼ରେ ଗୌରବ ଆଣିଲେ

ଏସିଆନ୍ ପାରା ଗେମ୍ସରେ ଓଡ଼ିଶାର ଗର୍ବ ତଥା ଅନ୍ତର୍ଜାତୀୟ ପାରା ଆଥଲେଟ୍ ଜୟନ୍ତୀ ବେହେରା ମହିଳା ୪୦୦ ମିଟର ଦୌଡ଼ର ଟି-୪୭ ବର୍ଗରେ ରୌପ୍ୟ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ଓଡ଼ିଶାର କ୍ରୀଡ଼ା ଜଗତ ପାଇଁ ଏକ ଗର୍ବର ବିଷୟ। ଏହି ପ୍ରତିଯୋଗିତାରେ ଭାରତର ଏଚ ବୁମ୍ବାଡିୟା ୫୯.୯୭ ସେକେଣ୍ଡ ସମୟ ସହ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ, ଜୟନ୍ତୀ ବେହେରା ୧ ମିନିଟ୍ .୦୬୫ ସେକେଣ୍ଡ ସମୟ ସହ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି। ଥାଇଲାଣ୍ଡର ଏସ୍ଚ ଇନ୍ଥାଚୋଟ୍ ୧ ମିନିଟ୍ ୨.୫୮ ସେକେଣ୍ଡ ସମୟ ସହ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ଜିତିଛନ୍ତି। ଜୟନ୍ତୀଙ୍କ ଏହି ପଦକ ଓଡ଼ିଶାର ପାରା କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି। ତାଙ୍କର ଏହି ସଫଳତା ରାଜ୍ୟର ଅନ୍ୟ ପାରା ଆଥଲେଟମାନଙ୍କୁ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ କରିବାକୁ ପ୍ରେରଣା ଯୋଗାଇବ।



ସଞ୍ଜୁ, ଶ୍ରେୟାସ, ନମନ ଜିତାଇଲେ

ଖ୍ରୀଷ୍ଟଚର୍ଚ୍ଚ,୨୨।୧୦(ଏଜେନ୍ସି): ନ୍ୟୁଜିଲାଣ୍ଡ ମାଟିରେ ଭାରତୀୟ ଦଳ ନୂଆ ରେକର୍ଡ କରିଛି। ଶ୍ରେୟାସ ଆୟରଙ୍କ ନେତୃତ୍ୱାଧିନ ଭାରତ ରେକର୍ଡ ରନ ଚେଜ ସହ ଦମଦାର ବିଜୟ ହାସଲ କରିଛି। ନମନ ଧୀର ଛକା ମାରି ଦଳକୁ ବିଜୟ ଭେଟି ଦେବା ସହ ଟି-୨୦ ଶୃଙ୍ଖଳରେ ଭାରତ ୧-୦ରେ ଆଗୁଆ ହୋଇଛି। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୨୦ ଓଭରରେ ୪ ୱିକେଟ ହରାଇ ୨୨୫ ରନ କରିଥିଲା। ଜବାବରେ ଭାରତ ୧୯.୪ ଓଭରରେ ୨୩୦/୬ ରନ୍ କରି ୪ ୱିକେଟରେ ବିଜୟଲାଭ କରିଥିଲା। ଟି-୨୦ରେ ଭାରତ ଏହା ପୂର୍ବରୁ କେବେ ବି ଏତେ ରନ ଚେଜ କରିନଥିଲା। ସଞ୍ଜୁ ସାମସନ ୩୩ ବଲରୁ ୬୭ ରନର ଦମଦାର ଇନିଂସ ଖେଳି ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବରୁ ଭାରତ ୨୨୩ରେ ଅଷ୍ଟ୍ରେଲିଆ ବିପକ୍ଷ ବିଶାଖାପଟନମ ଟି-୨୦ ମ୍ୟାଚରେ ୨୦୯ ରନକୁ ପିଛା କରି ଜୁଟିଥିଲା। ଏବେ ଭାରତୀୟ ଦଳ ୨୩୦/୪ ରନ କରି ନ୍ୟୁଜିଲାଣ୍ଡ ମାଟିରେ ନୂଆ ଇତିହାସ ରଚିଛି। ସଞ୍ଜୁ ସାମସନଙ୍କ ୬୭ ରନ ବ୍ୟତୀତ ଅଧିନାୟକ ଶ୍ରେୟାସ ଆୟର ୨୮ ବଲରୁ ୪୨ ଏବଂ ନମନଧୀର ୧୫ ବଲରୁ ଅପରାଜିତ ୪୨ ରନର ଇନିଂସ ଖେଳି ଭାରତର ବିଜୟ ମୁଣ୍ଡି ମାରିଥିଲେ। ଖ୍ରୀଷ୍ଟଚର୍ଚ୍ଚରେ ଟସ ଜିତି ଅଧିନାୟକ ଆୟର ବୋଲିଂ ନିଷ୍ପତ୍ତି ନେଇଥିଲେ। ଦୀର୍ଘ ୪ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ଭୁବନେଶ୍ୱର କୁମାର ପ୍ରଥମ ଦୁଇ ଓଭରରେ ୱିକେଟ୍ ପାଇନଥିଲେ ହେଁ ମାପଚୁପ ବୋଲିଂ କରିଥିଲେ।



ନ୍ୟୁଜିଲାଣ୍ଡ ପାଇଁ ଫିନ ଆଲିନ ଓ ଟିମ୍ ସେଫର୍ଟ ମଧ୍ୟ ଧୈର୍ଯ୍ୟ ଦେଖାଇଥିଲେ। ପଞ୍ଚମ ଓଭରର ଶେଷ ବଲରେ ମୟଙ୍କ ଯାଦବ ୨୪ ରନ କରିଥିବା ସେଫର୍ଟଙ୍କୁ ଆଉଟ କରି ପ୍ରଥମ ସଫଳତା ଦେଇଥିଲେ। ଡାର୍ଲି ମିଚେଲ ଓ ଆଲିନ ଦ୍ୱିତୀୟ ୱିକେଟ ପାଇଁ ୩୧ ରନ ଯୋଡିବା ପରେ ଅକ୍ଷର ପଟେଲ ଏହି ପାର୍ଟନରସିପ ଭାଙ୍ଗିବାକୁ ସକ୍ଷମ ହୋଇଥିଲେ। ୨୪ ବଲରୁ ୪୫ ରନ କରି ଆଲିନ ପାଭିଲିୟନ୍ ଫେରିଥିଲେ। ନିଜର ଦ୍ୱିତୀୟ ସ୍ପେଲରେ ୨୮ ରନ କରିଥିବା ମିଚେଲଙ୍କୁ ପାଭିଲିୟନ ପଠାଇଥିଲେ ଅର୍ଶଦୀପ ସିଂ। ନ୍ୟୁଜିଲାଣ୍ଡ ୧୨୨ ରନରେ ୩ ୱିକେଟ୍ ହରାଇଥିଲେ ହେଁ ଗ୍ଲେନ ଫିଲିପ୍ସ ଓ ବେଭନ ଜାକବ ବଡ଼ସଟ ଖେଳିଥିଲେ। ଦୁହେଁ ଦଳୀୟ ସ୍କୋରକୁ ୧୯୫ରେ ପହଞ୍ଚାଇଥିଲେ। ଜାକବ ୩୧ ରନ ଓ ଫିଲିପ୍ସ ଶେଷ ଯାଏଁ ଅପରାଜିତ ରହି ୪୦ ବଲରୁ ୮୨ ରନ୍ କରିଥିଲେ। ତେଣୁ ଦଳୀୟ ସ୍କୋର ୨୨୫ ରନରେ ପହଞ୍ଚିଥିଲା। ଭାରତ ପକ୍ଷରୁ ଅର୍ଶଦୀପ ସିଂ, ମୟଙ୍କ ଯାଦବ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ୍ ପାଇଥିଲେ। ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଭୁବନେଶ୍ୱର କୁମାର ୪ ଓଭରରେ ୪୯ ରନ ଦେଇ କୌଣସି ୱିକେଟ ପାଇନଥିଲେ। ୨୨୬ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଭାରତ ପାଇଁ ସାମସନ ଓ ଅଭିଶେକ ଶର୍ମା ଦ୍ରୁତ ଆରମ୍ଭ କରିଥିଲେ। ଛକା ଚୌକା ମାରି ନ୍ୟୁଜିଲାଣ୍ଡ ବୋଲରଙ୍କୁ ଘାଇଲା କରିଥିଲେ। ୬ ଓଭର ମଧ୍ୟରେ ଦଳୀୟ ସ୍କୋର ୯୫ରେ ପହଞ୍ଚିଯାଇଥିଲା। ଅଭିଶେକ ୧୨ ବଲରୁ ୨୯ ରନ କରି ମାଇକେଲ ବ୍ରାସୱେଲଙ୍କ ବଲରେ ଆଉଟ୍ ହୋଇଥିଲେ। ସଞ୍ଜୁ ୨୩ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହାପରେ ୩୩ ବଲରୁ ୬୭ ରନ କରି ମିଚେଲ ସାଣ୍ଟନରଙ୍କ ବଲରେ ଆଉଟ୍ ହୋଇଥିଲେ। ତିଲକ ବର୍ମା ୬ ରନ ଓ ଇଶାନ କିଷାନ ମାତ୍ର ୧ ରନ କରି ଆଉଟ ହେବାରୁ ନ୍ୟୁଜିଲାଣ୍ଡ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇଥିଲା। କିନ୍ତୁ ଅଧିନାୟକ ଶ୍ରେୟାସ ଓ ଅକ୍ଷର ପଟେଲ ସ୍ଥିତି ସମ୍ଭାଳି ଥିଲେ



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୧୨୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୧୨୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।



ଲଜ୍ଜା

ଏସୀୟ ପାରା ଗେମ୍ସରୁ ଭାରତୀୟ ପାରା ସନ୍ତରଣକାରୀ ବିଦା

ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି): ଜାପାନର ନାଗୋୟାରେ ଚାଲିଥିବା ଏସୀୟ ପାରା ଗେମ୍ସ ୨୦୨୬ ମଧ୍ୟରେ ଭାରତୀୟ ଦଳକୁ ନେଇ ଏକ ବିବାଦ ସାମ୍ନାକୁ ଆସିଛି। ଭାରତୀୟ ପାରା ସନ୍ତରଣକାରୀ ମହମ୍ମଦ ଶମ୍ସ ଆଲମ ଶେଖକୁ ଜାପାନରୁ ଭାରତ ଫେରାଇ ଦିଆଯାଇଛି। ଏକ ହୋଟେଲର ମହିଳା କର୍ମଚାରୀଙ୍କ ସହ ଅସଦାଚରଣ ଓ ଯୌନ ଉତ୍ପୀଡ଼ନ ଅଭିଯୋଗ ପରେ ଜାପାନ ପୁଲିସ ତାଙ୍କୁ ଅଟକ ରଖିଥିବା ଖବର ପ୍ରକାଶ ପାଇଛି। ଏହି ଘଟଣା ପରେ ଭାରତୀୟ ପାରାଲିମ୍ପିକ୍ କମିଟି (ପିସିଆଇ) ପକ୍ଷରୁ ତାଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ ପଦକ୍ଷେପ, ଏପରିକି ଆଜୀବନ ବାସନ୍ଦ ପାଇଁ ସୁପାରିସ କରାଯାଇଛି। ତେବେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା ହୋଇନାହିଁ।

କ'ଣ ଘଟିଥିଲା?

ରିପୋର୍ଟ ଅନୁଯାୟୀ, ସୋମବାର ନାଗୋୟାରେ ଭାରତୀୟ ପାରା ସନ୍ତରଣ ଦଳ ରହୁଥିବା ହୋଟେଲରେ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଜଣେ ମହିଳା ହାଉସ୍କିପିଂ କର୍ମଚାରୀ ତାଙ୍କ କାମ ପାଇଁ ଶମ୍ସଙ୍କ କୋଠରିକୁ ଯାଇଥିବା ସମୟରେ ତାଙ୍କ ସହ ଅସଦାଚରଣ ହୋଇଥିବା ଅଭିଯୋଗ ଆସିଥିଲା। ମହିଳା କର୍ମଚାରୀ ହୋଟେଲ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ସ୍ଥାନୀୟ ଆୟୋଜକ କମିଟି ଓ ଭାରତୀୟ ଦଳର ଅଧିକାରୀଙ୍କୁ ଘଟଣା ବିଷୟରେ ଅବଗତ କରାଯାଇଥିଲା। ଅଭିଯୋଗ ପରେ ଜାପାନ ପୁଲିସ ଶମ୍ସଙ୍କୁ ଅଟକ ରଖିଥିଲା। ପରେ ତାଙ୍କୁ ପ୍ରତିଯୋଗିତାରୁ ହଟାଇ ଭାରତ ଫେରାଇ ଦିଆଯାଇଥିବା ରିପୋର୍ଟରେ କୁହାଯାଇଛି। ମଙ୍ଗଳବାର ସେ ଭାରତ ଫେରିଥିବା ଖବର ପ୍ରକାଶ ପାଇଛି। ଏହି ଘଟଣା ଯୋଗୁଁ ସେ ଏସୀୟ ପାରା ଗେମ୍ସରେ ନିଜର ନିର୍ଦ୍ଧାରିତ ଇଭେଣ୍ଟରେ ଭାଗ ନେଇପାରିନଥିଲେ।

ଆଜୀବନ ବାସନ୍ଦ ପାଇଁ ସୁପାରିସ

ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି ପିସିଆଇ। ସଂସ୍ଥାର ପକ୍ଷରୁ ଯୌନ ଅସଦାଚରଣ ଓ ଅନ୍ୟମାନଙ୍କ ସମ୍ମାନ, ସୁରକ୍ଷା ଏବଂ ଅଧିକାରକୁ କ୍ଷୁଣ୍ଣ କରୁଥିବା ଆଚରଣ ପ୍ରତି ଶୂନ୍ୟ-ସହନଶୀଳତା ନୀତି ରହିଥିବା କୁହାଯାଇଛି। ଭାରତୀୟ ଦଳର ମୁଖ୍ୟ ଦଳପତି ଶମ୍ସଙ୍କ ବିରୋଧରେ କଠୋରତମ ଶୃଙ୍ଖଳାଗତ ପଦକ୍ଷେପ ନେବାକୁ ସୁପାରିସ କରିଛନ୍ତି। ଏଥିରେ ଆଜୀବନ ବାସନ୍ଦ ମଧ୍ୟ ସାମିଲ ରହିଛି। ତେବେ ଏହି ସୁପାରିସ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନୁହେଁ। ସମ୍ପୃକ୍ତ କର୍ତ୍ତୃପକ୍ଷ ନିୟମ ଓ ପ୍ରକ୍ରିୟା ଅନୁଯାୟୀ ଘଟଣାର ସମୀକ୍ଷା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

କିଏ ଏହି ଶମ୍ସ ଆଲମ ଶେଖ୍?

୪୦ ବର୍ଷୀୟ ଶମ୍ସ ଆଲମ ଶେଖ୍ ବିହାରର ମୂଳ ବାସିନ୍ଦା ଏବଂ ଭାରତ ପକ୍ଷରୁ ଅନେକ ଅନ୍ତର୍ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ବିଶ୍ୱ ପାରା ସନ୍ତରଣର ତଥ୍ୟ ଅନୁଯାୟୀ, ସେ ପୁରୁଷ ୧୦୦ ମିଟର ବଟରଫ୍ଲାଏ ଏସ୍୫ ଓ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସ୍ବି୪ ବର୍ଗରେ ପୂର୍ବରୁ ବିଶ୍ୱର ଏକ ନମ୍ବର ଖେଳାଳି ରହିଥିଲେ। ୨୦୧୮ ମସିହାରେ ଇଣ୍ଡୋନେସିଆର ଜାକର୍ତ୍ତାରେ ଆୟୋଜିତ ଏସୀୟ ପାରା ଗେମ୍ସରେ ସେ ୨୦୦ ମିଟର ଓ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୫ରେ ରେକ୍ୟାଭିକ୍ ଅନ୍ତର୍ଜାତୀୟ ଗେମ୍ସର ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ରେ ସ୍ୱର୍ଣ୍ଣ ଜିତିବା ସହ ଭାରତୀୟ ଓ ଏସୀୟ ରେକର୍ଡ ସ୍ଥାପନ କରିଥିଲେ। ଏହି ଘଟଣା ଅନ୍ତର୍ଜାତୀୟ କ୍ରୀଡ଼ାରେ ଖେଳାଳିଙ୍କ ଆଚରଣ ଓ ଶୃଙ୍ଖଳାର ଗୁରୁତ୍ୱକୁ ପୁଣି ସାମ୍ନାକୁ ଆଣିଛି।



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି